

নিরপেক্ষ দৈনিক সম্বাদপত্র



ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ଶନିବାର ୦୫ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 05 September 2026

Vol.No. 36 ■ No.233 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ନେପାଳ ବନ୍ୟା ପରେ ଆସୁଛି ବିଚିତ୍ର ଚିତ୍ର: ୯ ଦିନ ପରେ ମାଟି ତଳୁ ଉଦ୍ଧାର ହେଲେ ୨ ଯୁବକ

ନୂଆଦିଲ୍ଲୀ,୪/୯ : ସଂଘର୍ଷ ଚାଲିଛି, ଜୀବନ ବଞ୍ଚିଛି। ଆମେ କୁହୁଛୁ ନେପାଳ ବନ୍ୟା ଓ ଭୂସ୍ଖଳନରେ ଉଦ୍ଧାରକାର୍ଯ୍ୟ କଥା । ୯ ଦିନ ପରେ ଏକ ନିବୁଜ ସୁଡ଼ଙ୍ଗ ଭିତରୁ ୨ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି । ୨ଶହ ଘଣ୍ଟାରୁ ଅଧିକ ସମୟ ଧରି ମୃତ୍ୟୁ ସହ ସଂଗ୍ରାମ ପରେ, କାଳର କରାଳ ଗର୍ଭରୁ ଜୀବନର ବିଜୟ ହୋଇଛି। ତେବେ କେମିତି ସମ୍ଭବ ହେଲା ଏଭଳି ଅବିଶ୍ୱସନୀୟ ଘଟଣା ଆଶ୍ଚର୍ଯ୍ୟ। ଅଲୌକିକ। ଚମତ୍କାର। ହାରିଗଲା ମୃତ୍ୟୁ, ଜିତିଲା ଜୀବନ। ଅନ୍ଧାରୀ ସୁଡ଼ଙ୍ଗ ଭିତରେ। ବଞ୍ଚିବାର ଆଶା ଦିକିଦିକି ଜଳୁଥିଲା। ନଅ ରାତି, ନଅ ଦିନ।। ନେପାଳର ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ଯୋଗୁ ମାଟିରେ ପୋତି ହୋଇଯାଇଥିବା ଟନେଲ୍ ଭିତରୁ ଆଜି ଜୀବନ୍ତ ଉଦ୍ଧାର



ହୋଇଛନ୍ତି ୨ ଜଣ । ଯିଏ ଏ ଦୃଶ୍ୟକୁ ଦେଖୁଛି, ଈଶ୍ୱରଙ୍କୁ ଧନ୍ୟବାଦ ଦେଉଛି । ତ୍ରିଶୁଳି ୩-ଏ ଜଳବିଦ୍ୟୁତ ପ୍ରକଳ୍ପର ସୁଡ଼ଙ୍ଗ ଭିତରୁ ଫୋରମ୍ୟାନ ସଞ୍ଜୟ ଶାହା ଏବଂ ମେକାନିକାଲ ସୁପରଭାଇଜର କବିର ମହର୍ଜନଙ୍କୁ ଟାଣି ଆଣିଛନ୍ତି ଉଦ୍ଧାରକାରୀ । ସଞ୍ଜୟ ଶାହା ଏବେ ସୁସ୍ଥ ଓ ସ୍ଥିର ଅଛନ୍ତି । ହେଲେ କବିର ମହର୍ଜନଙ୍କୁ ଆଇସିୟୁରେ ଭର୍ତ୍ତି କରିବାକୁ ପଡ଼ିଛି। ମାଟିର ପ୍ରାୟ ୧୭୦ ମିଟର ଗଭୀରରେ, ଯେଉଁଠି ଆଲୋକର ଟୋପାଏ ବି ଚିହ୍ନ ନଥିଲା, ସେଠାରେ ଶେଷ ନିଶ୍ୱାସ ପାଇଁ ସମୟ ସହ ଲଢୁଥିଲେ ୨ ଶ୍ରମିକ। (ଏଆଇ) ଯେତେବେଳେ ବନ୍ୟା ସୁଡ଼ଙ୍ଗ ଭିତରକୁ ମାଡ଼ି ଆସିଲା, ଦୁଇ ଶ୍ରମିକ ନିଜ ଜୀବନ ବିକଳରେ ସୁଡ଼ଙ୍ଗର ଉପର ଭାଗକୁ ଦୌଡ଼ି ପଳାଇଥିଲେ । ସେହି ସାଢ଼େ ଚାରି କିଲୋମିଟର ଲମ୍ବା ସୁଡ଼ଙ୍ଗର ଗୋଟିଏ କୋଣରେ ପ୍ରକୃତି ନିଜେ ସେମାନଙ୍କ ପାଇଁ ଏକ 'ଏୟାର ପକେଟ' ତିଆରି କରିଦେଇଥିଲା। ଯେଉଁଠି କିଛି ଅମ୍ଳଜାନ ଛାତିରେ ପ୍ରାଣ ଭରୁଥିଲା, ଝରି ପଡୁଥିବା ପାଣି ଟୋପା ସେମାନଙ୍କ ଓଠକୁ ଓଦା କରୁଥିଲା। ସେହି ଭୟାବହ କାଳ-ଅନ୍ଧାରରେ, ପରସ୍ପରର ହାତ ଧରି, ସୀମିତ ଖାଦ୍ୟକୁ ରଖି ରଖି ଖାଇ, ସେମାନେ ମୃତ୍ୟୁକୁ ପ୍ରତି ମୁହୂର୍ତ୍ତରେ ହରାଇ ଚାଲିଥିଲେ।

◆◆ପୃଷ୍ଠା ୭

## ଗୋଟିଏ ଦିନରେ ଦୁଇଟି ପରୀକ୍ଷା: କେଉଁ ପରୀକ୍ଷା ଦେବେ କାହାକୁ ଛାଡ଼ିବେ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୪/୯ (ନି.ପ୍ର): ଦିନକରେ ଦୁଇଟି ଦୁଇଟି ପରୀକ୍ଷା। କେଉଁ ପରୀକ୍ଷା ଦେବେ କାହାକୁ ଛାଡ଼ିବେ, ତାକୁ ନେଇ ଦ୍ୱନ୍ଦ୍ୱରେ ଛାତ୍ରଛାତ୍ରୀ। ଆମେ କହୁଛୁ ଓଡ଼ିଶା ଲୋକସେବା ଆୟୋଗ ବା ଓପିଏସ୍‌ସି ଦ୍ୱାରା ପରିଚାଳିତ ଦୁଇଟି ବଡ଼ ପରୀକ୍ଷା କଥା। ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ମୁଖ୍ୟ ପରୀକ୍ଷା ଏବଂ ଓଡ଼ିଶା ଏଗ୍ରିକଲଚର ଇଞ୍ଜିନିୟରିଂ ସର୍ଭିସ୍ (ଓଏଇଏସ୍)ର ସହକାରୀ ଏଗ୍ରିକଲଚର୍ ଇଞ୍ଜିନିୟରିଂ ପଦ ପାଇଁ ପ୍ରିଲିମନାରି ପରୀକ୍ଷା ଗୋଟିଏ ଦିନରେ ରହିଛି। ନଭେମ୍ବର ୧ରେ ଉଭୟ ଓସିଏସ୍ ମୁଖ୍ୟ ପରୀକ୍ଷା ଏବଂ ସହକାରୀ ଏଗ୍ରିକଲଚର ଇଞ୍ଜିନିୟରିଂ ପ୍ରିଲିମନାରି ପରୀକ୍ଷା ଅଛି। ଗୋଟିଏ ଦିନରେ ଦୁଇଟି ନିଯୁକ୍ତି ପରୀକ୍ଷା ଥିବାରୁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଓସିଏସ୍ 'ଏ' ବର୍ଗ ପଦ ହୋଇଥିବା ବେଳେ ସହକାରୀ ଏଗ୍ରିକଲଚର ଇଞ୍ଜିନିୟରିଂ 'ବି' ବର୍ଗ ପଦ। ନିଯୁକ୍ତି କ୍ଷେତ୍ରରେ ଦେଖିଲେ ଦୁଇଟି ଯାକ ପଦ ଅତି ଗୁରୁତ୍ୱପୂର୍ଣ୍ଣ। ଏଗ୍ରିକଲଚରରେ ଇଞ୍ଜିନିୟରିଂ କରିଥିବା ଅନେକ ଛାତ୍ରଛାତ୍ରୀ ଓସିଏସ୍ ମୁଖ୍ୟ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଜଣେ ଅଭିଭାବକ କହିଛନ୍ତି, ଓସିଏସ୍ ମୁଖ୍ୟ ପରୀକ୍ଷା ଏବଂ ସହକାରୀ ଏଗ୍ରିକଲଚର ଇଞ୍ଜିନିୟରିଂ ପ୍ରିଲିମନାରି ପରୀକ୍ଷା ମଧ୍ୟରେ ଅତି କମ୍‌ରେ ୧୫ ଦିନ ବ୍ୟବଧାନ ରହିବା ଦରକାର। ଏହାଦ୍ୱାରା ଜଣେ ପରୀକ୍ଷାର୍ଥୀ ଉଭୟ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବ। ତେବେ ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ପରୀକ୍ଷା କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## କଟକଣାକୁ ମାନୁ ନାହାନ୍ତି: ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

ପୁରୀ , ୪/୯ (ନି.ପ୍ର): କୋଟିକୋଟି ଶ୍ରଦ୍ଧାଳୁଙ୍କ ମଉଡ଼ମଣି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଉପରେ ପୁଣି ଥରେ ଡ୍ରେନ୍ ଉଡ଼ିଛି। ଶ୍ରୀମନ୍ଦିର ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଥିବା ବେଳେ କିଛି ଲୋକ ନିଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଠାରେ ଡ୍ରୋନ୍ ଉଡ଼ାଉଛନ୍ତି, ଯାହାକି ଭକ୍ତଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି। ପୁଣି ଶ୍ରୀମନ୍ଦିର ସୁରକ୍ଷା ଉପରେ ଉଠିଲା ବଡ ପ୍ରଶ୍ନବାଚୀ ଉଠିଛି କ୍ଷ ନୋ ଫ୍ଲାଇଂ ଜୋନ୍ ଭିତରେ ପୁଣି ଉଡ଼ିଲା ଡ୍ରୋନ୍। ଶ୍ରୀମନ୍ଦିରର ସିଂହଦ୍ୱାରଠୁ ନୀଳଚକ୍ର ଯାଏଁ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଛିକ୍ଷ ଶ୍ରୀମନ୍ଦିର ଓ ଏହାର ଆଖପାଖ ସମ୍ପୂର୍ଣ୍ଣ ନୋ ଫ୍ଲାଇଂ ଜୋନ୍ ଡ୍ରୋନ୍ ଉଡାଇବା ସମ୍ପୂର୍ଣ ନିଷେଧ। ହେଲେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛିକ୍ଷ ଗତ କିଛି ମାସ ମଧ୍ୟରେ ଏଭଳି ଘଟଣା ବାରମ୍ବାର ଘଟୁଛି। ଶ୍ରୀମନ୍ଦିର ଉପରେ ବାରମ୍ବାର ଏଭଳି ଡ୍ରୋନ ଉଡୁଥିବାବେଳେ ପୁଲିସ ନିରବ ଦ୍ରଷ୍ଟା ସାଜିବା ଓ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଘଟଣାକୁ ଶ୍ରଦ୍ଧାଳୁ ଓ ସେବାୟତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିର ସୁରକ୍ଷାରେ ଅବହେଳା ହେଉଥିବାବେଳେ ପୁଲିସ ପ୍ରଶାସନ ଓ ସରକାର ଚୁପ୍ ବସିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। କିଏ ଏବଂ କାହିଁକି ଡ୍ରୋନ୍ ଉଡାଇଲା ତା'କୁ ନେଇ ଉଠିଛି ପ୍ରଶ୍ନ ? ପୂର୍ବରୁ ମଧ ଶ୍ରୀମନ୍ଦିର ଉପରେ ବାରମ୍ବାର ଉଡିଛି ଡ୍ରୋନ୍। ହେଲେ ଡ୍ରୋନ ଉଡାଣ ଉପରେ ରୋକ୍ ଲଗାଇବାରେ କୌଣସି ସ୍ୱତନ୍ତ୍ର ପଦକ୍ଷେପ ପୋଲିସ ପକ୍ଷରୁ ନିଆଯାଉନାହିଁ । ତୁରନ୍ତ ଶ୍ରୀମନ୍ଦିର ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି ଶ୍ରଦ୍ଧାଳୁ। ସୂଚନା ଅନୁସାରେ ଆଜି ଶ୍ରୀମନ୍ଦିରର ସିଂହଦ୍ୱାର ଠାରୁ ନୀଳଚକ୍ର ଯାଏଁ ଡ୍ରୋନ୍ ଉଡ଼ିଥିବା ଭକ୍ତମାନେ ଦେଖିଛନ୍ତି। ଡ୍ରୋନ୍ ଉଡ଼ିବା ସମୟରେ ଭକ୍ତମାନେ ଏହା ଦେଖିବା ପରେ ସିଂହଦ୍ୱାର ଥାନା ପୁଲିସକୁ ସୂଚନା ଦିଆଯାଇ ଥିଲା। ପୁଲିସ ଘଟଣାର ତଦନ୍ତ କରୁଛି।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲା: 'ଜାଣିଶୁଣି କମିସନ୍ ରିପୋର୍ଟ ଚାପି ଦିଆଯାଇଥିଲା', ଅଭିଯୋଗ ଆଣିଲେ ଆଇନମନ୍ତ୍ରୀ

ଭୁବନେଶ୍ୱର, ୪/୯ (ନି.ପ୍ର): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାକୁ ନେଇ ପୁଣି ତେଜ ହୋଇଛି ରାଜନୀତି । ଏହି ହତ୍ୟାକାଣ୍ଡ ପଛରେ ଷଡ଼ଯନ୍ତ୍ର ଥିବା ସନ୍ଦେହ ଉପୁଜିଥିବା କହିଛନ୍ତି ଆଇନମନ୍ତ୍ରୀ । ପୂର୍ବ ବିଜେଡି ସରକାର ଉପରେ ଗୁରୁତର ଅଭିଯୋଗ ଆଣି ଆଇନମନ୍ତ୍ରୀ କହିଛନ୍ତି, ଜାଣିଶୁଣି କମିସନ୍ ରିପୋର୍ଟକୁ ଚାପି ଦିଆଯାଇଥିଲା । ଆଇନମନ୍ତ୍ରୀଙ୍କ କହିବା ଅନୁସାରେ, ସ୍ୱାମୀଜୀଙ୍କ ହତ୍ୟାକାଣ୍ଡର ତଦନ୍ତ ସମ୍ପର୍କିତ କମିସନ୍ ରିପୋର୍ଟକୁ ବିଗତ ସରକାର ଜାଣିଶୁଣି ହଜେଇ ଦେଇଥିବା ଅଭିଯୋଗ ରହିଛି । ଏହି କାରଣରୁ ହତ୍ୟାକାଣ୍ଡ ପଛରେ କୌଣସି ଷଡ଼ଯନ୍ତ୍ର ଥିଲା କି ନାହିଁ, ସେନେଇ ମଧ ସନ୍ଦେହ ସୃଷ୍ଟି ହେଉଛି । ମାମଲାକୁ ବର୍ତ୍ତମାନର



ସରକାର ଗୁରୁତ୍ୱର ସହ ନେଇଛନ୍ତି ବୋଲି ଆଇନମନ୍ତ୍ରୀ କହିଛନ୍ତି । କମିସନ୍ ରିପୋର୍ଟ ଖୋଜିବା ସହ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି । କିଏ ଏବଂ କାହିଁକି ତଦନ୍ତ ରିପୋର୍ଟକୁ ଚାପି ରଖିଥିଲେ, ତାହା ରିପୋର୍ଟ ସାମ୍ନାକୁ ଆସିବା ପରେ ସ୍ପଷ୍ଟ ହେବ ବୋଲି ଆଇନମନ୍ତ୍ରୀ କହିଛନ୍ତି । କମିସନ୍ ରିପୋର୍ଟ ମିଳିବ ଏବଂ ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ଥିବ, ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାରେ ପୁଣି ତଦନ୍ତ ଆରମ୍ଭ ହେବା ପରେ, ବହୁ ପୁରୁଣା ଏହି ଘଟଣାର ଅନେକ ଅସ୍ପଷ୍ଟ ଦିଗ ସାମ୍ନାକୁ ଆସିବ କି ନାହିଁ, ଏବେ ତାହା ଉପରେ ନଜର ।

## ଜନ୍ମାଷ୍ଟମୀରେ ଚାଷୀଙ୍କୁ ବଡ଼ ଉପହାର ହେଲେ ସରକାର: ଚାଷୀଙ୍କ ଖାତାକୁ ଗଲା ସିଏମ୍ କିଷାନର ପଞ୍ଚମ କିସ୍ତି ଟଙ୍କା



ଭୁବନେଶ୍ୱର, ୪/୯ (ନି.ପ୍ର): ଜନ୍ମାଷ୍ଟମୀରେ ଚାଷୀଙ୍କୁ ମିଳିଛି ସରକାରଙ୍କ ଉପହାର। ଚାଷୀଙ୍କ ଖାତାକୁ ଯାଇଛି ସିଏମ୍ କିଷାନ ଟଙ୍କା। ଓୟୁଏଟିର କୃଷି ଶିକ୍ଷା ସଦନରୁ ମୁଖ୍ୟମନ୍ତ୍ରୀ ଆଜି ଚାଷୀଙ୍କୁ ଦେଇଛନ୍ତି ଯୋଜନାର ପଞ୍ଚମ କିସ୍ତି। ୪୧ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସହ ୧୩ ହଜାରରୁ ଅଧିକ ଭୂମିହୀନ କୃଷି ପରିବାର ପାଇଛନ୍ତି ସହାୟତା। ରବି ଚାଷ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ ଏହି ଟଙ୍କା ସହାୟକ ହେବ ବୋଲି କହିଛନ୍ତି ସରକାର। ଜନ୍ମାଷ୍ଟମୀର ପବିତ୍ର ଅବସର। ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କଲେ ମୁଖ୍ୟମନ୍ତ୍ରୀ। ଆଉ ଏହାପରେ ଚାଷୀଙ୍କ ପାଇଁ ଖୋଲିଥିଲା ସରକାରୀ ସହାୟତାର ଦ୍ୱାର। ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନରୁ ସିଏମ୍ କିଷାନ ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

◆◆ପୃଷ୍ଠା ୭

## ଉତ୍ତରପ୍ରଦେଶରେ ବନ୍ୟା: ୨୬ ଜିଲ୍ଲା ପ୍ରଭାବିତ

ନୂଆଦିଲ୍ଲୀ,୪/୯ : ଉତ୍ତରପ୍ରଦେଶରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଥିବାବେଳେ ରାଜ୍ୟର ୨୬ଟି ଜିଲ୍ଲା ପ୍ରଭାବିତ ହୋଇଛି। ବନ୍ୟା କବଳିତ ଅଞ୍ଚଳରୁ ୧୭,୫୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏ ପର୍ଯ୍ୟନ୍ତ ବନ୍ୟାରେ କୌଣସି ମଣିଷ କିମ୍ବା ଗୃହପାଳିତ ପଶୁଙ୍କ ମୃତ୍ୟୁ ଖବର ମିଳିନାହିଁ ବୋଲି ରାଜ୍ୟ ସରକାର ଶୁକ୍ରବାର କହିଛନ୍ତି। ରିଲିଫ କମିସନରଙ୍କ କାର୍ଯ୍ୟାଳୟ ଅନୁସାରେ, ବନ୍ୟାରେ ପ୍ରାୟ ୩ ଲକ୍ଷ ୫୩ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ମୋଟ ୧୭,୫୪୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବାବେଳେ ୪,୮୪୭ ଜଣ ବର୍ତ୍ତମାନ ବିଭିନ୍ନ ରିଲିଫ ଶିବିରରେ ରହିଛନ୍ତି। ପ୍ରଭାବିତ ଅଞ୍ଚଳରେ ୧,୩୧୨ଟି ବନ୍ୟା ଆଶ୍ରୟସ୍ଥଳ, ୧,୬୩୪ଟି ବନ୍ୟା ଚୌକି ସ୍ଥାପନ କରାଯାଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ୧,୬୯୭ଟି ଡଙ୍ଗା ଓ ମୋଟରବୋଟ୍ ସହ ୧,୦୬୮ଟି ଡାକ୍ତରୀ ଦଳ ନିୟୋଜିତ ହୋଇଛନ୍ତି। ପ୍ରଭାବିତ ଲୋକଙ୍କୁ ୭୨,୮୯୭ଟି ଖାଦ୍ୟ ପ୍ୟାକେଟ୍



ଓ ୩ ଲକ୍ଷ ୬୭ ହଜାର ୫୫୧ଟି ମଧ୍ୟାହ୍ନଭୋଜନ ପ୍ୟାକେଟ୍ ବଣ୍ଟନ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ପାଇଁ ୫ ଲକ୍ଷ ୫୨ ହଜାରରୁ ଅଧିକ କ୍ଲୋରିନ୍ ବଟିକା ଏବଂ ୧ ଲକ୍ଷ ୮୭ ହଜାର ଓଆରଏସ୍ ପ୍ୟାକେଟ୍ ଦିଆଯାଇଛି। ୪୫ ହଜାରରୁ ଅଧିକ ପଶୁ ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ପାଇଁ ୫ ହଜାର କ୍ୱିଣ୍ଟାଲରୁ ଅଧିକ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ଅମରୋହା, ଅଯୋଧ୍ୟା, ଆଜମଗଡ଼, ବଦାଉଁ, ବଲିଆ, ବାରବାଙ୍କି, ବସ୍ତି, ଚନ୍ଦୌଲି, ଫରୁଖାବାଦ, ଗାଜିପୁର, ଗୋଣ୍ଡା, ଗୋରଖପୁର, ହରଦୋଇ, କାସଗଞ୍ଜ, କାନପୁର, ଲଖିମପୁର ଖେରି, ମିର୍ଜାପୁର, ମୋରାଦାବାଦ, ପିଲିଭୀତ, ପ୍ରୟାଗରାଜ, ରାଏବରେଲି, ରାମପୁର, ସନ୍ଥ କବୀରନଗର, ଶାହଜାହାନପୁର, ଉନ୍ନାଓ ଓ ବାରାଣସୀ ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇଛି। ଚିତ୍ରକୂଟରେ ମନ୍ଦାକିନୀ ନଦୀର ଜଳସ୍ତର ହ୍ରାସ ପାଇଛି। ତଥାପି ପ୍ରଶାସନ ସେଠାରେ ସତର୍କ ନଜର ରଖିଛି। ଜିଲ୍ଲାର ୩୬ଟି ପ୍ରଭାବିତ ଗ୍ରାମର ୧୩,୯୦୬ ଜଣଙ୍କୁ ସହାୟତା ଦିଆଯାଇଥିବାବେଳେ ୬୮୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ବନ୍ୟାରେ ୬୫୩ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପକ୍ଷରେ, ଗାଜିପୁରର ଦୁହିଆ ସରାଇଆ ନିକଟ ଗଙ୍ଗା ନଦୀର ଏକ ଦ୍ୱୀପରେ ଫସିଥିବା ୧୨ ଜଣ ମେଷପାଳକ ଓ

◆◆ପୃଷ୍ଠା ୭

## ଛାତ୍ରଛାତ୍ରୀଙ୍କ ଦୁର୍ଘଟଣା ସହୟତା ରାଶିକୁ ନେଇ ନୂଆ ନିର୍ଦ୍ଦେଶାବଳୀ

ଭୁବନେଶ୍ୱର, ୪/୯ (ନି.ପ୍ର): ଛାତ୍ରଛାତ୍ରୀଙ୍କ ଦୁର୍ଘଟଣା ସହୟତା ରାଶିକୁ ନେଇ ନୂଆ ନିର୍ଦ୍ଦେଶାବଳୀ ଜାରି ହୋଇଛି । ଶିଶୁ ବାଟିକାରୁ ଦ୍ୱାଦଶ ପଢୁଥିବା ଛାତ୍ରଙ୍କ ପାଇଁ ଲାଗୁ ହେବ ବ୍ୟବସ୍ଥା । ମୃତ୍ୟୁ କିମ୍ବା ଅକ୍ଷମତା କ୍ଷେତ୍ରରେ ସହାୟତା ରାଶି ମିଳିବ ୨ ଲକ୍ଷ ଟଙ୍କା । ଉଚ୍ଚତର ଚିକିତ୍ସା ଲାଗି ସ୍ଥାନାନ୍ତର ପାଇଁ ମିଳିବ ୩୦ ହଜାର ଟଙ୍କା । ଯାତାୟାତ ଖର୍ଚ୍ଚ ବାବଦକୁ ମିଳିବ ୧୦ ହଜାର ଟଙ୍କା । ସରକାରୀ ମେଡିକାଲରେ ନିଶୁଳ୍କ ଚିକିତ୍ସା ପ୍ରଦାନ କରାଯିବ । ଅନୁକମ୍ପା ସହାୟତା ରାଶି ମା' କିମ୍ବା ବାପାଙ୍କୁ ପ୍ରଦାନ କରାଯିବ । ଉଭୟ ନଥିଲେ ଜିଲ୍ଲାପାଳଙ୍କ ଦ୍ୱାରା ଚିହ୍ନଟ ଅଭିଭାବକଙ୍କୁ ମିଳିବ ସହାୟତା । ସହୟତା ରାଶି ପାଇଁ ପ୍ରଧାନଶିକ୍ଷକ, ଜିଲ୍ଲାପାଳ, ଡିଇଓ, ବିଇଓଙ୍କ ଅନୁମୋଦନ ଜରୁରୀ । ଅନୁମୋଦନର ୨୪ ଘଣ୍ଟା ମଧ୍ୟରେ ଅଭିଭାବକଙ୍କୁ ମିଳିବ ସହାୟତା ରାଶି ।

## ଘର ସାଜିଥିଲା ନିଶା ସାମ୍ରାଜ୍ୟର ଗୁପ୍ତ ଠିକଣା: ଫଂଝା ମାରିଲା ପୋଲିସ, ଖୋଲିଲା ଗଞ୍ଜେଇ ଗୁମର

ପୁରୀ, ୪/୯ (ନି.ପ୍ର): ଭଡ଼ା ଘରେ ଚାଲିଥିଲା ଗଞ୍ଜେଇ କାରବାର। ମିଳିଲା ଶତାଧିକ ପ୍ୟାକେଟ ଗଞ୍ଜେଇ ସହ ବିଡ଼ା ବିଡ଼ା ନୋଟ୍। ରେଡ୍ ବେଳେ ଗଞ୍ଜେଇ ଗୋଡାଉନ୍ ଓ ଟଙ୍କା ଖଣି ଦେଖି ପୋଲିସ ଆଖି ଟେରା। ପୁରୀ ଗୋପାଳପୁର ଗାଁରେ ପେଣ୍ଟକଟା ଥାନା ପୋଲିସ ରେଡ୍ କରିବା ପରେ ଯାହା ସାମନାକୁ ଆସିଲା ଦେଖିଲେ ଯେକେହି ତାଜୁବ ହେବେ। ଯେଉଁଠି ହାତ ମାରିଲେ



ବାହାରିଥିଲା ଗଞ୍ଜେଇ ପ୍ୟାକେଟ୍ ଆଉ ବିଡ଼ା ବିଡ଼ା ନୋଟ୍। ଗୋଟିଏ କ୍ୱିଣ୍ଟାଲ ଗଞ୍ଜେଇ ମିଳିଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ଜବତ ହୋଇଛି। ତାସହ ୨ ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ଖୋଳତାଡ ଜାରି ରଖିଛି ପୁରୀ ପୋଲିସ। ଭଲ ଭାବରେ ଦେଖନ୍ତୁ ଏଇ ତିନି ମହଲା ଘରକୁ। ଦେଖିଲେ ଯେକେହି ଭାବିବେ ସାଧାରଣ ଭଡ଼ା ଘରଟିଏ। ହେଲେ ରେଡ୍ ବେଳେ ଭିତରେ ଚାଲିଥିବା କାରସାଦି ପର୍ଦ୍ଦାଫାସ୍ ପରେ ପୋଲିସ ଆଖି ଟେରା ହୋଇଗଲା। ଗୋଟିଏ ପଟେ ପ୍ୟାକେଟ୍ ପ୍ୟାକେଟ୍

◆◆ପୃଷ୍ଠା ୭

## ବିମାନବନ୍ଦରରେ ଅଘଟଣ: ପାର୍କିଂ ବେଳେ ଖୁଣ୍ଟରେ ପିଟିହେଲା ବିମାନ

ନୂଆଦିଲ୍ଲୀ,୪/୯ : ଶ୍ରୀନଗର ବିମାନବନ୍ଦରରେ ଶୁକ୍ରବାର ସକାଳେ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତିଯାଇଛନ୍ତି ବିମାନ ଯାତ୍ରୀ। ନବୀ ମୁମ୍ବାଇରୁ ଶ୍ରୀନଗର ପହଞ୍ଚିଥିବା ଇଣ୍ଡିଗୋର ଏକ ବିମାନ ପାର୍କିଂ ହେବା ସମୟରେ ଭିଜୁଆଲ୍ ଡକିଂ ଗାଇଡାନ୍ସ ସିଷ୍ଟମ୍ (ଭିଡିଜିଏସ୍) ଖୁଣ୍ଟ ସହ



ପିଟି ହୋଇଯାଇଥିଲା। ତେବେ ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ଯାତ୍ରୀ ଓ କ୍ରିୟୁ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ସଂପୃକ୍ତ ବିମାନ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଇଣ୍ଡିଗୋ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ଶୁକ୍ରବାର ସକାଳ

◆◆ପୃଷ୍ଠା ୭

# ବାଲେଶ୍ୱର ସଦରର ଶ୍ରୀକଣ୍ଠପୁର ଓ ଯାଦପୁର ଅଞ୍ଚଳ ଏକମାସ ହେଲା ଜଳବନ୍ଦୀ



ବାଲେଶ୍ୱର,୪/୦୯ (ନି.ପ୍ର): ବାଲେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ମୌଜା ଶ୍ରୀକଣ୍ଠପୁର ୟୁନିଟ୍ ୧୩ ଓ ମୌଜା ଯାଦପୁର ୟୁନିଟ୍ ୧୧ ବୁଢ଼ାବଳଙ୍ଗ ନଦୀର ବନ୍ୟା ପ୍ରକୋପରେ ଦୀର୍ଘ ଏକମାସ ଧରି ଜଳବନ୍ଦୀ ହୋଇ ରହିଛି । ଚଳିତ ବର୍ଷ ଜୁଲାଇ ୨୮ ତାରିଖରେ ପ୍ରବଳ ପ୍ରଥମ ବନ୍ୟା ଆସିଥିଲା । ସେହିଦିନ ଠାରୁ ପରକୁ ପର ସାତଟି ବନ୍ୟା ଆସି ଏହି ଅଞ୍ଚଳକୁ ବାଲେଶ୍ୱର ସହର ଠାରୁ ବିଚ୍ଛିନ୍ନ କରିରଖିଛି । ମଝିରେ ଦିନେ ଦୁଇଦିନ ବନ୍ୟା ଛାଡ଼ିଥିଲେ ମଧ ତାହା ଔଷଧ, ପନିପରିବା ଓ ଅତ୍ୟାବଶକୀୟ ଜିନିଷପତ୍ର କିଣିବା ପାଇଁ ଯଥେଷ୍ଟ ନଥିଲା । ତେଣୁ ଚାକିରିଆ, ଖଟିଖିଆ, ସ୍କୁଲ ପିଲା, ରୋଗୀ ଓ ପ୍ରସୂତି ଅସହାୟ ଭାବରେ କେବଳ ଭଗବାନଙ୍କୁ ରକ୍ଷା କରିବା ପାଇଁ ପ୍ରାର୍ଥନା କରୁଥିଲେ । ଅଗଷ୍ଟ ଦଶ ତାରିଖରେ ହୋଇଥିବା ଭୟଙ୍କର ଜଳପ୍ରବାହ ଦ୍ୱାରା ବହୁ ଲୋକଙ୍କ ତଳ ତାଲା ଘରେ ପାଣି ପଶିଥିଲା । ଗାଈ, ଗୋରୁ, କୁକୁର ଓ ମଣିଷଙ୍କର ଆର୍ତ୍ତଚିତ୍କାର ସହିତ ଘୋ-ଘୋ ବନ୍ୟା ଲହଡ଼ି ମିଶି ସୃଷ୍ଟି କରିଥିଲା ଏକ ପୈଶାଚିକ ବିଭତ୍ସତା । ଖାଦ୍ୟ ରନ୍ଧନ କରିବା, ବିଛଣାରେ ଶୋଇବା ସମ୍ଭବ ନଥିଲା । ଭୋକିଲା ମଣିଷମାନେ ବିନିଦ୍ର ରଜନୀ କଟାଇଥିଲେ । ସ୍ୱାଧୀନତା ଦିବସରେ ଏମାନେ ସବୁ ଥିଲେ ପ୍ରକୃତି ଦ୍ୱାରା ଜଳବନ୍ଦୀ ।

ଏଯାବତ୍ ରାସ୍ତାରେ ଦୁଇଫୁଟ୍ ଉଚ୍ଚରେ ପାଣି ଚାଲିଛି । ନଦୀ ପାଣି ସହିତ ବାଲେଶ୍ୱର ସହରର ସମସ୍ତ ଡ୍ରେନ୍ ପାଣି ଏହି ବାଟେ ଦେଇ ସମୁଦ୍ରକୁ ଯାଉଛି । ତେଣୁ ବନ୍ୟାଜଳ ପୂର୍ବପରି ଶୀଘ୍ର କଟୁନାହିଁ । ଫଳରେ ରାସ୍ତା ଦବିଯାଇ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସମସ୍ୟା ବାବଦରେ ବିଧାୟକ, ଜିଲ୍ଲାପାଳ, ମ୍ୟୁନିସିପାଲିଟି, ଡ୍ରେନେଜ୍ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ କିଛି ସୁଫଳ ମିଳିନାହିଁ । ସରକାର ମ୍ୟୁନିସିପାଲିଟି ମାଧ୍ୟମରେ ଟେକ୍ସ ନେଉଥିଲେ ମଧ ସମସ୍ୟା ସମାଧାନ ପାଇଁ କିଛି ପଦକ୍ଷେପ ନେଉନାହାନ୍ତି, କେବଳ ଆବଶ୍ୟକ ଅନୁରୋଧ ବେଳେ ଓଡ୍ରାଫ୍ ଟିମ୍ ବେଳେବେଳେ ଆସି ସାହାଯ୍ୟ କରିଛି ।

ଶ୍ରୀକଣ୍ଠପୁର, ଯାଦପୁର, ନଗ୍ରମ ସହିତ କେଶପୁର, କସିମିଳା ଲୋକ ମଧ ବନ୍ୟା ଘେରରେ ରହି କଷ୍ଟ ପାଉଛନ୍ତି । ପାଖାପାଖି ଦୁଇ ହଜାର ଲୋକ ଜୀବନ ମରଣ ସହିତ ସଂଗ୍ରାମ କରିବା କଥା ପ୍ରଶାସନକୁ ବ୍ୟଥା ଦେଉନାହିଁ ।

ସରକାର, ପ୍ରଶାସନ, ମ୍ୟୁନିସିପାଲିଟି ସତ୍ୟାସତ୍ୟ ଅବଲୋକନ କରି ଏକ ସ୍ଥାୟୀ ଦୃଢ ପଦକ୍ଷେପ ଗ୍ରହଣ କଲେ ବହୁ ଲୋକ ବଞ୍ଚିବା ପାଇଁ ରାହା ପାଇବେ । ନହେଲେ ଏକ ଜନମଙ୍ଗଳ ରାଷ୍ଟ୍ରରେ ଅକାଳ ମୃତ୍ୟୁ ଶେଷକଥା ହେବ ।

# ଭଦ୍ରକର ୨.୧୩ ଲକ୍ଷ ଚାଷୀଙ୍କୁ ୪୨.୫୯ କୋଟିର ସିଏମ୍-କିଶାନ୍ ସହାୟତା

ଭଦ୍ରକ,୪/୦୯ (ନି.ପ୍ର): ରବି ଋତୁ୨୦୨୬-୨୭ ପାଇଁ ଭଦ୍ରକ ଜିଲ୍ଲାର ଚାଷୀମାନଙ୍କୁ ସିଏମ୍-କିଶାନ୍ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଆଜି ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା ।ଜିଲ୍ଲାର ୨,୧୨,୪୨୦ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୫୩୨ ଜଣ ଭୂମିହୀନ କୃଷି ପରିବାରକୁ ନେଇ ମୋଟ ୨,୧୨,୯୫୨ ଜଣ ହିତାଧିକାରୀଙ୍କୁ



ମୋଟ ୪୨ କୋଟି ୫୯ ଲକ୍ଷ ୪ ହଜାର ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି ।ଏହି ସହାୟତା ରାଶି ଚାଷୀମାନଙ୍କୁ ରବି ଫସଲ ପାଇଁ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ଉପକରଣ କ୍ରୟରେ ସହାୟକ ହେବ ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଶଶୀଭୂଷଣ ମହାପାତ୍ର, ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀମତୀ ପ୍ରୀତିରେଖା ମହାଲିକ, କୃଷି ବିଜ୍ଞାନ କେନ୍ଦ୍ର ଭଦ୍ରକର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତିଙ୍କ ସମେତ କୃଷି ବିଭାଗର ଅଧିକାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ ।ଏହି ଅବସରରେ ଚାଷୀମାନେ ସରକାରଙ୍କ ଚାଷୀ କଲ୍ୟାଣମୂଳକ ଯୋଜନାର ସୁଯୋଗ ନେଇ କୃଷି ଉତ୍ପାଦନ ଓ ଆୟ ବୃଦ୍ଧି ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା । 'ଚାଷୀଙ୍କ ସମୃଦ୍ଧି ମାଧ୍ୟମରେ ଓଡ଼ିଶାର ସମୃଦ୍ଧି' ଲକ୍ଷ୍ୟ ହାସଲ ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।

# ୮୧ତମ ରାଜ୍ୟ ପୋଲିସ ଫୁଟବଲ୍ ଚାମ୍ପିୟନସିପ-୨୦୨୬ ଉଦ୍‌ଯାପିତ

ଭୁବନେଶ୍ୱର,୪/୦୯ (ନି.ପ୍ର): ଆଜି କନ୍ଧମାଳସ୍ଥିତ ରିଜର୍ଭ ପୋଲିସ ପଡିଆ ଠାରେ ୮୧ତମ ରାଜ୍ୟ ପୋଲିସ ଫୁଟବଲ୍ ଚାମ୍ପିୟନସିପ-୨୦୨୬ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିୟନ ହୋଇଥିବା ଓଏସଏପି ପଞ୍ଚମ ବାଟାଲିୟନ ବାରିପଦା ଟିମକୁ ଟ୍ରଫି ପ୍ରଦାନ କରିଥିଲେ । ଏହା ସହ ରନର୍ସ ଅପ୍ ହୋଇଥିବା ସମ୍ବଲପୁର ପୋଲିସ ଜିଲ୍ଲା ଟିମକୁ ସେ ଟ୍ରଫି ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଖେଳାଳୀ ମାନଙ୍କୁ ଆଗାମୀ ଦିନରେ ଉତ୍କର୍ଷତା ପ୍ରଦର୍ଶନ କରିବା ସହ ଓଡିଶା ପୋଲିସର ସୁନାମ ବଢାଇବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର ବିଜେତା ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ରନର୍ସ-ଅପ୍ ଏବଂ ଅନ୍ୟ ସମସ୍ତ ଅଂଶଗ୍ରହଣକାରୀ ଦଳର ସଦସ୍ୟମାନଙ୍କ ସମର୍ପଣ ଏବଂ ମନୋବଳକୁ ଉଚ୍ଚ ପ୍ରଶଂସା କରିଥିଲେ । ସମସ୍ତ ଖେଳାଳି, ପ୍ରଶିକ୍ଷକ ଏବଂ ଆୟୋଜକଗଣ ଏହି ପୋଲିସ ଫୁଟବଲ ଚାମ୍ପିୟନସିପକୁ ସ୍ମରଣୀୟ କରିବାରେ ସେମାନଙ୍କର ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ । ଆଜି ଅପରାହ୍ନ ସମୟରେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦା ଓ ସମ୍ବଲପୁର ଜିଲ୍ଲା ପୋଲିସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦା ଦଳ ୧-୦ ଗୋଲରେ ସମ୍ବଲପୁର ପୋଲିସ ଜିଲ୍ଲାକୁ ପରାସ୍ତ କରି ବିଜେତା ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଏହି ଚାମ୍ପିୟନସିପ ୨୦ ଅଗଷ୍ଟରୁ ୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲା, ବାଟାଲିୟନ୍ ଓ ପୋଲିସ ପ୍ରତିଷ୍ଠାନରୁ ମୋଟ ୪୮ଟି ଦଳ ଭାଗ ନେଇଥିବା ବେଳେ ୬୪ ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୪ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ । । ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦାର କାରୁ ହାଁସଦା, ଶ୍ରେଷ୍ଠ ଗୋଲ କିପର ଭାବେ ସମ୍ବଲପୁର ଜିଲ୍ଲାର ପରେଶ ରାଉତ, ଶ୍ରେଷ୍ଠ ଡିଫେଣ୍ଡର ଭାବେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦାର ମନୋଜ ଟୁଡୁ, ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡାର ରବି କୁମାର ଶ୍ରେଷ୍ଠ, ଶ୍ରେଷ୍ଠ ଷ୍ଟ୍ରାଇକର ଭାବେ ସୁନ୍ଦରଗଡର ଆଲିଷ୍ଟର ବ୍ୟାଙ୍କର, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସମ୍ବଲପୁର ପୋଲିସ ଜିଲ୍ଲାର ଶ୍ରୀକାନ୍ତ ଭୋଇ, ଏବଂ ଶ୍ରେଷ୍ଠ ଶୃଙ୍ଖଳିତ ଟିମ ଭାବେ କନ୍ଧମାଳ ପୋଲିସ ଜିଲ୍ଲାକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉଦଯାପନୀ ଉତ୍ସବରେ ଜିଲ୍ଲାପାଳ (କନ୍ଧମାଳ) ଶ୍ରୀ ବେଦଭୂଷଣ, ଏସପି (କନ୍ଧମାଳ) ଶ୍ରୀ ରାମେନ୍ଦ୍ର ପ୍ରସାଦ, ଏସପି ବୌଦ୍ଧ, କୁଲଦୀପ ମୀନା,ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡା ଅଧିକାରୀ ନୀଳ ମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଆସନ୍ତା ୧୨ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର,୪/୦୯ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଆସନ୍ତା ତା-୧୨-୦୯-୨୦୨୬ (ଶନିବାର) ରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ସେମିଳିଗୁଡା, ଦଶମନ୍ତପୁର, ଲମତାପୁଟ ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସୋଲିସ୍ ଯୋଗ୍ୟ), ସ୍ୱୀକାରମୂଳକ ବୁଝାମଣା (ପ୍ଲି-ବାରଗେନିଂ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ସାଲିସ୍ୟୋଗ୍ୟ ଟ୍ରାଫିକ ଚାଲାଣ, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା ( ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) ପାରିବାରିକ ବିବାଦ, ଜମି ଅଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ ( ପେନସନ ମାମଲା ଅନ୍ତର୍ଭୁକ୍ତ) । ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟଳୟ, ଜିଲ୍ଲା ଅଦାଲତ ଓ ରାଜ୍ୟ/ ଜିଲ୍ଲା ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରଧିନ), ବୌଦ୍ଧିକ ସଂପତି ଅଧିକାର ମାମଲା ଖାଉଟି ବିବାଦ । ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରଧିନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋଷ ସହମତିରେ ସମାଧାନ ହେଉଅଛି । କେବଳ ବିଚାରଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇନଥିବା ମାମଲା ) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡିକ ( ସାଲିସ୍ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) । ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ତେଣୁ ଏହି ଲୋକ ଅଦାଲତରେ ମକଦ୍ଦମା / ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଡିକ୍ରିଜାରି ଯୋଗ୍ୟ । ଉପରୋକ୍ତ ଜଡିତ ସମସ୍ତ ମକଦ୍ଦମାର ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ବା ଜିଲ୍ଲାର ୦୭ ଗୋଟି ତାଲୁକ ଲିଗାଲ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

# ପିଏମ୍‌ଏୱାଇ-ବନ୍ଧୁ ଯୋଜନାରେ ପୂରଣ ହେଲା ରୁନୁ ପ୍ରଧାନଙ୍କ ନିଜସ୍ୱ ପକ୍କାଘରର ସ୍ୱପ୍ନ

ଭୁବନେଶ୍ୱର,୪/୦୯ (ନି.ପ୍ର): ଜଣେ ମହିଳାଙ୍କ ସଂଘର୍ଷରୁ ନିଜସ୍ୱ ପକ୍କାଘର ପର୍ଯ୍ୟନ୍ତ, ଫୁଲବାଣୀ ପୌରପରିଷଦର ୯ ନମ୍ବର ୱାର୍ଡର ଟେଲର୍ ରୁନୁ ପ୍ରଧାନଙ୍କ ଯାତ୍ରା ହେଉଛି ସାହସ, ଦୃଢ଼ତା ଏବଂ ଜନସାଧାରଣଙ୍କ ସରକାର ତାଙ୍କ ପାଖରେ ଠିଆ ହୋଇଥିବାର ଏକ ଜୀବନ୍ତ ଉଦାହରଣ । ତାଙ୍କ ପାଇଁ ଏକ ଘର କେବଳ ଚାରି କାନ୍ଥ ଏବଂ ଏକ ଛାତ ନୁହେଁ, ବରଂ ବର୍ଷ ବର୍ଷର ଅନିଶ୍ଚିତତା ପରେ ସୁରକ୍ଷା, ସମ୍ମାନ ଏବଂ ତାଙ୍କ ଦୁଇ ଝିଅଙ୍କ ପାଇଁ ଏକ ନିରାପଦ ଭବିଷ୍ୟତ । ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଭାବେ ରୁନୁ ସିଲେଇ କାମ କରି ପରିବାର ପ୍ରତିପୋଷଣ କରିବା ସହ ଝିଅମାନଙ୍କ ପାଠପଢ଼ା ଜାରି ରଖିଥିଲେ । ୨୦୨୫ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ଅଧୀନରେ ଆବେଦନ କରି ସେ ୨୦୨୫ ଜୁନ୍ ୧୨ ତାରିଖରେ କାର୍ଯ୍ୟାଦେଶ ପାଇଥିଲେ । ଅସାଧାରଣ ଦୃଢ଼ତା ପ୍ରଦର୍ଶନ କରି ସେ ମାତ୍ର ୩ ମାସ ୧୦ ଦିନ ମଧ୍ୟରେ ନିଜ ଘର ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ, ଯାହା ତାଙ୍କୁ ରାଜ୍ୟ ସରକାରଙ୍କ ଶୀଘ୍ର ସମାପ୍ତି ପ୍ରୋତ୍ସାହନ ପାଇଁ ଯୋଗ୍ୟ କରିଥିଲା । ଘର ନିର୍ମାଣର ତଦାରଖ ପାଇଁ ସମୟ ଦେବାକୁ ପଡ଼ିବାରୁ ସେ ସିଲେଇ ମେସିନ୍ ପାଖରେ କମ୍ ସମୟ ବିତାଇ ପାରିଥିଲେ, ଯାହାଫଳରେ ତାଙ୍କର ଦୈନନ୍ଦିନ ରୋଜଗାର ପ୍ରଭାବିତ ହୋଇଥିଲା । ଦୈନନ୍ଦିନ ରୋଜଗାର ଉପରେ ନିର୍ଭର କରୁଥିବା ଜଣେ ମହିଳାଙ୍କ ପାଇଁ ଏହା ଏକ ବଡ଼ ଆର୍ଥିକ ବୋଝ ପକାଇଥା'ନ୍ତା । ଠିକ୍ ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ପିଏମଏୱାଇ-ୟୁ-ବନ୍ଧୁ ପଦକ୍ଷେପ ଅଧୀନରେ ତାଙ୍କୁ ମଜୁରୀ କ୍ଷତି ପୂରଣ ସ୍ୱରୂପ ୨୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଏହି ସହାୟତା ତାଙ୍କ ପରିବାରର ତତ୍କାଳ ଜୀବିକାକୁ ସୁରକ୍ଷିତ ରଖିବାରେ ସହାୟକ ହୋଇଥିଲା । ରୁନୁଙ୍କ ଏହି ପରିବର୍ତ୍ତନର କାହାଣୀ ୨୦୨୬ ରାଜ୍ୟସ୍ତରୀୟ ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସାମ୍ନାକୁ ଆସିଥିଲା, ଯେତେବେଳେ ତାଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହ କଥାବାର୍ତ୍ତା କରିବାର ସୁଯୋଗ ମିଳିଥିଲା । ସେହି ସମୟରେ ମୁଖ୍ୟମନ୍ତ୍ରୀ ତାଙ୍କ ଆବାସ ଘର, ଅନ୍ୟାନ୍ୟ ସରକାରୀ ସୁବିଧା, ସୁଭଦ୍ରା ଯୋଜନାର ଅଭିଜ୍ଞତା ଏବଂ ପରିବାର ବିଷୟରେ ଆନ୍ତରିକତାର ସହ ପଚାରି ବୁଝିଥିଲେ । ରୁନୁ ନିଜର ସଂଘର୍ଷ, ଦାୟିତ୍ୱ ଏବଂ ସଫଳତାର ଯାତ୍ରାକୁ ବେଶ୍ ଆତ୍ମବିଶ୍ୱାସର ସହ ବର୍ଣ୍ଣନା କରିଥିଲେ । ଏହି ଯାତ୍ରା ପ୍ରମାଣ କରେ ଯେ ଯେତେବେଳେ ଦୃଢ଼ ସଂକଳ୍ପ ସହିତ ସମୟୋଚିତ ସରକାରୀ ସହାୟତା ମିଳିଥାଏ, ସେତେବେଳେ ପ୍ରତିକୂଳ ପରିସ୍ଥିତି ମଧ ସଫଳତାରେ ପରିଣତ ହୋଇଥାଏ ।

# ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାରିପଦା ,୪/୦୯ (ନି.ପ୍ର): ବାରିପଦା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କର ଏକ ଅଭିନବ ପ୍ରୟାସ ଦ୍ୱାରା ପ୍ରଥମ କରି ବାରିପଦା ବ୍ଲକର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ବିଦ୍ୟାଳୟମାନଙ୍କରେ ପିଲାମାନଙ୍କର ସୁରକ୍ଷା ଓ ନିରାପତ୍ତାକୁ ଆଖି ଆଗରେ ରଖି ଏକ ଦିନିଆ ପ୍ରଶିକ୍ଷଣ ଶିବିର ଚାରିଦିନ ଧରି ଚାଲି ଶେଷରେ ୦୩.୦୯.୨୦୨୬ ରିଖଦିନ ପୋଲିସଲାଇନ୍ ଉଚ୍ଚ ବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି ଓ ଉକ୍ତ ଉଦଯାପନୀ



ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରି ପୁର୍ଣ୍ଣଚନ୍ଦ୍ର ସେଠି ଯୋଗଦେଇ ବହୁ ଉପାଦେୟ କଥା ଉପଦେଶ ଦେଇଥିଲେ । ପ୍ରଶିକ୍ଷଣ ଶିବିରଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଶିବିରକୁ ବରିଷ୍ଠ ପ୍ରାଥମିକ ଚିକିତ୍ସା ରାଜ୍ୟ ସାଧନ କର୍ମୀ ସତ୍ୟ ନାରାୟଣ ଦାସ ପ୍ରଶିକ୍ଷକ ଭାବେ ଯୋଗଦାନ କରି ବିଦ୍ୟାଳୟ ମଧ୍ୟରେ କିପରି ଭାବେ ଛାତ୍ର ଛାତ୍ରୀ ମାନଙ୍କୁ ସୁରକ୍ଷିତ ରଖି ପାରିବା ପ୍ରଶିକ୍ଷାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାରର କୌଶଳ ପ୍ରଦାନ କରିଥିଲେ ଓ ଉକ୍ତ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକୁମାର ରାଉତ ପ୍ରଶିକ୍ଷାର୍ଥିମାନଙ୍କୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ଉକ୍ତ ଶିବିରକୁ ବାରିପଦା ବ୍ଲକର ଶିକ୍ଷକ ସମନ୍ୱୟ ସମିତିର ଅଧକ୍ଷ ଗୌରଗୋପାଳ ଲେଙ୍କା, ସାଧାରଣ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ଉପଦେଷ୍ଟା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟଙ୍କ ସହାୟତାରେ ଶିବିରଟି ପରିଚାଳନା ହୋଇଥିଲା । ଏଥିରେ ୫୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦାନ କରି ୦୩ ଟି କ୍ଲଷ୍ଟରର ସିଆରସିସି ଅଂଶ ଗ୍ରହଣ କରିଥିଲେ । ଶେଷରେ ସପନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୀରେ ପଦ୍ମଭୂଷଣ ସାଧ୍ୱୀ ଋତମ୍ଭରାଙ୍କ ମୁଖନିସୃତ ଶ୍ରୀମଦ୍ ଭାଗବତ କଥା ଶୁଣିଲେ ସାଂସଦ

## ସମାଜରେ ସକାରାତ୍ମକତାର ବୃହତ ରେଖା ଟାଣିବା: ଧର୍ମେନ୍ଦ୍ର ପ୍ରଧାନ



ପୁରୀ,୪/୦୯ (ନି.ପ୍ର): ଯେତେବେଳେ ସମାଜରେ ନାକାରାତ୍ମକତା ବୃଦ୍ଧି ପାଏ, ସେତେବେଳେ ତାହା ସମ୍ମୁଖରେ ସକାରାତ୍ମକତାର ଏକ ବଡ଼ ରେଖା ଟାଣିବାର ଆବଶ୍ୟକତା ରହିଥାଏ ବୋଲି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ପବିତ୍ର ଅବସରରେ ପୁରୀ ଠାରେ ଆୟୋଜିତ ଶ୍ରୀମଦ ଭାଗବତ କଥା କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପଦ୍ମଭୂଷଣ ଦିଦି ସାଧ୍ୱୀ ଋତମ୍ଭରା ଜୀଙ୍କ ଶ୍ରୀମଦ ଭାଗବତ କଥା ଶୁଣିବା ସହ ସେ କହିଛନ୍ତି ଯେ, ପୂଜ୍ୟ ଦିଦି ମା' ଜଣେ ଦୂରଦ୍ରଷ୍ଟା ସନ୍ଥ, ଯିଏ ନିଜର ଦିବ୍ୟ ସାଧନା ଓ ସେବା ମାଧ୍ୟମରେ ସମାଜରେ ସକାରାତ୍ମକତାର ବୃହତ ରେଖା ଟାଣିବାର କାର୍ଯ୍ୟ କରିଛନ୍ତି । ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ଅନଲାଇନ୍ ମାଧ୍ୟମକୁ ଉପଯୋଗ କରି ସେ ସମାଜକୁ ଆମର ସନାତନ ପରମ୍ପରା, ସଂସ୍କୃତି ଓ ସଂସ୍କାର ସହ ଯୋଡ଼ିବାର ପ୍ରଶଂସନୀୟ ପ୍ରୟାସ କରିଛନ୍ତି । ପାଶ୍ଚାତ୍ୟ ପ୍ରଭାବ ଓ ପରାଧୀନ ମାନସିକତାରୁ ବାହାରି ନିଜ ସଂସ୍କୃତି ଓ ଗୌରବକୁ ଆପଣାଇବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ । ଏକବିଂଶ ଶତାବ୍ଦୀରେ ଆଧ୍ୟାତ୍ମିକତାର ସୁଦୃଢ଼ ଭିତ୍ତିଭୂମି ବିନା 'ବିକଶିତ ଭାରତ'ର ସଂକଳ୍ପ ପୂରଣ ହୋଇପାରିବ ନାହିଁ । ବଦଳୁଥିବା ସମୟ ସହ ଆସୁଥିବା ନୂତନ ଆହ୍ୱାନ୍ ଗୁଡ଼ିକର ସାମ୍ନା କରିବା ପାଇଁ ଆଧ୍ୟାତ୍ମିକତା ହିଁ ଆମର ସବୁଠାରୁ ବଡ଼ ଶକ୍ତି । ସାଧ୍ୱୀ ଋତମ୍ଭରା ଜୀଙ୍କ ଦ୍ୱାରା ଅନଲାଇନ୍ (ଗୁଗଲ୍ ମିଟ୍) ମାଧ୍ୟମରେ ପ୍ରତିସନ୍ଧ୍ୟାରେ ଆୟୋଜିତ ହେଉଥିବା ହନୁମାନ ଚାଳିଶା ପାଠ ଓ ସନ୍ଧ୍ୟା ଆରତୀରେ ଓଡ଼ିଶା ସମେତ ସମଗ୍ର ଭାରତବର୍ଷର ଶ୍ରଦ୍ଧାଳୁମାନେ ସାମିଲ ହେବା ପାଇଁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି । ଶ୍ରୀମଦ ଭାଗବତ କଥା ଓ ଅନଲାଇନ୍ ସତ୍ସଙ୍ଗ ମାଧ୍ୟମରେ ସମାଜରେ ସେବା, ସଂସ୍କାର ଓ ସ୍ୱାଭିମାନର ଜାଗରଣ ଆଣିବା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

# କେନ୍ଦୁଝରରେ ସିଏମ୍-କିଷାନ ଯୋଜନାର ପଂଚମ କିସ୍ତି ସହାୟତା ବଂଟନ

କେନ୍ଦୁଝର,୪/୦୯ (ନି.ପ୍ର): ସିଏମ୍-କିଷାନ ସମ୍ମାନ ନିଧି ଯୋଜନା ଅଧିନରେ ହିତାଧିକାରୀଙ୍କୁ ପଂଚମ କିସ୍ତି ଆର୍ଥିକ ସହାୟତା ପ୍ରଦାନ ପାଇଁ ଆଜି କେନ୍ଦୁଝର ଅଡିଟୋରିୟମ୍ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ ପ୍ରଥମେ ପବିତ୍ର ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ଉପସ୍ଥିତ ସମସ୍ତ ଚାଷୀ ଭାଇଭଉଣୀ ଓ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଓୟୁଏଟି କୃଷି ସେବା ସଦନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ସାରା ରାଜ୍ୟର କୃଷକ ଭାଇଭଉଣୀମାନଙ୍କ ବ୍ୟାଙ୍କ ଖାତାକୁ ରବି ୨୦୨୬-୨୭ କୃଷି କାର୍ଯ୍ୟକ୍ରମ ପାଇଁ ସିଏମ୍-କିଷାନ ଯୋଜନାର ଏହି ୫ମ ସହାୟତା ରାଶି ପ୍ରଦାନ କରିଥିଲେ । ଚାଷୀମାନଙ୍କ କଲ୍ୟାଣ ଓ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିବା ସହ କୃଷକ-କୈନ୍ଦ୍ରିକ ଯୋଜନାର ସୁଫଳ ଯେପରି ସ୍ୱଚ୍ଛ ଏବଂ ସମୟୋପଯୋଗୀ ଭାବେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଂଚି ପାରିବ, ସେ ନେଇ ସରକାରଙ୍କ ଦୃଢ଼ ସଂକଳ୍ପକୁ ଦୋହରାଇଥିଲେ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିଶ୍ୱଜୟୀ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସମାରୋହର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ତତ୍ପରେ ଜିଲ୍ଲାପାଳ କେନ୍ଦୁଝର ଜିଲ୍ଲାର ୨ ଲକ୍ଷ ୭ ହଜାରରୁ ଉର୍ଦ୍ଧ୍ୱ କୃଷିଜୀବୀଙ୍କୁ ୪୧ କୋଟି ୫୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏହି ଯୋଜନାରେ ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ । ସୂଚନାଯୋଗ୍ୟ ଯେ, ରବି ୨୦୨୬-୨୭ ଋତୁ ପାଇଁ କେନ୍ଦୁଝର ଜିଲ୍ଲାର ମୋଟ ୨,୦୭,୩୬୨ ଜଣ ହିତାଧିକାରୀଙ୍କୁ ପଂଚମ କିସ୍ତି ବାବଦରେ ୪୧ କୋଟି ୫୨ ଲକ୍ଷ ୬୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିମଧ୍ୟରୁ ୨,୦୭,୧୦୫ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ(ଏସ୍‌ଏମ୍‌ଏଫ୍)ଙ୍କୁ ୪୧ କୋଟି ୪୨ ଲକ୍ଷ ୧୦ ହଜାର ଟଙ୍କା ଏବଂ ୨୫୭ ଜଣ ଭୂମିହୀନ କୃଷି ପରିବାର(ଏଲ୍‌ଏଏଚ୍)ଙ୍କୁ ୧୦ ଲକ୍ଷ ୫୩ ହଜାର ଟଙ୍କା ସହାୟତା ରାଶି ମିଳିଛି । ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ ରାଜ୍ୟ ସରକାରଙ୍କ ପ୍ରଚଳିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ଯଥା ସିଏମ୍-କିଷାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଧାନ କ୍ରୟ, ଓ ସୁଭଦ୍ରା ଯୋଜନା ଆଦି ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ, ଆଗାମୀ ରବି ଋତୁ ପୂର୍ବରୁ ପ୍ରଦାନ କରାଯାଇଥିବା ଏହି ସହାୟତା ରାଶି ଚାଷୀମାନଙ୍କୁ ବିହନ, ସାର ଓ ଅନ୍ୟାନ୍ୟ କୃଷି ଉପକରଣ କ୍ରୟ କରିବାରେ ବିଶେଷ ସହାୟକ ହେବ ଏବଂ କୃଷକ ପରିବାରଗୁଡ଼ିକର ଜୀବିକାରେ ଉନ୍ନତି ଆଣିବ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ ଯୋଗ ଦେଇଥିଲେ । ପ୍ରଶାସନିକ ସ୍ତରରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ସମେତ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ଅନ୍ୟାନ୍ୟ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀବୃନ୍ଦ ଯୋଗଦେଇଥିଲେ । କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ବହୁ ସଂଖ୍ୟକ ଚାଷୀ ଏବଂ କୃଷି ବୈଜ୍ଞାନିକମାନେ ଆଭାସୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ । ଏହି କାର୍ଯ୍ୟକ୍ରମ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ବିଷୟରେ ସୂଚନା ପ୍ରସାରଣ କରିବା ସହ କୃଷକ ସମାଜ ପ୍ରତି ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଦୋହରାଇବାର ସୁଯୋଗ ସୃଷ୍ଟି କରିଥିଲା ।

# ଗୁରୁଦିବସର ଅନୁଚିନ୍ତା



## ଅଜିତ କୁମାର ଜେନା

ଗୁରୁଭୂମି ଆମର ଏ ଭାରତବର୍ଷ। ଭାରତୀୟ ଆଧ୍ୟାତ୍ମିକ ଅନୁଚିନ୍ତନରେ ଗୁରୁହିଁ ସାକ୍ଷାତ ଭଗବାନ। ଗୁରୁଶିଷ୍ୟ ପରମ୍ପରାକୁ ଉଦ୍‌ଜ୍ଜୀବିତ ଓ ମହିମାନ୍ୱିତ କରିବାର ଗୁରୁତ୍ୱପୂର୍ଣ୍ଣ ଦିବସ ଏହି 'ଗୁରୁ ଦିବସ'। ଗୁରୁଙ୍କର ମୁଖନିଃସୃତ ପ୍ରତ୍ୟେକଟି ବାଣୀ ଶିଷ୍ୟର ଜୀବନକୁ କରେ ଆଦର୍ଶମୟ। 'ଗୁରୁ'- ସିଏ ଗୁଣରୁ ଅତୀତ ରୂପରୁ ବର୍ଦ୍ଧିତ। ସିଏ ଶିଷ୍ୟଙ୍କ ଭିତରେ ଜାଳିଦିଅନ୍ତି ଜ୍ଞାନର ଆଲୁଅ। ତାଙ୍କ ଆଶୀଷ ଜଣେ ଶିଷ୍ୟଙ୍କ ଜୀବନରେ ଆଣିଦିଏ ପୂର୍ଣ୍ଣତା। ପ୍ରତିଟି ସୋପାନରେ ସେ ସାଜନ୍ତି ପଥପଦର୍ଶକ। "ମନ୍ତ୍ରମୂଳ ଗୁରୁବାକ୍ୟ"- ଗୁରୁଙ୍କର ପ୍ରତିଟି ବାଣୀ ଜୀବନ ପାଇଁ ମନ୍ତ୍ର ସଦୃଶ୍ୟ ଅଟେ। ଯାହାଙ୍କର ଆଦର୍ଶରେ ପ୍ଲାବିତ ହୋଇ ଶିଷ୍ୟ ହୋଇଥାଏ ଦିଗ୍‌ବିଜୟୀ, ଯିଏ ସୃଷ୍ଟିକୁ ଏକ ନୂତନ ଆଲୋକରେ ଉଦ୍‌ଭାସିତ କରି କାଳିମାକୁ ଭସ୍ମୀଭୂତ କରନ୍ତି ସେହି ପରମପୂଜ୍ୟ ଗୁରୁଙ୍କୁ ଏହି ପବିତ୍ର ଦିବସରେ ପ୍ରଣାମ। ଶାସ୍ତ୍ରରେ କୁହାଯାଇଛି - "ଶରୀରଦ ପିତାଦେବୀ ଜ୍ଞାନଦୋ ଗୁରୁରେବଚ, ଗୁରୋର୍ଗୁରୁ ତରୋନାସ୍ତି ସଂସାରେ ଦୁଃଖ ସାଗରେ" ଅର୍ଥାତ୍ ପିତା ମାତା ଆମର ଦେହଦାତା ଅଟନ୍ତି। ଏ ଦୁଃଖପୂର୍ଣ୍ଣ ସଂସାରରେ ଗୁରୁଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ଆଉ କିଛିନାହିଁ। ତାଙ୍କ ସ୍ଥାନ ସଂସାରରେ ସ୍ୱତନ୍ତ୍ର। ପିତାମାତା ଆମ ଜନ୍ମର ହେତୁ ହୋଇଥିବାରୁ ସର୍ବାଦୌ ପୂଜନୀୟ। ଗୁରୁ ବିଶେଷ ଭାବେ ପୂଜ୍ୟ କାରଣ ସେ ଧର୍ମ ଓ ଅଧର୍ମ କ'ଣ ତା'ର ପ୍ରଦର୍ଶନ କରାଇ ଦେଇଥାଆନ୍ତି। ତେଣୁ ଶାସ୍ତ୍ର କହେ - "ଜନ୍ମହେତୃ ହି ପିତରୌ ପୂଜନୀୟୌ ପ୍ରଯତ୍ନତଃ, ଗୁରୁ ବିଶେଷତଃ ପୂଜ୍ୟୋ ଧର୍ମାଧର୍ମ ପ୍ରଦର୍ଶକଃ।" ଗୁରୁ ହିଁ ଗୋବିନ୍ଦଙ୍କୁ ପାଇବାର ମାର୍ଗ ଦର୍ଶାଇଥାନ୍ତି। ଗୁରୁ ଆଶୀର୍ବାଦରେ ଶିଷ୍ୟ ହୁଏ ମହାନ୍। ଦେବାସୁର, ମୁନିଋଷି, ସାଧୁସନ୍ଥ ଆଦି ଗୁରୁକୃପାରୁ ମହାନ୍ ହୋଇଥିବାର ଶାସ୍ତ୍ର କହେ। କାଦୁଅ ମେଞ୍ଚା ଯେପରି କାରିଗର ହାତରେ ସୁମଧୁର ସ୍ପର୍ଶରେ ଜୀବନ୍ତ ହୋଇଉଠେ, ସେହିପରି ଉତ୍ତମ ଗୁରୁଙ୍କ ଆଦର୍ଶର ସୁମଧୁର ଛୁଆଁରେ ଶିଷ୍ୟଟିଏ ପାଲଟିଯାଏ ଜାତି ଉନ୍ନତିର କର୍ଣ୍ଣଧାର। ପଦେପଦେ ଶିକ୍ଷା ଦେଇ ଗୁରୁ ପାଲଟିଯାଏ ଶିଷ୍ୟର ହୃଦୟ ଆକାଶର ଉଜ୍ଜ୍ୱଳ ତାରକା। ଗୁରୁଙ୍କଠାରୁ ସତ୍ ମାର୍ଗରେ ଯିବାପାଇଁ ପ୍ରେରଣା ଓ ସୁପ୍ତ ନିଦ୍ରାର ଜାଗରଣ ବାର୍ତ୍ତା ଗ୍ରହଣ କରି ଶିଷ୍ୟଟିଏ ଆଦର୍ଶବାନ ମଣିଷଟିଏ ହୋଇ ଠିଆହୁଏ ସମାଜରେ।

ଗୁରୁଶିଷ୍ୟ ସଂପର୍କ ଆଜିର ନୁହେଁ। ପୌରାଣିକ କାଳରୁ, ବହୁ ଯୁଗରୁ ଆଉ ବହୁ ଯୁଗକୁ। ଏକଲବ୍ୟଙ୍କ ଦ୍ରୋଣଙ୍କୁ ପ୍ରଦତ୍ତ ଗୁରୁଦକ୍ଷିଣା ଧୌମ୍ୟ - ଉପମନ୍ୟୁଙ୍କ ଆଦର୍ଶ ଓ ବ୍ୟାସଦେବଙ୍କ ସାମାନ୍ୟ ବନବାସୀ ବାଳକଙ୍କ ପ୍ରତି ଗୁରୁଭକ୍ତି ଗୁରୁଶିଷ୍ୟ ପରମ୍ପରାକୁ ମହିମାନ୍ୱିତ କରିଛି। ହେଲେ ସମୟସ୍ରୋତରେ ପରିବର୍ତ୍ତନଶୀଳ ସମାଜରେ ଆଜି ଗୁରୁ ଶିଷ୍ୟ ସମ୍ପର୍କ ବଦଳିଯାଇଛି। ଲୀନ ହୋଇଯାଇଛି ମାନସପଟରୁ ସେହି ଦ୍ରୋଣ, ଏକଲବ୍ୟ, ଧୌମ୍ୟ-ଉପମନ୍ୟୁ ଆଦର୍ଶ ମହନୀୟ ଗୁରୁ ଶିଷ୍ୟ ସଂପର୍କ। ଶିକ୍ଷାଦାତା ଗୁରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସ୍ୱରୂପ ବର୍ଣ୍ଣିତ। ସେ ସତ୍ୟ ଶିବ ସୁନ୍ଦର। ସେ ସୃଷ୍ଟିକର୍ତ୍ତା ଆଦର୍ଶ ବ୍ୟକ୍ତିତ୍ୱର, ଧ୍ୱଂସକର୍ତ୍ତା ନଷ୍ଟଚରିତ୍ରର। ଗୁରୁଶିକ୍ଷା ଅମର ଆଉ ଅମୂଲ୍ୟ ସମ୍ପଦ ଅଟେ। ପୌରାଣିକ କାଳରେ ଗୁରୁଶିଷ୍ୟ ସଂପର୍କ ଥିଲା ଅନନ୍ୟ। ଗୁରୁ ସ୍ନେହ, ଶ୍ରଦ୍ଧା, ଭଲପାଇବା, ବାତ୍ସଲ୍ୟ ପ୍ରଦାନ କରିବାରେ କୁଣ୍ଠାବୋଧ କରୁନଥିଲେ। ଶିଷ୍ୟର ସାମଗ୍ରିକ ବିକାଶ ଘଟାଇବା ଥିଲା



ତାଙ୍କର ପରମଲକ୍ଷ୍ୟ। ନିଜ ପ୍ରଦତ୍ତ ବାଣୀ, ଜ୍ଞାନ, ବିଦ୍ୟା ଓ ଉପଦେଶକୁ ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ସେ ଅଭିପ୍ରେରିତ କରୁଥିଲେ ଶିଷ୍ୟମାନଙ୍କୁ। ଗୁରୁଙ୍କର ସ୍ଥାନ ଥିଲା ସ୍ୱତନ୍ତ୍ର, ସବୁଠାରୁ ଉଚ୍ଚରେ। ହେଲେ ଆଜି - କାଚରେ ଗଢ଼ା ସ୍ତୁପଟେ ଭାଙ୍ଗିଗଲା ପରି ଗୁରୁଶିଷ୍ୟ ସମ୍ପର୍କ ପାଲଟି ଯାଇଛି ଭଗ୍ନସ୍ତୁପ। ଗୁରୁଶିଷ୍ୟ ସମ୍ପର୍କରେ ଘୋଟିଆସିଛି ଅମା ଅନ୍ଧକାର। ହେଲେ ଏଥିପାଇଁ ଦାୟୀ କିଏ? ଗୁରୁ ନା ଶିଷ୍ୟ, ନା ସମାଜ ନା ସଂସ୍କାର ନା ଶିକ୍ଷା ବ୍ୟବସ୍ଥା। ଗୁରୁ ଆଜି ଶିଷ୍ୟଙ୍କୁ ସୁଶିକ୍ଷା, ଦିଗ୍‌ଦର୍ଶନ ଦେବା ପରିବର୍ତ୍ତେ ପ୍ରଦାନ କରୁଛି ଅର୍ଥ ବିନିମୟରେ କିଛି ନମ୍ବର ଆଉ ସାର୍ଟିଫିକେଟ୍। ଅଧ୍ୟାପକ ଓ ଅଧ୍ୟାପନା ମଧ୍ୟରେ ସୀମିତ ହୋଇଯାଇଛି ଗୁରୁ ଶିଷ୍ୟ ସଂପର୍କ। ଗୁରୁ-ଶିଷ୍ୟ ପରମ୍ପରା ପାଲଟିଛି ଶିକ୍ଷକ-ଛାତ୍ର ପରମ୍ପରା। ଶ୍ରେଣୀଗୃହ ଶିକ୍ଷା ହେଉଛି ଦିଗହରା। ବଦଳୁଛି ଅନୁଶାସନର ସଂଜ୍ଞା। ଆନ୍ତରିକତା ନାହିଁ ବିଦ୍ୟାଦାନ କରିବାରେ ଶିକ୍ଷକଙ୍କର। ଏଭଳି କୁଶିକ୍ଷା ଓ ଅଧୋମୁଖୀ ନୈତିକ ବଳ ପ୍ରଭାବରେ ନିଷ୍ପାପ ଶିଶୁଟିଏ ପାଲଟିଯାଉଛି ଅପରାଧୀ, ଅଜ୍ଞାନୀ ଓ ଲୁଣ୍ଠନକାରୀ। କେତେ ଶିକ୍ଷକ ଆଜି ଜୀବନର ବାସ୍ତବତାକୁ ପ୍ରକାଶ କରିବା ପାଇଁ ଆବଶ୍ୟକ ଶିକ୍ଷାକୁ କରି ଦେଇଛନ୍ତି ପଣ୍ୟଦ୍ରବ୍ୟ ଆଉ ପ୍ରଗତିର ମୂଳମନ୍ତ୍ର ଶିକ୍ଷା ଆଜି ପାଲଟିଛି ବଜାରର ସଉଦା। ଫଳରେ ବିଦ୍ୟାର ଲକ୍ଷ୍ୟ 'ମୋକ୍ଷ' ନହୋଇ ଧନାର୍ଜ୍ଜନ ହୋଇଛି। ଛାତ୍ରଛାତ୍ରୀଙ୍କୁ ଭଲ ପାଇବା ଓ ସ୍ନେହ ଶ୍ରଦ୍ଧା ପ୍ରଦାନ ହୋଇଛି ଲୋକଦେଖାଣିଆ। ସେଦିନର ଗୁରୁକୁଳ ଆଶ୍ରମ ଆଜି ରୂପାନ୍ତର ହୋଇଛି ଆବାସିକ ବିଦ୍ୟାଳୟକୁ। ଯେଉଁଠି ଯନ୍ତ୍ରଣାରେ ସେ ଛଟପଟ। ବିଶୃଙ୍ଖଳିତ ଶିକ୍ଷକଙ୍କ ଆଚରଣ କେବେ ବି ଶୃଙ୍ଖଳିତ ହେବାର ରାସ୍ତା ଦେଖାଇ ପାରୁନି ଶିଷ୍ୟ ସେମାନଙ୍କୁ। ଯେଉଁ ଶିକ୍ଷକ ନିଜେ ପ୍ରେମ, ବୁଝାମଣା, ସହୃଦୟତା, ଅନୁଭବ ଆଦି ଗୁଣରେ ପରିପୂର୍ଣ୍ଣ ହୋଇଥିବ ସିଏ ହିଁ ଶିକ୍ଷାର୍ଥୀଙ୍କୁ ଯଥାର୍ଥ ଶିକ୍ଷା ଦେଇ ଏଥିରେ ସେମାନଙ୍କୁ ଅନୁଶାସିତ କରିପାରିବ। ରାଧାକ୍ରିଷ୍ଣନ୍‌ଙ୍କ ଦୃଷ୍ଟିରେ ଜଣେ ଶିକ୍ଷକହିଁ ଏକ ଜାତି ବା ରାଷ୍ଟ୍ରର ଯଥାର୍ଥ ନେତୃତ୍ୱ ନେଇପାରିବ, ଯାହା ତାଙ୍କ ନିଜ ଜୀବନରେ ପ୍ରତିଫଳିତ ହୋଇଛି।

କିନ୍ତୁ କିଛି ଅର୍ଥପିପାସୁ ଓ ନଷ୍ଟଚରିତ୍ରଙ୍କ କବ୍‌ଜାରେ ଆଜି ଶିକ୍ଷା ବ୍ୟବସ୍ଥା। ଯେଉଁମାନଙ୍କ ପାଇଁ ଆଜି ଶିକ୍ଷକ ସମାଜ ନିନ୍ଦା ଓ ଅପବାଦର ବୋଝ ମୁଣ୍ଡାଇ ଅଗ୍ରସର ହେବାକୁ ଅକ୍ଷମ। ଗୁରୁ ଶିଷ୍ୟ ସଂପର୍କ ବିପନ୍ନ ହୋଇଛି କେବଳ କେତେକ ଶିକ୍ଷକ ମୁଖାଧାରୀ ସଇତାନଙ୍କ ପାଇଁ। ଶିକ୍ଷା ପାଲଟିଛି ପଣ୍ୟ ଦ୍ରବ୍ୟ। ସମାଜର ଗରିବ, ନିଷ୍ପାପ ଶିଶୁଟି ଶିକ୍ଷା ଅଭାବରେ ତା'ର ଜୀବନ ଦୌଡ଼ରେ ପାଲଟି ଯାଉଛି ପରାଜିତ ପ୍ରତିଯୋଗୀ। ବଡ଼ବଡ଼ ସହରରେ ପ୍ରଯୁକ୍ତି ବିଦ୍ୟାର ପ୍ରଭାବରେ ଛାତ୍ରଟିଏ ଆଧୁନିକ ଶୈଳୀରେ ଗଢ଼ା ହେଉଥିବାବେଳେ ଆବଶ୍ୟକ ଶିକ୍ଷକ ଓ ପାଠାଗାରରେ ପୁସ୍ତକର ଅଭାବ ଥିବା ଗାଁ ସ୍କୁଲ୍‌ର ଶିଶୁଟି କେବଳ ମଧ୍ୟାହ୍ନ ଭୋଜନ, ଦୁଇ ହଳ ପୋଷାକ ଓ ଖଣ୍ଡିଏ ସାଇକେଲ୍‌କୁ ଆଦରି ନେଉଛି। ଗାଁର ସାଧାରଣ ଛାତ୍ରଟିର ଅଧିକାର ନାହିଁ ନିଜ ଜୀବନରେ ଆଧୁନିକତାକୁ ସ୍ଥାନ ଦେବାପାଇଁ। ଯାହା ଫଳରେ ଲକ୍ଷଲକ୍ଷ ସୁମଧୁର ସୌରଭିତ ପୁଷ୍ପ ଆଜି ବନର ମାଳତିପରି ବନରେ ଫୁଟି ବନରେ ହିଁ ଝଡ଼ି ପଡୁଛନ୍ତି। ନିଜ ଭିତରେ ଅନେକ ପ୍ରତିଭା ଥାଇ ବି ସେମାନେ ପ୍ରସ୍ଫୁଟିତ କରିପାରୁନାହାନ୍ତି। ଶିକ୍ଷକଙ୍କୁ ଅଣଶୈକ୍ଷିକ କାର୍ଯ୍ୟରେ ଲଗାଇ ଶ୍ରେଣୀଗୃହର ପବିତ୍ରତାକୁ ନଷ୍ଟ କରିଦିଆଯାଉଛି। ବିଭିନ୍ନ ବର୍ଗୀକରଣ ମାଧ୍ୟମରେ ଶିକ୍ଷକଙ୍କ ଆର୍ଥିକ ଓ ମାନସିକ ସ୍ଥିତିକୁ ଦୋହଲାଇ ଦିଆଯାଉଛି। ନିଜର ହକ୍ ପାଇଁ ଆଜି ରାଜରାସ୍ତାରେ ଆନ୍ଦୋଳନ କରୁଛି। ଆଜିର ଏଇ ସାମାଜିକ ବ୍ୟବସ୍ଥାରେ ଶିକ୍ଷକ ମ୍ରିୟମାଣ। ସ୍ୱାଧୀନତାର ସ୍ୱାଦ ଚଖାଇଥିବା ଏଇ ଶିକ୍ଷକ ପରାଧୀନତାର ଗ୍ଳାନିରେ ଜର୍ଜରିତ। ତ୍ରୁଟିପୂର୍ଣ୍ଣ ଶୈକ୍ଷିକ ବ୍ୟବସ୍ଥାରେ ସେ ଭାରାକ୍ରାନ୍ତ। ଏହା କ'ଣ ସରକାରଙ୍କର ସଫଳ ଯୋଜନା? କେବଳ ଯୋଜନା ପ୍ରଣୟନ କରି ତାକୁ ନାଲି, ନେଳି, ସବୁଜ ଫାଇଲ୍‌ରେ ରଖି ସୁନେଲି ସ୍ୱପ୍ନର ପରିକଳ୍ପନା କରିବା ସରକାରଙ୍କର କାମ ପାଲଟିଛି। ଗଣତନ୍ତ୍ର ସେତେବେଳେ ସାର୍ଥକତାର ଶୀର୍ଷରେ ପହଞ୍ଚିବ ଯେତେବେଳେ ପ୍ରତିଟି ବ୍ୟକ୍ତି ମାନସିକ ସ୍ତରରେ ଶିକ୍ଷିତ ହେବେ। କାରଣ ଶିକ୍ଷା ମାନବର ମାନସିକ ସ୍ତରକୁ ପ୍ରଗତିଶୀଳ କରାଏ। ଆଉ ଉତ୍ତମ ଶାସକ ଚୟନ କରିବାରେ ମଧ୍ୟ ସହାୟକ ହୁଏ। ହେଲେ ଆଜି ଗୁରୁ, ଗୁରୁ ସ୍ଥାନରେ ନାହିଁ କି ଶିଷ୍ୟ ମଧ୍ୟ ଶିଷ୍ୟ ସ୍ଥାନରେ ନାହିଁ। ଉତ୍ତମ ଗୁରୁର ପ୍ରଭାବବିହୀନ ହୋଇ ଶିଷ୍ୟଟିଏ ହୋଇଯାଉଛି ବିପଥଗାମୀ। ଫଳରେ ସମାଜ ମଧ୍ୟ ବିପଥଗାମୀକୁ ଅଗ୍ରସର ହେଉଛି। 'ବିଦ୍ୟା ଦଦାତି ବିନୟମ'ର ଅର୍ଥ ବୁଝିବା ଅବସ୍ଥାରେ ନାହିଁ ଆଜିର ଶିଷ୍ୟ।

ଭକ୍ତିରେ ଥାଏ ଶକ୍ତି। ମାତ୍ର ଭକ୍ତି ଶବ୍ଦଠାରୁ ଶିଷ୍ୟ ଆଜି ଅନେକ ଦୂରରେ। ବିପଥଗାମୀ ଛାତ୍ରସମାଜ ବିଶୃଙ୍ଖଳିତ ଶିକ୍ଷକ ଏବଂ ଦୁର୍ବଳ ଶିକ୍ଷାନୀତି କରୁଛି ଶିକ୍ଷା ବ୍ୟବସ୍ଥାକୁ ବାଟବଣା। ଭୋଗବିଳାସ ପରିଚର୍ଯ୍ୟାରେ ଆଜି ଶିଷ୍ୟଟିଏ ଭୁଲିଯାଉଛି ଗୁରୁଙ୍କୁ ଉତ୍ତମ ସମ୍ମାନ ଆଉ ଭକ୍ତି ପ୍ରଦାନ କରିବାକୁ। ଫଳରେ ଗୁରୁଙ୍କର ମଧ୍ୟ ଶିଷ୍ୟ ପ୍ରତି ଆନ୍ତରିକତା କମିଯାଉଛି। ଆଉ ବଢ଼ିଯାଉଛି ଗୁରୁ ଓ ଶିଷ୍ୟ ମଧ୍ୟରେ ଦୂରତା। ସମାଜର ପରିବର୍ତ୍ତନଶୀଳତାରେ ଶିଷ୍ୟଠାରେ ଦେଖାଯାଉଛି ସଂସ୍କାରର ଅଭାବ। ଫଳରେ ଉତ୍ତମ ଶିଷ୍ୟଟିର ଅଭାବ ଦେଖାଦେଇଛି ଆଜିର ଆଧୁନିକ ସମାଜରେ। ସର୍ବୋପରି ଅବକ୍ଷୟମୁଖୀ ଶିକ୍ଷାବ୍ୟବସ୍ଥା ଶିକ୍ଷାର ବ୍ୟବସାୟୀକରଣ ଓ ଆଧୁନକୀକରଣ ଆଜି ଗୁରୁଶିଷ୍ୟର ସମ୍ପର୍କକୁ କରିଦେଉଛି କଳୁଷିତ। ତେବେ ଏ କଳୁଷିତ ଶିକ୍ଷା ବ୍ୟବସ୍ଥା କ'ଣ ପୁଣିଥରେ ସେ ପୁରାତନ ଯୁଗର ଗୁରୁକୁଳାଶ୍ରମ ଶିକ୍ଷାପରି ନିୟମ ସମ୍ପନ୍ନ ହୋଇପାରିବ ନାହିଁ? ଏଥିପାଇଁ ଆବଶ୍ୟକ ଆମ୍ଭ ସମସ୍ତଙ୍କର ନିରଳସ ନିରବଚ୍ଛିନ୍ନ ସାଧନା ଓ ସଚେତନତା। ଆମ୍ଭ ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ ଆମେ ଯଦି କାହାର ଗୁରୁ, ତେବେ କାହାର ଶିଷ୍ୟ ମଧ୍ୟ। ତେଣୁ କେଉଁ ପ୍ରକାର ସଂସ୍କାରରେ ଗୁରୁଶିଷ୍ୟର ସମ୍ପର୍କ ଆଉଥରେ ପୁନଃସ୍ଥାପିତ ହୋଇପାରିବ ଆଉ ଉତ୍ତମ ଶିଷ୍ୟ ସହ ଉତ୍ତମ ସମାଜ ଗଠିତ ହୋଇପାରିବ ତାହା ସାଧାରଣ ମାନବ ହିସାବରେ ଆମ ଚେତନାରେ ସ୍ଥାନିତ ହେବା ଉଚିତ୍। ଆଜିର ଗୁରୁକୁଳ ଭଦ୍ର, ଚରିତ୍ରବାନ, କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଓ ସଂସ୍କାରୀ ହୋଇପାରିଲେ ସମାଜରେ ନିଶ୍ଚୟ ସୃଷ୍ଟି ହୋଇପାରିବେ ଉତ୍ତମ ଶିଷ୍ୟ। ସମାଜ ଯଦି ଉତ୍ତମ ଗୁରୁର ପରିକଳ୍ପନା କରିବ ତେବେ ଉତ୍ତମ ଶିଷ୍ୟ ନିଶ୍ଚୟ ସୃଷ୍ଟି ହେବେ। ଆଉ ଉଜ୍ଜୀବିତ ହେବ ଏକ ସୁସ୍ଥ ଗୁରୁଶିଷ୍ୟ ପରମ୍ପରା।

ରଘୁନାଥ ଉଚ୍ଚ ବିଦ୍ୟାଳୟ,
ରାଇକମା, ମୟୁରଭଞ୍ଜ,
ମୋ : ୯୪୩୭୭୪୪୫୮୫

# ଗୁରୁଙ୍କୁ ନ ମଣିବ ନର

## ଶ୍ୟାମା ପ୍ରସାଦ ମିଶ୍ର

ଗତବର୍ଷ ଗୁରୁ ଦିବସ ପାଳନ ଓ ବିଦ୍ୟାଳୟ କାର୍ଯ୍ୟ ସମାପନ ପରେ ମୁଁ ଘରକୁ ଫେରୁଥାଏ। ବସ୍ ଷ୍ଟାଣ୍ଡରେ ଜଣେ ଶିକ୍ଷକ ବନ୍ଧୁଙ୍କୁ ତାଙ୍କର ଜଣେ ପରିଚିତ ବ୍ୟକ୍ତି ଟିକିଏ ତାଚ୍ଛଲ୍ୟଭରା କଣ୍ଠରେ ପଚାରିଲେ , ' କ'ଣ ସାରେ, ଆଜି ତ ଆପଣଙ୍କର ଲାଭ ହିଁ ଲାଭ। ସେପଟେ ବିଦ୍ୟାଳୟରେ ମୁଣ୍ଡିଆ ଖାଇଥିବେ, ଫୁଲମାଳ ପାଇଥିବେ, ପେନ୍ ଫେନ୍ ପକେଟରେ ନାଇଥିବେ, ପିଲା ଓ ସେମାନଙ୍କ ଅଭିଭାବକ ସମ୍ମାନ ଦେଇଥିବେ... ଇତ୍ୟାଦି ଇତ୍ୟାଦି କାରଣ ଆଜି ପରା ଗୁରୁ ଦିବସ , ଆଜି ଗୁରୁଙ୍କୁ ପୂଜା କରାଯାଏ । '

ଶିକ୍ଷକ ଜଣକ ଉଦାସ ହସଟିଏ ହସି କହିଲେ , ' ହଁ ଭାଇ, ସତ କଥା। ଶାସ୍ତ୍ରରେ କୁହାଯାଇଛି - ଗୁରୁଙ୍କୁ ନ ମଣିବ ନର । ଭାରତରେ ତାହା ଆଜି ଅକ୍ଷରେ ଅକ୍ଷରେ ପାଳିତ ହେଉଛି। ଏ ପ୍ରକାର ସମ୍ମାନ ପାଇଁ ନିଜକୁ ଲାଗୁଛି, ଆଜି ଗୁରୁ ଦିବସରେ ଆମକୁ ନାଗୁଲି ଚଉଠି ଭଳି ପୂଜା କରା ଯାଉନି ତ? କାରଣ କେବଳ ନାଗୁଲି ଚଉଠି ଦିନ, ନାଗ ଦେବତାଙ୍କ ପୂଜାର୍ଚ୍ଚନା କରାଯାଏ। ଅନ୍ୟ ସମୟରେ ନାଗ ଦେବତା ଦେଖାଗଲା ମାତ୍ରେ ଉତ୍ତମ ମଧ୍ୟମ କରାଯାଏ, ବେଳେ ବେଳେ ମାରି ଦିଆଯାଏ। ଆଜିକାଲି ଆମେ ଶିକ୍ଷକମାନଙ୍କ ଅବସ୍ଥା ବି ସେଇଆ। '

ଯଦିଓ ସେ ଉଭୟଙ୍କୁ ମୁଁ ଜାଣି ନ ଥିଲି, ମନେ ମନେ ଖୁବ୍ ହସିଲି ଓ ଆଖପାଖର ସମସ୍ତେ ହସିଲେ। ପରବର୍ତ୍ତୀ ମୂହୁର୍ତ୍ତରେ ତଥାପି ସେ ଦୁଇ ବ୍ୟକ୍ତିଙ୍କର ବାର୍ତ୍ତାଳାପ ମୋତେ ମଧ୍ୟ ଚିନ୍ତା କରିବାକୁ ବାଧ୍ୟ କଲା, ଭାରତୀୟ ସମାଜରେ ଆଜିର ଶିକ୍ଷକର ଅବସ୍ଥା।

କୌଣସି ଦେଶର ଭବିଷ୍ୟତ ତାହାର ବିଦ୍ୟାଳୟରେ ଗଢ଼ାଯାଏ ( କୋଠାରୀ କମିଶନ୍) , ଏବଂ ବିଦ୍ୟାଳୟର ଅର୍ଥାତ୍ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ନିର୍ଭର କରେ ଶିକ୍ଷକଙ୍କ ଉପରେ। ଶିକ୍ଷକ କେବଳ ପାଠ ପଢ଼ାଉଥିବା ଜଣେ କର୍ମଚାରୀ ନୁହନ୍ତି; ସେ ଜଣେ ମଣିଷ ଗଢ଼ା କାରଖାନାର ପ୍ରମୁଖ ବିନ୍ଧାଣି ବା କାରିଗର, ମୂଲ୍ୟବୋଧର ଶିକ୍ଷାଦାତା ଓ ସମାଜର ଭବିଷ୍ୟତ ନିର୍ମାତା। କିନ୍ତୁ ଦୁଃଖର ବିଷୟ, ଆଜି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକଙ୍କ ଏହି ମୌଳିକ ଭୂମିକା ଧୀରେ ଧୀରେ ଗୌଣ ହୋଇପଡୁଛି। ସମାଜରେ ଶିକ୍ଷକଙ୍କ ପ୍ରତି ପୂର୍ବ ସମ୍ମାନ କ୍ଷୀଣ ହେଉଥିବାବେଳେ, ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ତାଙ୍କ ଉପରେ ନୂଆ ନୂଆ ଦାୟିତ୍ୱର ଭାର ଲଦି ଚାଲିଛି।

ଶିକ୍ଷକଙ୍କ ପ୍ରଥମ ଓ ପ୍ରଧାନ କାର୍ଯ୍ୟ ହେଉଛି ଶିକ୍ଷାଦାନ। ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା, ସେମାନଙ୍କ ମାନସିକ ବିକାଶ ଉପରେ ନଜର ରଖିବା, ଦୁର୍ବଳ ଛାତ୍ରଙ୍କୁ ଅତିରିକ୍ତ ସହାୟତା ଦେବା, ପାଠ୍ୟକ୍ରମ ପ୍ରସ୍ତୁତି, ମୂଲ୍ୟାୟନ ଓ ଶିକ୍ଷଣ ପଦ୍ଧତିର ନୂଆ ପ୍ରୟୋଗ , ଏସବୁ ପାଇଁ ସମୟ ଓ ମାନସିକ ଏକାଗ୍ରତା ଆବଶ୍ୟକ। କିନ୍ତୁ ଆଜିର ବାସ୍ତବତା ହେଉଛି, ଅନେକ ସ୍ଥାନରେ ଶିକ୍ଷକଙ୍କୁ ଶିକ୍ଷାଦାନ ବ୍ୟତୀତ ଅନେକ କାମରେ ନିୟୋଜିତ କରାଯାଉଛି। ନିର୍ବାଚନ, ଜନଗଣନା, ବିଭିନ୍ନ ସର୍ବେକ୍ଷଣ, ତଥ୍ୟ ସଂଗ୍ରହ, ଅନଲାଇନ୍ ରିପୋର୍ଟ, ପ୍ରଶାସନିକ ତଥ୍ୟ ଅଦ୍ୟତନ( ଅପ୍‌ଡେଟ୍) ଆଦି କାର୍ଯ୍ୟର ଭାର ଶିକ୍ଷକଙ୍କ ମୁଣ୍ଡରେ ବାଧ୍ୟ କରି ଲଦି ଦିଆଯାଉଛି । ଏହି କାର୍ଯ୍ୟଗୁଡ଼ିକର କିଛି ଜାତୀୟ ଭାବେ ଆବଶ୍ୟକ ହୋଇପାରେ; କିନ୍ତୁ ପ୍ରଶ୍ନ ହେଉଛି ,ଏହାର ସମସ୍ତ ଭାର କାହିଁକି ଶିକ୍ଷକଙ୍କ ଉପରେ?

ଅଣଶୈକ୍ଷିକ କାର୍ଯ୍ୟର ଅତିରିକ୍ତ ଚାପ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତାକୁ କେବଳ ପ୍ରଭାବିତ କରେ ନାହିଁ, ଏହା ସିଧାସଳଖ ଭାବେ ଶ୍ରେଣୀଗୃହର ଶିକ୍ଷାକୁ ପ୍ରଭାବିତ କରେ। ଯେଉଁ ଶିକ୍ଷକଙ୍କୁ ପ୍ରତିଦିନ ଅନେକ ପ୍ରକାର ତଥ୍ୟ ଅପଲୋଡ୍, ରିପୋର୍ଟ ପ୍ରସ୍ତୁତି ଓ ପ୍ରଶାସନିକ କାର୍ଯ୍ୟରେ ବ୍ୟସ୍ତ ରହିବାକୁ ପଡ଼େ, ସେ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ସମୟ କେଉଁଠୁ ଆଣିବେ? ଶିକ୍ଷାର ଗୁଣବତ୍ତା ମାପିବାକୁ ଯଦି କେବଳ ରିପୋର୍ଟ ଓ ତାହାର ସାଂଖ୍ୟିକ ମାନ ଦେଖାଯାଏ, ତେବେ ଶ୍ରେଣୀଗୃହର ମାନବିକ ସମ୍ପର୍କ, ଛାତ୍ରଙ୍କ ଜିଜ୍ଞାସା ଓ ଶିକ୍ଷକଙ୍କ ସୃଜନଶୀଳତା ଅଦୃଶ୍ୟ ହେବା, କିଛି ବିଚିତ୍ର କଥା ନୁହେଁ।

ଆହୁରି ଏକ ଚିନ୍ତାଜନକ ଦିଗ ହେଉଛି ପ୍ରଶାସନିକ ସ୍ତରରେ ଶିକ୍ଷକଙ୍କ ପ୍ରତି ବ୍ୟବହାର। ନିରୀକ୍ଷଣ ଓ ଜବାବଦେହିତା ଶିକ୍ଷା ବ୍ୟବସ୍ଥାର ଆବଶ୍ୟକ ଅଂଶ। କିନ୍ତୁ ନିରୀକ୍ଷଣ ଯଦି ମାର୍ଗଦର୍ଶନ ପରିବର୍ତ୍ତେ ଭୟ ସୃଷ୍ଟି କରେ, ତେବେ ତାହା ଶିକ୍ଷାର ଉନ୍ନତି କରେ ନାହିଁ। ଅନେକ ସମୟରେ ଶିକ୍ଷା



ଅଧିକାରୀ ଏବଂ ଅନ୍ୟ ବିଭାଗର ଅଧିକାରୀ ( ଯେତେବେଳେ ଶିକ୍ଷକଙ୍କୁ ଅନ୍ୟ କାମରେ ନିୟୋଜିତ କରାଯାଏ, ଯାହା ତାଙ୍କ ମୂଳ କାମ ନୁହେଁ, କିନ୍ତୁ ସେଥିରେ ମଧ୍ୟ ଦରମା ବନ୍ଦ'ର ଧମକ ଦିଆଯାଏ) ଓ ଶିକ୍ଷକଙ୍କ ମଧ୍ୟରେ ସହଯୋଗୀ ସମ୍ପର୍କ ପରିବର୍ତ୍ତେ 'ଉପର-ତଳ'ର ସମ୍ପର୍କ ଅଧିକ ପ୍ରକଟ ହୋଇଥାଏ। ଭୁଲ୍ ହେଲେ ସୁଧାରିବାର ସୁଯୋଗ ଦେବା ପରିବର୍ତ୍ତେ ତାଗିଦ, ଚାପ ଓ ଦଣ୍ଡର ଭୟ ଦେଖାଇବା ଶିକ୍ଷକଙ୍କ ମନୋବଳକୁ ଦୁର୍ବଳ କରେ।

ଶିକ୍ଷକଙ୍କ ସମ୍ମାନ କେବଳ ଫୁଲତୋଡ଼ା, ଉତ୍ତରୀୟ କିମ୍ବା ଶିକ୍ଷକ ଦିବସର ଅଭିନନ୍ଦନରେ ସୀମିତ ରହିବା ଉଚିତ ନୁହେଁ। ପ୍ରକୃତ ସମ୍ମାନ ହେଉଛି ତାଙ୍କୁ ତାଙ୍କ ମୌଳିକ କାର୍ଯ୍ୟ ପାଇଁ ଆବଶ୍ୟକ ସମୟ, ସ୍ୱାଧୀନତା ଓ ସମ୍ମାନଜନକ ପରିବେଶ ଦେବା। ଶିକ୍ଷକଙ୍କୁ ସନ୍ଦେହର ଚକ୍ଷୁରେ ନୁହେଁ, ଦାୟିତ୍ୱଶୀଳ ବୃତ୍ତିଜୀବୀ ଭାବେ ଦେଖିବା ଆବଶ୍ୟକ।

ଏଥିପାଇଁ ସରକାର ଓ ଶିକ୍ଷା ପ୍ରଶାସନକୁ କିଛି ମୌଳିକ ପଦକ୍ଷେପ ନେବା ଦରକାର। ଶିକ୍ଷକଙ୍କ ଅଣଶୈକ୍ଷିକ ଦାୟିତ୍ୱକୁ ସମ୍ଭବ ମାତ୍ରାରେ କମାଇବା, ଅନାବଶ୍ୟକ ରିପୋର୍ଟିଂ ଓ କାଗଜପତ୍ର ହ୍ରାସ କରିବା, ଡିଜିଟାଲ୍ କାମ ପାଇଁ ପର୍ଯ୍ୟାପ୍ତ ସହାୟକ ବ୍ୟବସ୍ଥା କରିବା ଏବଂ ଅଧିକାରୀ-ଶିକ୍ଷକ ସମ୍ପର୍କକୁ ଭୟ ନୁହେଁ, ସହଯୋଗ ଉପରେ ଆଧାରିତ କରିବା ଆବଶ୍ୟକ। ଶିକ୍ଷକଙ୍କ ମତାମତକୁ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱ ଦେବା ମଧ୍ୟ ସମାନ ଭାବରେ ଆବଶ୍ୟକ।

ଆଜିକାଲି ସମାଜ ଶିକ୍ଷକଙ୍କୁ ସମ୍ମାନ ଦିଏ ନାହିଁ, ଅର୍ଥାତ୍ ସେ ସମାଜ ନିଜ ଭବିଷ୍ୟତକୁ ମଧ୍ୟ ଯଥାର୍ଥ ସମ୍ମାନ ଦିଏ ନାହିଁ। ଶିକ୍ଷକଙ୍କ କାନ୍ଧରେ ଯେତେ ଅଣଶୈକ୍ଷିକ ଭାର ଲଦିବା, ଶିକ୍ଷାର ମୂଳ କାମ ସେତେ ପଛକୁ ଠେଲି ହୋଇଯିବ। ତେଣୁ ଶିକ୍ଷକଙ୍କୁ ଆଦେଶର ଭାରବାହକ ନୁହେଁ, ଜାତି ଗଢ଼ିବାର ସହଯାତ୍ରୀ ଭାବେ ଦେଖିବାର ସମୟ ଆସିଛି। ଶ୍ରେଣୀଗୃହରେ ଶିକ୍ଷକଙ୍କ ସ୍ୱାଧୀନତା, ସମାଜରେ ତାଙ୍କ ସମ୍ମାନ ଓ ପ୍ରଶାସନରେ ତାଙ୍କ ମର୍ଯ୍ୟାଦା,ଏହି ତିନୋଟିର ସୁରକ୍ଷା ହିଁ ଏକ ସୁସ୍ଥ ଶିକ୍ଷା ବ୍ୟବସ୍ଥାର ପ୍ରଥମ ସର୍ତ୍ତ ହେଲେ ଶିକ୍ଷକ ପୁଣି ପାଇବ ଜୀବନ୍ୟାସ , ଯାହା ଦେଶ ଓ ଜାତି ପାଇଁ ହେବ ପ୍ରକୃତ ଆଶିର୍ବାଦ।

+ ଭଞ୍ଜନଗର , ଗଞ୍ଜାମ ,
ମୋ: ୯୦୯୦୫୦୭୯୫୫

# ତସ୍ମୈଶ୍ରୀ ଗୁରବେ ନମଃ

## ହେମନ୍ତ କୁମାର ଗନ୍ତାୟତ

ଭାରତୀୟ ସଂସ୍କୃତି, ପରମ୍ପରା , ଦର୍ଶନ ଓ ସାହିତ୍ୟ ସମଗ୍ର ବିଶ୍ୱରେ ନିଜର ସ୍ୱତନ୍ତ୍ର ସ୍ଥାନ ଲାଭ କରିଛି। ଏହି ଶାସ୍ତ୍ରର ରଚୟିତାମାନେ ଥିଲେ ଜଣେ ଜଣେ ଆଦର୍ଶ ମାର୍ଗଦର୍ଶକ। ସେହିମାନଙ୍କ ମାର୍ଗଦର୍ଶନକୁ ନେଇ ଗଢ଼ି ଉଠିଥିଲା ଆନେକ ବୈଦିକ ଗୁରୁକୂଳ ଆଶ୍ରମ। ଯେଉଁଠି ପୁଣ୍ୟାତ୍ମା ଗୁରୁମାନେ ଉତ୍ତମ ଶିଷ୍ୟମାନଙ୍କୁ ନିର୍ମାଣ କରିବା ସହ ତାଙ୍କର ଲକ୍ଷ୍ୟକୁ ନିର୍ଦ୍ଧାରଣ କରୁଥିଲେ। ତେଣୁ ଆମ ସଂସ୍କୃତିରେ 'ଗୁରୁ' ଏବଂ 'ଗୁରୁ' ଶବ୍ଦର ସ୍ଥାନ ଅତିବ ଉଚ୍ଚରେ। ଗୁରୁ କେବଳ ଜଣେ ଶିକ୍ଷାଦାତା ନୁହଁନ୍ତି, ସେ ହେଉଛନ୍ତି ଶିଷ୍ୟ ନିମନ୍ତେ ଦେବଦୂତ, ଯେ କି ଅନ୍ଧକାରରୁ ଆଲୋକକୁ ନେଇଯାଇଥାନ୍ତି। ଏପରି ଅନେକ ଗୁରୁ ବୈଦିକ ଯୁଗରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ଏ ପାବନ ଭାରତ ବର୍ଷରେ ଜନ୍ମ ଗ୍ରହଣ କରିଛନ୍ତି। ସେହିମାନଙ୍କ ମଧ୍ୟରୁ ଜଣେ ଥିଲେ ମହାନ ଆଦର୍ଶ ଶିକ୍ଷାବିତ୍, ଦାର୍ଶନିକ ତଥା ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ। ସେ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ।

ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ଛାତ୍ର ଥିଲେ ଏବଂ ପରବର୍ତ୍ତୀ ସମୟରେ ଜଣେ ପ୍ରତିଷ୍ଠିତ ଶିକ୍ଷକ ଓ ଦାର୍ଶନିକ ଭାବେ ବିଶ୍ୱରେ ସୁଖ୍ୟାତି ଅର୍ଜନ କରିପାରିଲେ। ସେ କଲିକତା ବିଶ୍ୱବିଦ୍ୟାଳୟ, ମହିଶୂର ବିଶ୍ୱବିଦ୍ୟାଳୟ ଏବଂ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅଧ୍ୟାପନା କରିଥିଲେ। ରାଧାକୃଷ୍ଣନ କହୁଥିଲେ, 'ଶିକ୍ଷକମାନେ ଦେଶର ସର୍ବଶ୍ରେଷ୍ଠ ମସ୍ତିଷ୍କ ହେବା ଉଚିତ। ସେ ଯେତେବେଳେ ଭାରତର ରାଷ୍ଟ୍ରପତି ହେଲେ, ସେତେବେଳେ ତାଙ୍କର କିଛି ଛାତ୍ର ଏବଂ ବନ୍ଧୁ ତାଙ୍କର ଜନ୍ମଦିନ ପାଳନ କରିବାକୁ ଅନୁମତି ମାଗିଥିଲେ। ଏହାର ଉତ୍ତରରେ ରାଧାକ୍ରିଷ୍ଣନ କହିଥିଲେ ଯେ ମୋର ଜନ୍ମଦିନକୁ ପୃଥକ ଭାବେ ପାଳନ ନକରି ଯଦି ଏହି ଦିବସକୁ 'ଶିକ୍ଷକ ଦିବସ' ବା 'ଗୁରୁଦିବସ' ଭାବେ ପାଳନ କରାଯାଏ, ତେବେ ମୁଁ ନିଜକୁ ଗୌରବାନ୍ୱିତ ମନେ କରିବି। ସେହି ଦିନଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଦେଶବ୍ୟାପୀ ଗୁରୁଦିବସ ଭାବେ ପାଳନ କରାଯାଉଛି। ଏହି ବିଶେଷ ଦିନଟି ଆମକୁ ଗୁରୁ ଓ ଶିଷ୍ୟର ପବିତ୍ର ସମ୍ପର୍କ ଏବଂ ସମାଜ ଗଠନରେ ଗୁରୁଙ୍କ ଭୂମିକା ବିଷୟରେ ଗଭୀର ଅନୁଚିନ୍ତା କରିବାକୁ ସୁଯୋଗ ଦେଇଥାଏ। ଆମ ଇତିହାସରେ ଗୁରୁ-ଶିଷ୍ୟ ପରମ୍ପରାର ଅନେକ ଅନନ୍ୟ ଉଦାହରଣ ରହିଛି। ଯଥା ଶ୍ରୀକୃଷ୍ଣଙ୍କ ଗୁରୁ ସାନ୍ଦୀପନି, ଶ୍ରୀରାମଙ୍କ ଗୁରୁ ବଶିଷ୍ଠ ଓ ବିଶ୍ୱାମିତ୍ର, ଚନ୍ଦ୍ରଗୁପ୍ତଙ୍କ ଗୁରୁ ଚାଣକ୍ୟ ଏବଂ ସ୍ୱାମୀ ବିବେକାନନ୍ଦ ଓ ରାମକୃଷ୍ଣ ପରମହଂସଙ୍କ ସମ୍ପର୍କ ଏହାର ପ୍ରକୃଷ୍ଟ ଉଦାହରଣ। ଗୁରୁଙ୍କ ନିର୍ଦ୍ଦେଶ ଓ ଶିକ୍ଷା ବଳରେ ହିଁ ଜଣେ ସାଧାରଣ ବାଳକ ସମ୍ରାଟ କିମ୍ବା ମହାପୁରୁଷରେ ପରିଣତ ହୋଇଥାଏ।

ଗୁରୁ କଦାପି ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି। ସେ ଗୁରୁ ଅର୍ଥରେ ମହାମହିମ। ଏଣୁ ଯଥାର୍ଥରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି। ଉକ୍ତ ଉକ୍ତିକୁ ପ୍ରତିପାଦିତ କରିବାକୁ ଯାଇ ନିଜସ୍ୱ ଏକ କବିତାର ପଂକ୍ତିକୁ ଉଲେଖ କରୁଛି : -

ଅଜ୍ଞାନ ତିମିର କରନ୍ତି ଯେ ଦୂର
ସଂସାର ସାଗରେ ରହି
ନୁହନ୍ତି ସେ ନର ସାକ୍ଷାତ ଠାକୁର
ବ୍ରହ୍ମା ବିଷ୍ଣୁ ରୁଦ୍ର ସେହି।

ଗୁରୁ ବିରାଟ ଏବଂ ମହାନ ବ୍ୟକ୍ତିତ୍ୱକୁ ମଧ୍ୟ ବୁଝାଇଥାଏ । ମନୁଷ୍ୟ ନିଜର ଆପ୍ରାଣ ଚେଷ୍ଟା ମାଧ୍ୟମରେ ଯାହା ସମ୍ଭବ କରିପାରେନା , ତାହା ଗୁରୁକୃପା ଦ୍ୱାରାରେ ହିଁ ଅଚିରେ ଉପଲବ୍ଧ ହେଇଥାଏ। ପ୍ରାଚୀନ କାଳରେ ମୁନି ଓ ଋଷିମାନେ ଆଷାଢ଼ ମାସ ପୂର୍ଣ୍ଣିମା ତିଥିଠାରୁ ଚତୁର୍ମାସ୍ୟା ବ୍ରତ ପାଳନ କରିବା ସହ ଆତ୍ମ ସାକ୍ଷାତକାର କରିବା ନିମିତ୍ତ ନିଜ ନିଜ ଗୁରୁଙ୍କର ସେବାରେ ନିମଗ୍ନ ରହୁଥିଲେ। ଆତ୍ମ ସାକ୍ଷାତକାର କରିବା ପାଇଁ ଗୁରୁଙ୍କର ସହାୟତା ଅତ୍ୟନ୍ତ ଆବଶ୍ୟକ। ଏଣୁ ଭବସିନ୍ଧୁରୁ ପାର ହେବା ଲାଗି ଆତ୍ମଦର୍ଶୀ ସଦଗୁରୁଙ୍କ କୃପାଭିକ୍ଷା ନିତ୍ୟାନ୍ତ ପ୍ରୟୋଜନ। ସେ ହିଁ ଏ ଭବସିନ୍ଧୁର ନାବିକ। ତେଣୁ ତା'ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ବିଦେହ। ଏହାକୁ ଦୃଷ୍ଟିରେ ରଖି ସନାତନ ଧର୍ମର ସମସ୍ତ ସମ୍ପ୍ରଦାୟ ଶିଷ୍ୟମାନେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରିଥାନ୍ତି।

ପ୍ରାଚୀନ କାଳରେ ଗୁରୁ କୂଳରେ ଶିଷ୍ୟମାନଙ୍କୁ ପରୀକ୍ଷା ନିରୀକ୍ଷା କରି ଉପଯୁକ୍ତ ଶିକ୍ଷା ଦେବାର ବ୍ୟବସ୍ଥା ଥିଲା ଏବଂ ଶିକ୍ଷାର ଉପଯୁକ୍ତ ଦକ୍ଷତା ହାସଲ ପରେ ଗୁରୁଦକ୍ଷିଣା ଦାନ ପୂର୍ବକ ଶିଷ୍ୟ ମାନେ ବିଦାୟ ନେଉଥିଲେ। ଏହି ଦକ୍ଷିଣା ଥିଲା ଶିଷ୍ୟମାନଙ୍କର ଏକ ସମର୍ପଣର ଭାବ। କିନ୍ତୁ ଆଜି ଆଉ ଅରଣ୍ୟ ମାନଙ୍କରେ ଗଢି ଉଠିଥା ସେହି ଗୁରୁକୂଳମାନ ଦେଖିବାକୁ ମିଳେନାହିଁ। ଆଧୁନିକ ଯୁଗରେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାନଙ୍କରେ କେବଳ ଭୌତିକ ଶିକ୍ଷା ପ୍ରଦାନ କରାଯାଏ। ଏହି ଶିକ୍ଷାକୁ ଯେଉଁମାନେ ପ୍ରଦାନ କରନ୍ତି ସେହିମାନଙ୍କୁ ଶିକ୍ଷକ କୁହାଗଲା। ଆଧ୍ୟାତ୍ମିକ ଶିକ୍ଷାର ଅଭାବ ଯୋଗୁଁ ଆଜି ନୈତିକ ମୂଲ୍ୟବୋଧର ଘୋର ଅଭାବ ଦେଖିବାକୁ ମିଳୁଛି। ଯାହା ଫଳରେ ଅଧୁନା ଆଉ ଗୁରୁ ଓ ଶିଷ୍ୟର ପରମ୍ପରା ଉଭେଇ ଯାଇଛି।

ଗୁରୁଦିବସ ହେଉଛି କୃତଜ୍ଞତା ଜ୍ଞାପନ କରିବାର ଦିନ। ଜୀବନର ପ୍ରତିଟି ମୋଡ଼ରେ ଆମକୁ ଯେ ସତ୍ ପଥ ଦେଖାଇଥିବା ପ୍ରତ୍ୟେକ ଗୁରୁଙ୍କ ଚରଣରେ ପ୍ରଣାମ ଜଣାଇବାର ଏହା ଏକ ପବିତ୍ର ଅବସର। ପ୍ରଥମ ଗୁରୁ ମା'-ବାପାଙ୍କ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ଶିକ୍ଷକ ଏବଂ ଜୀବନରୁ ଅଭିଜ୍ଞତା ପ୍ରଦାନ କରିଥିବା ପ୍ରତ୍ୟେକ ବ୍ୟକ୍ତି ଆମ ପାଇଁ ପୂଜନୀୟ। ଆସନ୍ତୁ, ଆମେ ସମସ୍ତେ ଏହି ପବିତ୍ର ଗୁରୁଦିବସରେ ଗୁରୁମାନଙ୍କ ଉପଦେଶକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବା ସହ ଏକ ଉତ୍ତମ ଶିଷ୍ୟ ହେବା ପାଇଁ ସଂକଳ୍ପ ନେବା।

+ ବରିଷ୍ଠ ଦର୍ଶନ ଅଧ୍ୟାପକ
ଡ଼ଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ
କବିସୂର୍ଯ୍ୟ ନଗର, ଗଞ୍ଜାମ।
ମୋ: ୯୮୬୧୩୩୪୮୬୮

# ଜେଲରେ ଥିବା ବନ୍ଦୀ ପାଲଟିଲେ ଆନ୍ଦୋଳନକାରୀ: ଫେସିଆଲ୍ ରେକଗ୍ନିସନ୍‌ର ବିପଜ୍ଜନକ ବାସ୍ତବତା

ଭାରତରେ ସାର୍ବଜନୀନ ତଥ୍ୟ ବ୍ୟବହାର କରି ଫେସିଆଲ୍ ରେକଗ୍ନିସନ୍ ବା ମୁଖ ଚିହ୍ନଟ ଜ୍ଞାନକୌଶଳର ଉପଯୋଗ କେତେ ନିର୍ଭୁଲ ଏବଂ ଯଥାର୍ଥ, ତାହା ବର୍ତ୍ତମାନ ଏକ ଗମ୍ଭୀର ବିତର୍କର ବିଷୟ ପାଲଟିଛି । ନିକଟରେ ଦିଲ୍ଲୀ ପୋଲିସର ଫେସିଆଲ୍ ରେକଗ୍ନିସନ୍ ସିଷ୍ଟମ୍ (ଏଫଆରଏସ୍) ର ଏକ ଆଶ୍ଚର୍ଯ୍ୟଜନକ ତ୍ରୁଟି ପଦାକୁ ଆସିବା ପରେ ଏହି ଜ୍ଞାନକୌଶଳର ନିର୍ଭରଯୋଗ୍ୟତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜୁଲାଇ ୨୦ ରୁ ୨୬, ୨୦୨୬ ମସିହା ମଧ୍ୟରେ ଦିଲ୍ଲୀର ଜନ୍ତରମନ୍ତରଠାରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ଦିଲ୍ଲୀ ପୋଲିସ ଏହି ଜ୍ଞାନକୌଶଳର ବ୍ୟବହାର କରିଥିଲା । ସୁପ୍ରିମକୋର୍ଟରେ ପୋଲିସ ପକ୍ଷରୁ ଦିଆଯାଇଥିବା ସତ୍ୟପାଠ ଅନୁଯାୟୀ, ଏହି ସଫ୍ଟୱେର୍ ଆନ୍ଦୋଳନସ୍ଥଳରେ ୨,୮୭୩ ଜଣ ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିଥିଲା । ଏହି ରିପୋର୍ଟ ଆଧାରରେ ସୁପ୍ରିମକୋର୍ଟ ଛାତ୍ରମାନଙ୍କ ଉପରୁ ମାମଲା ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ପୋଲିସ ଦ୍ୱାରା ଚିହ୍ନଟ ହୋଇଥିବା ଏହି ୨,୮୭୩ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁମତି ଦେଇଥିଲେ । କିନ୍ତୁ ନିକଟରେ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟ ଏହି ଦାବିର ପୋଲ୍ ଖୋଲିଦେଇଛି। ଅନୁସନ୍ଧାନରୁ ଜଣାପଡିଛି ଯେ, ହତ୍ୟା, ବଳାତ୍କାର ଏବଂ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଅପରାଧରେ ଅଭିଯୁକ୍ତ ଥିବା ଯେଉଁ ୨୦୫ ଜଣଙ୍କ ଉପରେ ସମୀକ୍ଷା କରାଯାଇଥିଲା, ସେମାନଙ୍କ ମଧ୍ୟରୁ ଅତିକମରେ ୨୫ ଜଣ ବ୍ୟକ୍ତି ଆନ୍ଦୋଳନ ସମୟରେ ଦିଲ୍ଲୀର ତିହାର, ମଣ୍ଡୋଲି ଏବଂ ରୋହିଣୀ ଜେଲରେ ବନ୍ଦୀ ଥିଲେ । ଯେଉଁମାନେ କାରାଗାରର ଚାରି କାନ୍ଥ ମଧ୍ୟରେ କଡ଼ା ସୁରକ୍ଷା ବଳୟରେ ଥିଲେ, ସେମାନଙ୍କୁ ପୋଲିସର ଏଫଆରଏସ୍ କ୍ୟାମେରା ଜନ୍ତରମନ୍ତର ଆନ୍ଦୋଳନରେ ବୁଲୁଥିବାର କିପରି ଦେଖିଲା, ତାହା ଏହି ବ୍ୟବସ୍ଥାର ବୈଷୟିକ ଅକ୍ଷମତା ଏବଂ ବିପଦକୁ ସ୍ପଷ୍ଟ ଭାବରେ ପ୍ରମାଣିତ କରୁଛି । ଏହି ୨୫ ଜଣଙ୍କ ମଧ୍ୟରେ ୧୭ ଜଣ ହତ୍ୟା ମାମଲାରେ, ୪ ଜଣ ବଳାତ୍କାର ମାମଲାରେ ଏବଂ ୪ ଜଣ ହତ୍ୟା ଉଦ୍ୟମ ମାମଲାରେ ବନ୍ଦୀ ଥିଲେ। ସେମାନଙ୍କ ମଧ୍ୟରୁ କେତେକ ବର୍ଷ ବର୍ଷ ଧରି ଜେଲରେ ଅଛନ୍ତି । ତେଣୁ ସେମାନେ ଆନ୍ଦୋଳନ ସ୍ଥଳରେ ଉପସ୍ଥିତ ରହିବା ସମ୍ପୂର୍ଣ୍ଣ ଅସମ୍ଭବ ଅଟେ ।

ଏହି ଘଟଣା କେବଳ ଏକ ସାଧାରଣ ବୈଷୟିକ ତ୍ରୁଟି ନୁହେଁ, ବରଂ ଏହା ନାଗରିକମାନଙ୍କ ସ୍ୱାଧୀନତା ଏବଂ ମାନବାଧିକାର ପ୍ରତି ଏକ ବିରାଟ ବିପଦ । ଫେସିଆଲ୍ ରେକଗ୍ନିସନ୍ ଟେକ୍ନୋଲୋଜି ସାଧାରଣତଃ ଦୁଇଟି ଉପାୟରେ କାମ କରେ, ଗୋଟିଏ ହେଲା ୱାନ୍-ଟୁ-ୱାନ୍ ମ୍ୟାଚିଂ ଏବଂ ଅନ୍ୟଟି ହେଲା ୱାନ୍-ଟୁ-ମେନି ମ୍ୟାଚିଂ । ଆନ୍ଦୋଳନ ଭଳି ଭିଡ଼ ସ୍ଥାନରେ ୱାନ୍-ଟୁ-ମେନି ମ୍ୟାଚିଂ ପ୍ରକ୍ରିୟା ବ୍ୟବହାର କରାଯାଏ, ଯେଉଁଥିରେ କ୍ୟାମେରା ଦ୍ୱାରା ଉଠାଯାଇଥିବା ଗୋଟିଏ ମୁହଁକୁ ଡାଟାବେସରେ ଥିବା ଲକ୍ଷ ଲକ୍ଷ ଛବି ସହିତ ମେଳ କରାଯାଏ। ଦିଲ୍ଲୀ ପୋଲିସର କହିବା ଅନୁଯାୟୀ, ଯଦି ସଫ୍ଟୱେର୍ ୮୦ ପ୍ରତିଶତ ସଠିକତା ଦେଖାଏ, ତେବେ ତାହାକୁ ଏକ 'ପଜିଟିଭ୍ ମ୍ୟାଚ୍' ବା ସକାରାତ୍ମକ ଚିହ୍ନଟ ଭାବରେ ଗ୍ରହଣ କରାଯାଏ। ତଥାପି, ଆଲୋକର ଅଭାବ, କ୍ୟାମେରାର ଦିଗ, ମୁଖା ପିନ୍ଧିବା କିମ୍ବା ଛବିର ଗୁଣବତ୍ତା ଆଦି ବିଭିନ୍ନ କାରଣରୁ ଏହି ଆଲଗୋରିଦମ୍ ବିଭ୍ରାନ୍ତ ହୋଇଥାଏ । ଇଣ୍ଟରନେଟ୍ ଫ୍ରିଡମ୍ ଫାଉଣ୍ଡେସନ୍ (ଆଇଏଫଏଫ୍) ଭଳି ସଂସ୍ଥା ଦର୍ଶାଇଛନ୍ତି ଯେ, ଯେଉଁ ନମୁନାଗୁଡିକର ସ୍ୱାଧୀନ ଭାବରେ ଯାଞ୍ଚ କରାଯାଇଛି, ସେଥିରେ ୧୨ ପ୍ରତିଶତ ତ୍ରୁଟି ରହିଥିବା ପ୍ରମାଣିତ ହୋଇଛି । ଏହାର ଅର୍ଥ ହେଉଛି, ବାକି ୨,୬୬୮ ଜଣଙ୍କ ତାଲିକାରେ ମଧ୍ୟ ବ୍ୟାପକ ଭୁଲ୍ ଥିବାର ଆଶଙ୍କା ରହିଛି । ଅତୀତରେ ମଧ୍ୟ ଏହି ସିଷ୍ଟମର ସଠିକତାକୁ ନେଇ ପ୍ରଶ୍ନ ଉଠିଛି । ୨୦୧୮ ମସିହାରେ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନିଖୋଜ ପିଲାମାନଙ୍କୁ ଖୋଜି ବାହାର କରିବା ପାଇଁ ଏହି ଜ୍ଞାନକୌଶଳ କିଣାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ ଏହାର ସଠିକତା ହାର ମାତ୍ର ୨ ପ୍ରତିଶତ ଥିଲା। ଏକ ଅତ୍ୟନ୍ତ ନିମ୍ନମାନର ସଠିକତା ଥିବା ସଫ୍ଟୱେର୍ ଉପରେ ନିର୍ଭର କରି ହଜାର ହଜାର ଲୋକଙ୍କୁ ଅପରାଧୀ ଭାବରେ ଚିହ୍ନଟ କରିବା ପ୍ରଶାସନର ଦାୟିତ୍ୱହୀନତାକୁ ଦର୍ଶାଉଛି । ଯଦିଓ ପୋଲିସ ଯୁକ୍ତି କରୁଛି ଯେ ସେମାନେ କେବଳ ସଫ୍ଟୱେର୍ ରିପୋର୍ଟ ଉପରେ ନିର୍ଭର ନକରି କ୍ଷେତ୍ରସ୍ତରୀୟ ଯାଞ୍ଚ କରନ୍ତି, ତଥାପି ଏହିପରି ଏକ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାକୁ ତଦନ୍ତର ପ୍ରାରମ୍ଭିକ ବିନ୍ଦୁ ଭାବରେ ଗ୍ରହଣ କରିବା ନିରୀହ ଲୋକଙ୍କୁ ଅଯଥା ହଇରାଣ କରିବାର ଏକ ମାଧ୍ୟମ ପାଲଟିପାରେ ।

ଏହା ବ୍ୟତୀତ, ଏହି ଜ୍ଞାନକୌଶଳର ଯଥାର୍ଥତା ଏବଂ ପ୍ରୟୋଗର ଉଦ୍ଦେଶ୍ୟକୁ ନେଇ ମଧ୍ୟ ଗମ୍ଭୀର ପ୍ରଶ୍ନ ଉଠୁଛି । ଯେଉଁ ସିଷ୍ଟମ୍ ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ଅଣାଯାଇଥିଲା, ତାହାକୁ ବର୍ତ୍ତମାନ ଆନ୍ଦୋଳନକାରୀମାନଙ୍କ ଉପରେ ନଜର ରଖିବା ଏବଂ ସେମାନଙ୍କର ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଉଛି । ବୈଷୟିକ ଭାଷାରେ ଏହାକୁ 'ଫଙ୍କସନ୍ କ୍ରିପ୍' ବା ଉଦ୍ଦେଶ୍ୟର ଅବାଞ୍ଛିତ ବିସ୍ତାର କୁହାଯାଏ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ନାଗରିକମାନଙ୍କର ଏକ ସାମ୍ବିଧାନିକ ଅଧିକାର । କିନ୍ତୁ ଯେତେବେଳେ ସରକାର ଏବଂ ପୋଲିସ ପ୍ରଶାସନ ସାର୍ବଜନୀନ ସ୍ଥାନରେ ସିସିଟିଭି ଏବଂ ଏଫଆରଏସ୍ କ୍ୟାମେରା ଲଗାଇ ପ୍ରତ୍ୟେକ ଆନ୍ଦୋଳନକାରୀଙ୍କ ମୁଖ ସ୍କାନ୍ କରନ୍ତି, ସେତେବେଳେ ତାହା ଲୋକଙ୍କ ମନରେ ଭୟ ସୃଷ୍ଟି କରେ । ଏହାଦ୍ୱାରା ଲୋକମାନେ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ କୁଣ୍ଠାବୋଧ କରିବେ, ଯାହାକି ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ । ବିନା କୌଣସି ଅପରାଧିକ ମାମଲାରେ ସାଧାରଣ ଲୋକଙ୍କ ମୁଖମଣ୍ଡଳର ତଥ୍ୟ ସଂଗ୍ରହ କରିବା ସେମାନଙ୍କର ଗୋପନୀୟତା ଅଧିକାରର ସିଧାସଳଖ ଉଲ୍ଲଂଘନ ଅଟେ । ଆମ ଦେଶରେ ସାର୍ବଜନୀନ ସ୍ଥାନରେ ଏହିପରି ଭାବରେ ତଥ୍ୟ ସଂଗ୍ରହ କରିବାକୁ ଅନୁମତି ଦେଉଥିବା କୌଣସି ସ୍ପଷ୍ଟ ଆଇନ ନାହିଁ ।

ଭାରତରେ ଫେସିଆଲ୍ ରେକଗ୍ନିସନ୍ ଟେକ୍ନୋଲୋଜିର ବ୍ୟବହାର ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ଆଇନଗତ ରୂପରେଖ ପ୍ରସ୍ତୁତ ହୋଇନାହିଁ । ୨୦୧୭ ମସିହାରେ କେ.ଏସ୍. ପୁଟ୍ଟାସ୍ୱାମୀ ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ଅନୁଯାୟୀ, ବ୍ୟକ୍ତିଗତ ଗୋପନୀୟତା ହେଉଛି ଏକ ମୌଳିକ ଅଧିକାର । ଏହି ରାୟରେ ସ୍ପଷ୍ଟ କରାଯାଇଥିଲା ଯେ ଗୋପନୀୟତା ଉପରେ କୌଣସି ପ୍ରକାରର ହସ୍ତକ୍ଷେପ ଆଇନସମ୍ମତ, ଆବଶ୍ୟକୀୟ ଏବଂ ଆନୁପାତିକ ହେବା ଉଚିତ୍ । କିନ୍ତୁ ଏଫଆରଏସ୍ ର ବ୍ୟବହାର କ୍ଷେତ୍ରରେ ଏହି ତିନୋଟି ଯାକ ସର୍ତ୍ତ ଉଲ୍ଲଂଘନ ହେଉଥିବାର ଦେଖାଯାଉଛି । ସଂସଦରେ ଏଭଳି କୌଣସି ଆଇନ ପାରିତ ହୋଇନାହିଁ ଯାହା ପୋଲିସକୁ ବିନା କାରଣରେ ସାର୍ବଜନୀନ ସ୍ଥାନରେ ଲୋକଙ୍କ ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ କରିବାକୁ ଅନୁମତି ଦେବ । ଏହା ସତ୍ତ୍ୱେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ନ୍ୟାସନାଲ୍ ଅଟୋମେଟେଡ୍ ଫେସିଆଲ୍ ରେକଗ୍ନିସନ୍ ସିଷ୍ଟମ୍ (ଏନଏଏଫଆରଏସ୍) କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଦେଶବ୍ୟାପୀ ସମସ୍ତ ସିସିଟିଭି କ୍ୟାମେରାକୁ କ୍ରାଇମ୍ ଆଣ୍ଡ କ୍ରିମିନାଲ୍ ଟ୍ରାକିଂ ନେଟୱାର୍କ ଆଣ୍ଡ ସିଷ୍ଟମ୍ (ସିସିଟିଏନଏସ୍) ସହିତ ଯୋଡିବା । ଆଇଏଫଏଫ୍ ର 'ପ୍ରୋଜେକ୍ଟ ପ୍ୟାନୋପ୍ଟିକ୍' ରିପୋର୍ଟ ଅନୁଯାୟୀ, ସମଗ୍ର ଭାରତରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଶତାଧିକ ଏଫଆରଏସ୍ ପ୍ରକଳ୍ପ ଚାଲୁ ରହିଛି । ତେଲେଙ୍ଗାନା, ପଞ୍ଜାବ ଏବଂ ଗୁଜରାଟ ଭଳି ରାଜ୍ୟଗୁଡ଼ିକ ଏହି ଜ୍ଞାନକୌଶଳର ବ୍ୟବହାରରେ ଆଗରେ ଅଛନ୍ତି । ବିନା ଆଇନଗତ ନିୟନ୍ତ୍ରଣରେ ଏହିପରି ଭାବରେ ଲୋକଙ୍କ ଉପରେ ନଜର ରଖିବା ଦ୍ୱାରା ଦେଶ ଏକ 'ସର୍ଭେଲାନ୍ସ ଷ୍ଟେଟ୍' ବା ନିରନ୍ତର ନଜରଦାରୀ ରାଷ୍ଟ୍ରରେ ପରିଣତ ହେବାର ଆଶଙ୍କା ରହିଛି । ସରକାରଙ୍କ ପାଖରେ ଲୋକଙ୍କର ସମସ୍ତ ଗତିବିଧିର ହିସାବ ରହିବ, ଯାହାକି ଏକ ସୁସ୍ଥ ଗଣତନ୍ତ୍ରର ଲକ୍ଷଣ ନୁହେଁ ।

ବିଶ୍ୱ ସ୍ତରରେ ଦେଖିବାକୁ ଗଲେ, ସାନ୍ ଫ୍ରାନ୍ସିସ୍କୋ ଭଳି ଅନେକ ସହର ପୋଲିସ ଦ୍ୱାରା ଫେସିଆଲ୍ ରେକଗ୍ନିସନ୍ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି, କାରଣ ଏହାର ତ୍ରୁଟି ଏବଂ ଅପବ୍ୟବହାରର ଆଶଙ୍କା ବହୁତ ଅଧିକ । ୟୁରୋପୀୟ ୟୁନିଅନ୍ ମଧ୍ୟ ସେମାନଙ୍କର ନୂତନ ଏଆଇ ଆକ୍ଟ ଅଧୀନରେ ଏହି ଜ୍ଞାନକୌଶଳ ଉପରେ କଠୋର ନିୟମ ଲାଗୁ କରୁଛି । କିନ୍ତୁ ଏହାର ବିପରୀତ ଦିଗରେ, ଭାରତ କୌଣସି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ବିନା ନିଜର ବାୟୋମେଟ୍ରିକ୍ ନଜରଦାରୀ ଭିତ୍ତିଭୂମିକୁ ଦ୍ରୁତ ଗତିରେ ବିସ୍ତାର କରୁଛି । ୨୦୨୩ ମସିହାରେ ପାରିତ ହୋଇଥିବା ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ ଆକ୍ଟ (ଡିପିଡିପି ଆକ୍ଟ) ରେ ସରକାରୀ ସଂସ୍ଥାଗୁଡ଼ିକୁ ବ୍ୟାପକ ରିହାତି ଦିଆଯାଇଛି । ଏହାର ଅର୍ଥ ହେଉଛି, ଯଦି ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ଦ୍ୱାରା ନାଗରିକଙ୍କ ତଥ୍ୟର ଅପବ୍ୟବହାର ହୁଏ, ତେବେ ସେମାନଙ୍କ ପାଖରେ ନ୍ୟାୟ ପାଇବା ପାଇଁ ଖୁବ୍ କମ୍ ବିକଳ୍ପ ରହିବ । ସବୁଠାରୁ ଭୟାନକ କଥା ହେଉଛି, ଏହି ତ୍ରୁଟିପୂର୍ଣ୍ଣ ଆଲଗୋରିଦମ୍ ଯୋଗୁଁ ପ୍ରମାଣର ଭାର ସମ୍ପୂର୍ଣ୍ଣ ରୂପେ ଜଣେ ନିରୀହ ନାଗରିକ ଉପରେ ପଡ଼ିବ । ଜଣେ ସାଧାରଣ ଲୋକକୁ ପ୍ରମାଣ କରିବାକୁ ପଡିବ ଯେ ସେ ଘଟଣାସ୍ଥଳରେ ନଥିଲା, ଯଦିଓ ଏଆଇ ତାକୁ ସେଠାରେ ଥିବାର ଦର୍ଶାଉଛି । ଜନ୍ତରମନ୍ତର ଆନ୍ଦୋଳନରେ ଚିହ୍ନଟ ହୋଇଥିବା ୨୫ ଜଣ ବ୍ୟକ୍ତି ପୂର୍ବରୁ ଜେଲରେ ଥିବାରୁ ସେମାନେ ମିଥ୍ୟା ମାମଲାରୁ ବର୍ତ୍ତିଗଲେ, କିନ୍ତୁ ଜଣେ ସାଧାରଣ ନାଗରିକ ଯାହା ପାଖରେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ କୌଣସି ଠୋସ୍ ପ୍ରମାଣ ନଥିବ, ତାର ଅବସ୍ଥା କଣ ହେବ ତାହା ଚିନ୍ତାଜନକ ଅଟେ । ଏହା ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରେ ଯେଉଁଠାରେ ମେସିନ୍ ଦ୍ୱାରା ପ୍ରସ୍ତୁତ ତଥ୍ୟକୁ ସମ୍ପୂର୍ଣ୍ଣ ସତ୍ୟ ଭାବରେ ଗ୍ରହଣ କରାଯାଏ ।

ବିଶ୍ୱର ବିଭିନ୍ନ ଦେଶରେ ଏହି ଜ୍ଞାନକୌଶଳର ନକାରାତ୍ମକ ପ୍ରଭାବକୁ ନେଇ ଚିନ୍ତା ପ୍ରକଟ କରାଯାଇଛି । ଗବେଷଣାରୁ ଜଣାପଡିଛି ଯେ ଏହି ଆଲଗୋରିଦମ୍ ଗୁଡିକ ଅନେକ ସମୟରେ ପକ୍ଷପାତପୂର୍ଣ୍ଣ ହୋଇଥାନ୍ତି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ତଥା ଗାଢ଼ ରଙ୍ଗର ଲୋକଙ୍କୁ ଚିହ୍ନଟ କରିବାରେ ଅଧିକ ଭୁଲ୍ କରିଥାନ୍ତି । ଯଦି ଭାରତ ଭଳି ବିବିଧତାପୂର୍ଣ୍ଣ ଦେଶରେ ଏହି ତ୍ରୁଟିପୂର୍ଣ୍ଣ ସିଷ୍ଟମକୁ ବ୍ୟାପକ ଭାବରେ ଲାଗୁ କରାଯାଏ, ତେବେ ଏହା ସାମାଜିକ ବୈଷମ୍ୟକୁ ଆହୁରି ବଢ଼ାଇଦେବ । ଏହା ସତ୍ୟ ଯେ ଅପରାଧ ନିୟନ୍ତ୍ରଣ ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସକୁ ଆଧୁନିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି । ବିମାନବନ୍ଦରରେ ସୁରକ୍ଷା ଯାଞ୍ଚଠାରୁ ଆରମ୍ଭ କରି ପ୍ରକୃତ ଅପରାଧୀଙ୍କୁ ଧରିବାରେ ଏଫଆରଏସ୍ ସାହାଯ୍ୟ କରିପାରିବ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ସରକାର ନିଜ ଇଚ୍ଛା ଅନୁସାରେ ସାଧାରଣ ନାଗରିକଙ୍କ ଗୋପନୀୟତାକୁ କ୍ଷୁଣ୍ଣ କରିବେ । ଜନ୍ତରମନ୍ତର ଆନ୍ଦୋଳନରେ ଜେଲରେ ଥିବା ବ୍ୟକ୍ତିଙ୍କୁ ଆନ୍ଦୋଳନକାରୀ ଭାବରେ ଚିହ୍ନଟ କରିବା ଘଟଣା ପ୍ରମାଣ କରୁଛି ଯେ ଏହି ଜ୍ଞାନକୌଶଳ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ବିକଶିତ ଏବଂ ନିର୍ଭରଯୋଗ୍ୟ ହୋଇପାରି ନାହିଁ । ତେଣୁ, ଯେପର୍ଯ୍ୟନ୍ତ ଏକ ଦୃଢ଼ ତଥ୍ୟ ସୁରକ୍ଷା ଆଇନ ଏବଂ ଏଫଆରଏସ୍ ବ୍ୟବହାର ପାଇଁ ସ୍ପଷ୍ଟ ନିୟମାବଳୀ ପ୍ରସ୍ତୁତ ନହୋଇଛି, ସେପର୍ଯ୍ୟନ୍ତ ସାର୍ବଜନୀନ ସ୍ଥାନଗୁଡ଼ିକରେ ଏହାର ବ୍ୟବହାର ଉପରେ ରୋକ୍ ଲଗାଯିବା ଉଚିତ୍। ଏହିପରି ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସମୟରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ନିଶ୍ଚିତ କରାଯିବା ଦରକାର । ଜ୍ଞାନକୌଶଳର ଉପଯୋଗ ନାଗରିକମାନଙ୍କର ସୁରକ୍ଷା ପାଇଁ ହେବା ଦରକାର, ସେମାନଙ୍କୁ ଭୟଭୀତ କରିବା କିମ୍ବା ସେମାନଙ୍କର ଅଧିକାର ଛଡ଼ାଇ ନେବା ପାଇଁ ନୁହେଁ । ଏହି ସନ୍ତୁଳନ ରକ୍ଷା କରିବା ଏବଂ ବୈଷୟିକ ତ୍ରୁଟି ଯୋଗୁଁ ଯେପରି କୌଣସି ନିରୀହ ବ୍ୟକ୍ତି ହଇରାଣ ନହୁଅନ୍ତି ତାହା ସୁନିଶ୍ଚିତ କରିବା ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରାଥମିକ କର୍ତ୍ତବ୍ୟ ହେବା ଆବଶ୍ୟକ ।

# MMDR ସଂଶୋଧନ: ରାଜ୍ୟର ଖଣିଜ ରାଜସ୍ୱ ପାଇଁ ବିପଦ ନା ସୁଯୋଗ?

**ସୃଷ୍ଟିଧର ପରିଡ଼ା**

**MMDR** ସଂଶୋଧନ ଏକ ଖଣ୍ଡିତ ଆର୍ଥିକ ବ୍ୟବସ୍ଥାକୁ ଅଧିକ ନିଶ୍ଚିତ ଓ ପୂର୍ବାନୁମାନଯୋଗ୍ୟ ବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି। ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକ ପାଇଁ ଅଧିକ ଉତ୍ପାଦନ, ପ୍ରତିଯୋଗିତାମୂଳକ ମୂଲ୍ୟ ଏବଂ ଅଧିକ ନିଲାମ ରାଜସ୍ୱ ମାଧ୍ୟମରେ ବଡ଼ ସୁଯୋଗ ରହିପାରେ — ପ୍ରିୟବ୍ରତ ବିଶ୍ୱାଳ। ଯେଉଁ ରାଜ୍ୟର ଅର୍ଥନୀତି ଏହାର ଖଣିଜ ସମ୍ପଦ ସହିତ ଘନିଷ୍ଠ ଭାବେ ଜଡ଼ିତ, ସେଠାରେ ଖଣି ନିୟନ୍ତ୍ରଣ ସମ୍ପର୍କିତ ନିୟମରେ ଯେକୌଣସି ପରିବର୍ତ୍ତନ ନିଶ୍ଚିତ ଭାବେ ଆଲୋଚନା ଓ ତର୍ଜମାର ବିଷୟ ହେବ। ଓଡ଼ିଶାରେ ଖଣି ରାଜ୍ୟର ରାଜସ୍ୱର ଏକ ପ୍ରମୁଖ ଉତ୍ସ ହୋଇଥିବାରୁ, **Mines and Minerals (Development and Regulation) Amendment Act, 2026** ଦ୍ୱାରା ରାଜ୍ୟର ଆର୍ଥିକ ଲାଭ କମିଯିବ କି ନାହିଁ, ସେନେଇ ଚିନ୍ତା ହେବା ସ୍ୱାଭାବିକ।ତଥାପି ନୂଆ ଆଇନର ମୂଳ ଉଦ୍ଦେଶ୍ୟ ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକଠାରୁ ରାଜସ୍ୱ ଛଡ଼ାଇ ନେବା ନୁହେଁ। ଏହାର ଉଦ୍ଦେଶ୍ୟ ହେଉଛି ଖଣିଜ ଉତ୍ପାଦନକୁ ଅଧିକ ନିଶ୍ଚିତ, ସ୍ଥିର ଏବଂ ପ୍ରତିଯୋଗିତାମୂଳକ କରିବା ଏବଂ ଏହି ପ୍ରକ୍ରିୟାରେ ରାଜ୍ୟଗୁଡ଼ିକ ନିଜ ଖଣିଜ ସମ୍ପଦରୁ ପାଇପାରୁଥିବା ମୂଲ୍ୟକୁ ଆହୁରି ବଢ଼ାଇବା।

ଏହି ପାର୍ଥକ୍ୟଟି ଗୁରୁତ୍ୱପୂର୍ଣ୍ଣ।

ଭାରତର ଖଣି ଶିଳ୍ପରେ ଏକ ଜଟିଳ ଆର୍ଥିକ ବ୍ୟବସ୍ଥା ଗଢ଼ିଉଠିଛି। ବିଭିନ୍ନ ରାଜ୍ୟରେ ମିଶି ପ୍ରାୟ ୧୪ ପ୍ରକାରର ଟିକସ, ଚାର୍ଜ, ଫି ଏବଂ ଲେଭି ଆଦାୟ କରାଯାଉଛି। ରୟାଲ୍ଟି, ନିଲାମ ପ୍ରିମିୟମ୍, ଡେଡ୍ ରେଣ୍ଟ, ଜିଲ୍ଲା ଖଣିଜ ଫାଉଣ୍ଡେସନ୍ (**DMF**) ପାଇଁ ଦେୟ, **GST** ଏବଂ ଟ୍ରାନ୍‌ଜିଟ୍ ଫି ଏହି ବ୍ୟବସ୍ଥାର ଅଂଶ। କେତେକ କ୍ଷେତ୍ରରେ ଖଣିଜ ସମ୍ପଦ ଥିବା ଜମି ଉପରେ ଲାଗୁଥିବା ଟିକସ ମଧ୍ୟ ଖଣି ଉତ୍ତୋଳନର ଖର୍ଚ୍ଚକୁ ଯଥେଷ୍ଟ ବଢ଼ାଇଥାଏ।

୨୦୨୬ର ସଂଶୋଧନ ପଛରେ ଥିବା ଯୁକ୍ତି ହେଉଛି—ଏଭଳି ଖଣ୍ଡିତ ଆର୍ଥିକ ବ୍ୟବସ୍ଥା ଭାରତୀୟ ଖଣିଜକୁ ବିଶ୍ୱ ବଜାରରେ ଅପ୍ରତିଯୋଗୀ କରିପାରେ, ନିବେଶକୁ ନିରୁତ୍ସାହିତ କରିପାରେ ଏବଂ ଶେଷରେ ଉତ୍ପାଦନକୁ ହ୍ରାସ କରିପାରେ। କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି, ଏକ ଯୁକ୍ତିସଙ୍ଗତ ଓ ସ୍ଥିର ଆର୍ଥିକ ବ୍ୟବସ୍ଥା ରାଜ୍ୟଗୁଡ଼ିକର ପ୍ରମୁଖ ରାଜସ୍ୱ ଉତ୍ସକୁ ପ୍ରଭାବିତ ନକରି ଏହି ସମସ୍ୟାର ସମାଧାନ କରିପାରିବ। ଓଡ଼ିଶା ପାଇଁ ଗତ ଏକ ଦଶନ୍ଧିର ଅଭିଜ୍ଞତା ଏହି ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ଆରମ୍ଭ ବିନ୍ଦୁ ହୋଇପାରେ। ଗଗଉଜ ଆଇନରେ ୨୦୧୫ରେ ହୋଇଥିବା ସଂଶୋଧନ ପରେ ଆରମ୍ଭ ହୋଇଥିବା ପ୍ରତିଯୋଗିତାମୂଳକ ନିଲାମ ବ୍ୟବସ୍ଥାକୁ ଶୀଘ୍ର ଗ୍ରହଣ କରିଥିବା ଏବଂ ସଫଳତାର ସହ ଲାଗୁ କରିଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ। ଓଡ଼ିଶା ୭୯ଟି ଖଣିଜ ବ୍ଲକ୍ ନିଲାମ ପାଇଁ ରଖିଥିଲା। ସେଥିମଧ୍ୟରୁ ୩୪ଟି ବ୍ଲକ୍ ଏବେ କାର୍ଯ୍ୟକ୍ଷମ ରହିଛି, ଯାହା ଦେଶର ଯେକୌଣସି ରାଜ୍ୟ ତୁଳନାରେ ସର୍ବାଧିକ। ଆଉ ୪୫ଟି ବ୍ଲକ୍ ଏପର୍ଯ୍ୟନ୍ତ ଉତ୍ପାଦନ ଆରମ୍ଭ କରିନାହିଁ।

ଏହି ସଂଖ୍ୟାଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଚିତ୍ର ଦେଉଛି। ୨୦୨୦-୨୧ରୁ ୨୦୨୫-୨୬ ମଧ୍ୟରେ ଏହି ୩୪ଟି କାର୍ଯ୍ୟକ୍ଷମ ଖଣି ବ୍ଲକ୍‌ରୁ ପ୍ରାୟ ୮୭,୦୦୦ କୋଟି ଟଙ୍କାର ନିଲାମ ପ୍ରିମିୟମ୍ ଆଦାୟ ହୋଇଛି। ଏହା ମନେ ପକାଇ ଦେଉଛି ଯେ ଓଡ଼ିଶାର ଖଣିଜ ସମ୍ପଦରୁ ମିଳୁଥିବା ବଡ଼ ରାଜସ୍ୱ କେବଳ ବିଭିନ୍ନ ଲେଭି ବଢ଼ାଇବା ଉପରେ ନିର୍ଭର କରେ ନାହିଁ। ଏହାର ମୁଖ୍ୟ ଆଧାର ହେଉଛି ସ୍ୱଚ୍ଛ ନିଲାମ, ଉତ୍ପାଦନ ଏବଂ ଖଣିଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାର କ୍ଷମତା। ତେଣୁ ଅବଶିଷ୍ଟ ୪୫ଟି ବ୍ଲକ୍ ଭବିଷ୍ୟତରେ ରାଜ୍ୟ ପାଇଁ ଏକ ବଡ଼ ରାଜସ୍ୱ ସୁଯୋଗ ହୋଇପାରେ। ଯଦି ନିଶ୍ଚିତ ଓ ସ୍ଥିର ଆର୍ଥିକ ପରିବେଶ ନିଲାମ ସମୟରେ ଅଧିକ ପ୍ରତିଯୋଗିତାକୁ ଉତ୍ସାହିତ କରେ ଏବଂ ପ୍ରକଳ୍ପଗୁଡ଼ିକୁ ଅଧିକ ବ୍ୟବହାରିକ କରେ, ତେବେ ଅଧିକ ନିଲାମ ପ୍ରିମିୟମ୍ ସହିତ ଉତ୍ପାଦନ ଭିତ୍ତିକ ରାଜସ୍ୱ ମାଧ୍ୟମରେ ମଧ୍ୟ ରାଜ୍ୟ ଲାଭବାନ ହୋଇପାରେ। ବାସ୍ତବରେ, ଟିକସକୁ ନେଇ ଥିବା ଆଶଙ୍କାର ମୂଳରେ ଏକ ବିପରୀତ ପରିସ୍ଥିତି ରହିଛି। ଦେଶର ସବୁଠାରୁ ବଡ଼ କାର୍ଯ୍ୟକ୍ଷମ ଖଣି ଭିତ୍ତିଭୂମି ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ। ତେଣୁ ଛୋଟ ଖଣି କ୍ଷେତ୍ର ଥିବା ରାଜ୍ୟଗୁଡ଼ିକ ତୁଳନାରେ ଅନିଶ୍ଚିତ ଖର୍ଚ୍ଚର ପ୍ରଭାବ ଓଡ଼ିଶା ଉପରେ ଅଧିକ ପଡ଼ିପାରେ।

ଯଦି କୌଣସି ଲେଭି ଯୋଗୁଁ ଏକ ଖଣି ଆର୍ଥିକ ଭାବେ ଅଲାଭଜନକ ହୋଇଯାଏ କିମ୍ବା ଏହାର ଉତ୍ପାଦନ ବଜାରରେ ଅପ୍ରତିଯୋଗୀ ହୋଇପଡ଼େ, ତେବେ ରାଜ୍ୟ କେବଳ ସମ୍ଭାବ୍ୟ ଟିକସ କିମ୍ବା ଫି ହରାଇବ ନାହିଁ। ରାଜ୍ୟ ରୟାଲ୍ଟି, ନିଲାମ ପ୍ରିମିୟମ୍, **DMF** ରାଜସ୍ୱ ଏବଂ ଉତ୍ପାଦନ ସହ ଜଡ଼ିତ ବ୍ୟାପକ ଆର୍ଥିକ କାର୍ଯ୍ୟକଳାପ ମଧ୍ୟ ହରାଇପାରେ। ଏକ ଅଧିକ ପ୍ରତିଯୋଗିତାମୂଳକ ଦେଶୀୟ ଖଣି ବ୍ୟବସ୍ଥା ପାଇଁ ସବୁଠାରୁ ଦୃଢ଼ ଯୁକ୍ତି ହୁଏତ ଖଣି କ୍ଷେତ୍ର ବାହାରେ ଦେଖିବାକୁ ମିଳିପାରେ। ଓଡ଼ିଶା ଦେଶର ଅନ୍ୟ ସମସ୍ତ ରାଜ୍ୟ ତୁଳନାରେ ସର୍ବାଧିକ ଲୁହାପଥର ଉତ୍ପାଦନ କରେ। ତଥାପି ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ୧୧,୧୧୫ କୋଟି ଟଙ୍କାର ଲୁହାପଥର ଆମଦାନୀ କରିଛି। ସେହିପରି ମାଙ୍ଗାନିଜ୍‌ର ଆମଦାନୀ ମୂଲ୍ୟ ୧୦,୮୭୨ କୋଟି ଟଙ୍କା, ବକ୍ସାଇଟ୍ ୪,୮୨୨ କୋଟି ଟଙ୍କା ଏବଂ କ୍ରୋମାଇଟ୍ ୭୫୩ କୋଟି ଟଙ୍କା ରହିଛି। ଏହି ସଂଖ୍ୟାଗୁଡ଼ିକ ଏକ ବଡ଼ ପ୍ରଶ୍ନ ଉଠାଉଛି—ଦେଶରେ ଉପଲବ୍ଧ ଥିବା ଖଣିଜକୁ ଭାରତ କାହିଁକି ଆମଦାନୀ କରିବ? ଏହାର ଉତ୍ତରରେ ଏକ ପ୍ରମୁଖ ଅଂଶ ହେଉଛି ମୂଲ୍ୟ ପ୍ରତିଯୋଗିତା। ଯଦି ଭାରତୀୟ ଖଣିଜକୁ ଉତ୍ତୋଳନ ଓ ପରିବହନ କରିବାର ସମୁଦାୟ ଖର୍ଚ୍ଚ ଆମଦାନୀ କରାଯାଉଥିବା ଖଣିଜ ତୁଳନାରେ ଅଧିକ ହୁଏ, ତେବେ ଉତ୍ପାଦକମାନେ ଆର୍ଥିକ ଦୃଷ୍ଟିରୁ ବିଦେଶୀ ବଜାର ଆଡ଼କୁ ଯିବାକୁ ପ୍ରେରିତ ହୁଅନ୍ତି। ଖଣି ଉପରେ ଲାଗୁଥିବା ଟିକସ ମଧ୍ୟ ଏହି ଖର୍ଚ୍ଚର ଏକ ଅଂଶ ହୋଇଯାଏ। ଓଡ଼ିଶା ପାଇଁ ଏହାର ସିଧାସଳଖ ପ୍ରଭାବ ରହିଛି। ଦେଶୀୟ ଲୁହାପଥରର ମୂଲ୍ୟ ଅସୁବିଧା କମିଲେ ଭାରତୀୟ ଖଣିଗୁଡ଼ିକୁ ପୁଣି ଅଧିକ ଅର୍ଡର୍ ମିଳିପାରେ। ଏହାଦ୍ୱାରା ଉତ୍ପାଦନ ବଢ଼ିବ ଏବଂ ଯେଉଁ ରାଜ୍ୟ ରାଜସ୍ୱ ହରାଇବା ନେଇ ସମାଲୋଚକମାନେ ଆଶଙ୍କା କରୁଛନ୍ତି, ସେହି ରାଜସ୍ୱ ହିଁ ରୟାଲ୍ଟି, ନିଲାମ ପ୍ରିମିୟମ୍ ଏବଂ ଉଗର ଅବଦାନ ମାଧ୍ୟମରେ ଆହୁରି ବଢ଼ିପାରେ। ଏହି ଦୃଷ୍ଟିରୁ ଦେଖିଲେ, ଦେଶୀୟ ଉତ୍ପାଦନ ଅପ୍ରତିଯୋଗୀ ହୋଇଥିବା କାରଣରୁ ଆମଦାନୀ ହେଉଥିବା ପ୍ରତ୍ୟେକ ଟନ୍ ଖଣିଜ ହେଉଛି ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟ ପାଇଁ ଏକ ହରାଇଥିବା ସୁଯୋଗ। କେନ୍ଦ୍ର ସରକାର ସ୍ପଷ୍ଟ ଭାବେ କହିଛନ୍ତି ଯେ ଏହି ସଂଶୋଧନ ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକୁ ମିଳୁଥିବା ରାଜସ୍ୱକୁ କମାଇବ ନାହିଁ। ରାଜ୍ୟଗୁଡ଼ିକ ପୂର୍ବଭଳି ରୟାଲ୍ଟି, ନିଲାମ ପ୍ରିମିୟମ୍, ଉଗର ଆଦାୟ ଏବଂ **GST**ରେ ନିଜ ଅଂଶ ପାଇବେ। ସରକାରଙ୍କ ଅନୁଯାୟୀ, ବର୍ତ୍ତମାନ ଖଣିଜ ଉତ୍ପାଦନରୁ ସୃଷ୍ଟ ରାଜସ୍ୱର ପ୍ରାୟ ୯୦ ପ୍ରତିଶତ ରାଜ୍ୟଗୁଡ଼ିକ ପାଇଥାନ୍ତି। ସରକାରଙ୍କ ଅନୁଯାୟୀ, ୨୦୧୫ରେ ନିଲାମ ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ କୋଇଲା ସମେତ ଖଣି କ୍ଷେତ୍ରରୁ ରାଜ୍ୟଗୁଡ଼ିକ ୭ ଲକ୍ଷ କୋଟି ଟଙ୍କାରୁ ଅଧିକ ରାଜସ୍ୱ ପାଇଛନ୍ତି। ଗତ ଏକ ଦଶନ୍ଧିରେ ରାଜ୍ୟଗୁଡ଼ିକର ଖଣିଜ ରାଜସ୍ୱ ପ୍ରାୟ ୩୫୪ ପ୍ରତିଶତ ବୃଦ୍ଧି ପାଇଛି ଏବଂ ୨୦୨୫-୨୬ରେ ଏହା ପ୍ରାୟ ୮୨,୩୬୬ କୋଟି ଟଙ୍କାରେ ପହଞ୍ଚିଛି।

ଏହି ସଂଶୋଧନର ଅର୍ଥ ରାଜ୍ୟର ରାଜକୋଷରୁ ଟଙ୍କା ନେଇ ଖଣି କମ୍ପାନୀଗୁଡ଼ିକୁ ଦେବା ନୁହେଁ। ଏହା ବକେୟା ଦେୟକୁ ମଧ୍ୟ ଛାଡ଼ କରୁନାହିଁ। ଏହାର ଘୋଷିତ ଉଦ୍ଦେଶ୍ୟ ହେଉଛି ଲେଭି ସମ୍ପର୍କିତ ଏକ ସ୍ପଷ୍ଟ ଆଇନଗତ ବ୍ୟବସ୍ଥା ସୃଷ୍ଟି କରିବା, ମାମଲା ଓ ଆଇନଗତ ବିବାଦ କମାଇବା ଏବଂ ଦୀର୍ଘ ସମୟ ପରେ ଲାଭ ଦେଉଥିବା ନିବେଶ ପାଇଁ ଆବଶ୍ୟକ ଆର୍ଥିକ ନିଶ୍ଚିତତା ପ୍ରଦାନ କରିବା। ଓଡ଼ିଶା ପାଇଁ ଏହି ନିଶ୍ଚିତତା ବିଶେଷ ଗୁରୁତ୍ୱପୂର୍ଣ୍ଣ। କାରଣ ଖଣି କମ୍ପାନୀଗୁଡ଼ିକ ଏକ ଖଣି ବ୍ଲକ୍‌ର ସମଗ୍ର ଜୀବନକାଳରେ ହେବାକୁ ଥିବା ଖର୍ଚ୍ଚ ଓ ମିଳିବାକୁ ଥିବା ଲାଭକୁ ଆକଳନ କରି ନିଲାମରେ ବିଡ୍ କରନ୍ତି। ଆର୍ଥିକ ପରିବେଶ ଯେତେ ଅଧିକ ନିଶ୍ଚିତ ଓ ପୂର୍ବାନୁମାନଯୋଗ୍ୟ ହେବ, ପ୍ରତିଯୋଗିତାମୂଳକ ବିଡିଂ ପାଇଁ ସେତେ ଅଧିକ ସୁଯୋଗ ସୃଷ୍ଟି ହେବ। ୨୦୧୫ ପରଠାରୁ ଭାରତର ଖଣିଜ ଅର୍ଥନୀତିରେ ଘଟୁଥିବା ବ୍ୟାପକ ପରିବର୍ତ୍ତନର ମଧ୍ୟ ଏହି ସଂଶୋଧନ ଏକ ଅଂଶ। ପ୍ରତିଯୋଗିତାମୂଳକ ଇ-ନିଲାମ ମାଧ୍ୟମରେ ବିବେଚନାଧୀନ ଭାବେ ଖଣି ବଣ୍ଟନ କରିବାର ପୁରୁଣା ବ୍ୟବସ୍ଥାକୁ ବଦଳାଯାଇଛି। ଏପର୍ଯ୍ୟନ୍ତ ୧୭ଟି ରାଜ୍ୟରେ ୭୨୩ଟି ପ୍ରମୁଖ ଖଣିଜ ବ୍ଲକ୍ ନିଲାମ ହୋଇଛି। କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ୨୧୨ଟି ବ୍ଲକ୍ ନିଲାମ ହୋଇଥିବାବେଳେ ୩୬ଟି ବ୍ଲକ୍ କାର୍ଯ୍ୟକ୍ଷମ ହୋଇଛି। ସଂସ୍କାର ସହିତ ଉତ୍ପାଦନ ମଧ୍ୟ ବଢ଼ିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରମୁଖ ଖଣିଜ ଉତ୍ପାଦନର ମୂଲ୍ୟ ୨୬.୮ ପ୍ରତିଶତ ବୃଦ୍ଧି ପାଇଛି। ଲୁହାପଥର ଉତ୍ପାଦନ ରେକର୍ଡ ୩୧୩ ନିୟୁତ ଟନ୍‌ରେ ପହଞ୍ଚିଛି। ୨୦୧୪ ପରଠାରୁ କୋଇଲା ବ୍ୟତୀତ ଅନ୍ୟ ଖଣିଜର ଉତ୍ପାଦନ ପ୍ରାୟ ତିନିଗୁଣ ହୋଇଛି। ପରବର୍ତ୍ତୀ ବଡ଼ କ୍ଷେତ୍ର ହେଉଛି ଗୁରୁତ୍ୱପୂର୍ଣ୍ଣ ଖଣିଜ **(Critical Minerals)**। ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ୍ **(National Critical Mineral Mission)** ପାଇଁ ୧୬,୩୦୦ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ରହିଛି। ଏହାର ଉଦ୍ଦେଶ୍ୟ ଦେଶୀୟ ଅନ୍ୱେଷଣ ଏବଂ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା। ଓଡ଼ିଶା ମଧ୍ୟ ସେହି ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି, ଯେଉଁଠାରେ **Critical Mineral Processing Parks**କୁ ସମର୍ଥନ ଦିଆଯାଉଛି।

ଏହା ଓଡ଼ିଶା ପାଇଁ ନିଜର ପାରମ୍ପରିକ 'କଞ୍ଚା ଖଣିଜ ଯୋଗାଣକାରୀ' ଭୂମିକାରୁ ଆଗକୁ ବଢ଼ିବା ଏବଂ ଖଣିଜ ପ୍ରକ୍ରିୟାକରଣ ଓ ମୂଲ୍ୟ ବୃଦ୍ଧି **(Value Addition)** କ୍ଷେତ୍ରରେ ନିଜର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାର ସୁଯୋଗ ସୃଷ୍ଟି କରୁଛି। ଆଉ ଏକ ଦିଗକୁ ଅଣଦେଖା କରାଯିବା ଉଚିତ୍ ନୁହେଁ। ଏହି ସଂଶୋଧନ କେବଳ ରାଜ୍ୟଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ଲଘୁ ଖଣିଜ ଉପରେ ଲାଗୁ ହୁଏ ନାହିଁ। ବାଲି, ଗୋଡ଼ି, ମାଟି, ସିଲିକା, ଗ୍ରାନାଇଟ୍, ମାର୍ବଲ୍, ଜିପସମ୍ ଏବଂ ଲେଟେରାଇଟ୍ ସମେତ ପ୍ରାୟ ୫୦ଟି ଖଣିଜ ଏହାର ପରିସର ବାହାରେ ରହିଛି। ଏଗୁଡ଼ିକ ଉପରେ ରାଜ୍ୟର ବର୍ତ୍ତମାନର ନିୟାମକ ଏବଂ ରାଜସ୍ୱ ଅଧିକାର ଅପରିବର୍ତ୍ତିତ ରହିଛି। ସ୍ଥାନୀୟ ସମୁଦାୟ ସ୍ତରରେ ମଧ୍ୟ ୨୦୧୫ ପରବର୍ତ୍ତୀ ଖଣି ନୀତି ଢାଞ୍ଚା ଅଧୀନରେ ଜିଲ୍ଲା ଖଣିଜ ଫାଉଣ୍ଡେସନ୍ (ଉଗର) ଗଠନ କରାଯାଇଛି। ସରକାରଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ୬୫୬ଟି ଉଗର ଗଠିତ ହୋଇଛି। ଏଥିରେ ୧୦୬ଟି ଆକାଂକ୍ଷୀ ଜିଲ୍ଲା ଅନ୍ତର୍ଭୁକ୍ତ। ଏହି ପାଣ୍ଠି ରାସ୍ତା, ହସ୍ପିଟାଲ୍, ସ୍କୁଲ୍, ପାନୀୟ ଜଳ ଏବଂ ଅନ୍ୟାନ୍ୟ ସ୍ଥାନୀୟ ଆବଶ୍ୟକତା ପୂରଣରେ ବ୍ୟବହାର କରାଯାଉଛି। ତେଣୁ ଓଡ଼ିଶା ପାଇଁ ଏହି ବିତର୍କକୁ କେବଳ 'ରାଜସ୍ୱ ବନାମ ସଂସ୍କାର' ଭାବେ ଦେଖିବା ଆବଶ୍ୟକ ନାହିଁ। ରାଜ୍ୟର ଅଭିଜ୍ଞତା ଦର୍ଶାଉଛି ଯେ ସ୍ୱଚ୍ଛ ଏବଂ ପ୍ରତିଯୋଗିତାମୂଳକ ନିଲାମ ମାଧ୍ୟମରେ ବହୁ ପରିମାଣର ପ୍ରିମିୟମ୍ ରାଜସ୍ୱ ହାସଲ କରାଯାଇପାରେ। ଓଡ଼ିଶାର ବିପୁଳ ଖଣିଜ ଭଣ୍ଡାର ଏହାକୁ ଏକ ସ୍ୱାଭାବିକ ସୁବିଧା ପ୍ରଦାନ କରେ। ନୂଆ ବ୍ୟବସ୍ଥା ଏହା ସହିତ ଏକ ଅଧିକ ନିଶ୍ଚିତ ଆର୍ଥିକ ପରିବେଶ ଯୋଗ କରିବାକୁ ଚାହୁଁଛି, ଯେଉଁଠାରେ ଖଣିଜ ସମ୍ପଦକୁ ଉତ୍ତୋଳନ, ବିକ୍ରୟ ଏବଂ ପ୍ରତିଯୋଗିତାମୂଳକ ଭାବେ ପ୍ରକ୍ରିୟାକରଣ କରାଯାଇପାରିବ। ନିଶ୍ଚିତ ଭାବେ, ଏହାର ପ୍ରକୃତ ପରୀକ୍ଷା ହେବ କାର୍ଯ୍ୟକାରୀକରଣରେ। କିନ୍ତୁ ମୂଳ ଧାରଣାଟି ସ୍ପଷ୍ଟ—ଖଣିଜ ସମ୍ପଦରେ ସମୃଦ୍ଧ ଏକ ରାଜ୍ୟ କେବଳ ପ୍ରତି ଟନ୍ ଉତ୍ତୋଳିତ ଖଣିଜ ଉପରେ ଅଧିକ ଶୁଳ୍କ ଲଗାଇ ନିଜର ରାଜସ୍ୱକୁ ସର୍ବାଧିକ କରିପାରିବ ନାହିଁ। ଅଧିକ ଖଣି କାର୍ଯ୍ୟକ୍ଷମ ହେଲେ, ଅଧିକ ଖଣିଜ ବିକ୍ରୟ ହେଲେ, ନିବେଶ ବଢ଼ିଲେ ଏବଂ ଦେଶୀୟ ଖଣିଜ ସମ୍ପଦ ଆମଦାନୀ ସହିତ ପ୍ରତିଯୋଗିତା କରିପାରିଲେ ହିଁ ରାଜ୍ୟର ରାଜସ୍ୱ ସର୍ବାଧିକ ହୋଇପାରିବ। ଓଡ଼ିଶା ପାଇଁ ଉତ୍ପାଦନ ଆରମ୍ଭ ଅପେକ୍ଷାରେ ଥିବା ୪୫ଟି ନିଲାମ ହୋଇସାରିଥିବା ଖଣି ବ୍ଲକ୍ ହୁଏତ ଏହି ପ୍ରସଙ୍ଗରେ ସବୁଠାରୁ ସ୍ପଷ୍ଟ ଉଦାହରଣ ହୋଇପାରେ। ତେବେ ପ୍ରଶ୍ନ ଏହା ନୁହେଁ ଯେ ଓଡ଼ିଶା ନିଜର ଖଣିଜ ରାଜସ୍ୱକୁ ସୁରକ୍ଷା ଦେବା ଉଚିତ୍ କି ନୁହେଁ। ନିଶ୍ଚିତ ଭାବେ ଦେବା ଉଚିତ୍। ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି—ଏହି ରାଜସ୍ୱକୁ କିପରି ଆହୁରି ବଢ଼ାଯାଇପାରିବ?

ଗଗଉଜ ସଂଶୋଧନର ଉତ୍ତର ହେଉଛି—ଅଧିକ ନିଶ୍ଚିତତା, ଅଧିକ ଉତ୍ପାଦନ ଏବଂ ଅଧିକ ପ୍ରତିଯୋଗିତାମୂଳକ ବ୍ୟବସ୍ଥା ମାଧ୍ୟମରେ।

ପ୍ରତିଯୋଗିତାମୂଳକ ନିଲାମରୁ କ'ଣ ଲାଭ ମିଳିପାରେ, ତାହା ଓଡ଼ିଶା ଇତିମଧ୍ୟରେ ପ୍ରମାଣ କରିସାରିଛି। ତେଣୁ ନୂଆ ବ୍ୟବସ୍ଥା ଓଡ଼ିଶା ପାଇଁ ଏକ ବିପଦ ନୁହେଁ, ବରଂ ଏକ ସୁଯୋଗ ହୋଇପାରେ।

+ ମୁଖ୍ୟ ସଂପାଦକ: ଧ୍ୱନି ପ୍ରତିଧ୍ୱନି
ଜେଲରୋଡ଼, ବାଲେଶ୍ୱର

# ମୁଁ ଜଣେ ଶିକ୍ଷକ କହୁଛି



**କାଳିକିଙ୍କର**

ଆଜି ଆମ ଦେଶରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସମସ୍ତେ ଭାବିବାକୁ ଲାଗିଲେଣି ଯେ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିବା ଆବଶ୍ୟକ । ସମସ୍ତଙ୍କୁ ଶିକ୍ଷାର ସୁବିଧା ସୁଯୋଗ ମିଳିବା ଦରକାର । ଶିକ୍ଷାର ସମାନ ଅଧିକାର ସମ୍ବିଧାନର ପୃଷ୍ଠାରେ ଲେଖିଦେଲେ କିଛି ହେବନାହିଁ। ନେତା ଓ ଧନୀକ ଶ୍ରେଣୀର ଲୋକଙ୍କ ପିଲାମାନେ ବିଦେଶରେ ଉଚ୍ଚମାନର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବେ ଆଉ ଏ ଦେଶର ମଧ୍ୟବିତ୍ତ ବା ଗରିବ ଘରର ପିଲାମାନେ ଅବହେଳିତ ଓ ଅନୁପଯୁକ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବେ । ଯେତେବେଳେ ଏ ଲେଖକ ଅବହେଳିତ ଓ ଅନୁପଯୁକ୍ତ ଶବ୍ଦ ପ୍ରୟୋଗ କରୁଛି ସେତେବେଳେ ବୁଝିନେବା ଦରକାର ଯେ ଏ ଉକ୍ତି କେତେ ଯଥାର୍ଥ କି ଯଥାର୍ଥ ନୁହେଁ । ସହଜ ସରଳ ଉତ୍ତରଟିଏ ଏଠାରେ ରଖାଯାଇପାରେ ଯେ ଯଦି ଆମ ଦେଶର ଶିକ୍ଷାନୁଷ୍ଠାନ ଉପଯୁକ୍ତ ତେବେ ବଡ ବଡିଆ ବୋଲାଉଥିବା ଲୋକଙ୍କ ପିଲାମାନେ ବିଦେଶକୁ କାହିଁକି ଯାଉଛନ୍ତି? ତାପରେ ଆଉ ଗୋଟିଏ କଥା ଏଠାରେ ବୁଝେଇ ଦେବାକୁ ଚାହୁଁଛି ଯେ ଆମ ଦେଶରେ ମଧ୍ୟ ଦୁଇପ୍ରକାରର ଲୋକଙ୍କ ପାଇଁ ଦୁଇପ୍ରକାର ଶିକ୍ଷା ବ୍ୟବସ୍ଥା ରହିଛି । ତାହାହେଲା ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ବେସରକାରୀ। ସରକାରୀ ଶିକ୍ଷାନୁଷ୍ଠାନର ବ୍ୟବସ୍ଥା ଏତେ ଅବହେଳିତ ଯେ ତାକୁ ଅନୁପଯୁକ୍ତ ଶିକ୍ଷାନୁଷ୍ଠାନ କହିଲେ ଭୁଲ ହେବନାହିଁ । ପ୍ରସିଦ୍ଧ ଇଂରାଜୀ କବି ଓ ଲେଖକ **H. W. Longfellow** କହିଛନ୍ତି-

**Between the dark and day light/When the night is beginning to lower**
**Comes a pause in the day's occupations/That is known as the Children's hour.**

ଆମ ଦେଶରେ ଏବେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରୁଛନ୍ତି। ଶିକ୍ଷା ମନ୍ତ୍ରୀଙ୍କର ଇସ୍ତଫା ମାଗୁଛନ୍ତି । ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ରାଜରାସ୍ତାରେ ବସି ରହୁଛନ୍ତି। ପୋଲିସର ଦମନ ସହୁଛନ୍ତି। କାହିଁକି ଆଜି ଏ ଦେଶରେ ଶିକ୍ଷାର ଅବସ୍ଥା ? ଏଠାରେ ପାଠ ପଢ଼ାହେଉଛି କିନ୍ତୁ ଉପଯୁକ୍ତ ପାଠ୍ୟ ପୁସ୍ତକ ନାହିଁ, ପାଠ୍ୟ ଖସଡା ନାହିଁ, ପାଠ ପଢ଼ାଇବାକୁ ଶିକ୍ଷକ ନାହାଁନ୍ତି । ଯେଉଁଠି ଶିକ୍ଷକ ଅଛନ୍ତି ତାଙ୍କୁ ଶିକ୍ଷା କର୍ମରେ ଲଗାଇବା ଛଡା ସରକାରୀ କାମରେ ଲଗାଇ ଦିଆ ଯାଉଛି। ପାଠ୍ୟ ଉପକରଣ ନାହିଁ ଏମିତିକି ଯେଉଁ ପୁସ୍ତକ ମଧ୍ୟ ପିଲାଙ୍କୁ ପଢ଼ାଇବାପାଇଁ ଉପଲବ୍ଧ ହେଉଛି ତାହା ତ୍ରୁଟିପୂର୍ଣ୍ଣ। କେବଳ ସେତିକି ନୁହେଁ ପରୀକ୍ଷା ବିଭ୍ରାଟ ହେଉଛି । ପରୀକ୍ଷା ପୂର୍ବରୁ ଓ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ଲିକ୍ ହେଉଛି, ପରୀକ୍ଷା ବାତିଲ ହେଉଛି। ଆଉ ଏହି ପରୀକ୍ଷା ବାତିଲ ହେବାପରେ ଆଜିର ଛାତ୍ରଛାତ୍ରୀ ଏମିତି ମାନସିକ ପରିସ୍ଥିତିରେ ପହଂଚି ଯାଉଛନ୍ତି ଯେ ସେମାନେ ଆପଣାର ବହୁମୂଲ୍ୟ ଜୀବନ ଦେଇ ଦେଉଛନ୍ତି । ମହାଭାରତ କାଳରେ ରାଜପୁତ୍ର ଶିକ୍ଷାରେ ସୁଯୋଗ ପାଉଥିଲା ବେଳେ ବିଚରା ଗରିବ ଏକଲବ୍ୟ ବଂଚିତ ହେଉଛି ଓ ତାପରେ ପୁଣି ତାକୁ ଗୁରୁଙ୍କୁ ଆଙ୍ଗୁଳି କାଟି ଦେବାକୁ ହୋଇଛି। ଆଜିର ଶିକ୍ଷା ବ୍ୟବସ୍ଥା ଏମିତି ଦୁର୍ବଳ ଯେ ପିଲାମାନଙ୍କୁ କୋଚିଂ ସେଂଟରରେ ଦାକିଲା ନେବାକୁ ପଡୁଛି। ସେଥିରେ ତାଙ୍କ ମାତା ପିତାଙ୍କୁ ଆପଣାର ଗହଣା ଗାଂଠି, ଜମାବାଡି ଆଦି ବିକ୍ରୀ କରିବାକୁ ପଡୁଛି । ଏକ ହତାସା ଓ ନିରାଶାର ବଳୟ ଭିତରେ ଛାତ୍ରଛାତ୍ରୀ ଅଣନିଃଶ୍ୱାସୀ ହେଉଛନ୍ତି। କାରଣ ଆଜିର ଶିକ୍ଷା ଯେମିତି କେବଳ କିଛି କାଗଜର ପୃଷ୍ଠା ଓ ଶିକ୍ଷକ ଏ ବାଧ୍ୟ ସରକାରୀ ବା ବେସରକାରୀ କର୍ମଚାରୀ। ବେସରକାରୀ ଏଥିପାଇଁ କହୁଛି ଯେ ଅନେକେ ମଧ୍ୟବିତ ପରିବାରର ପିଲାମାନେ ସରକାରୀ ବିଦ୍ୟାଳୟର ଅଯୋଗ୍ୟତା ଓ ଅକର୍ମଣ୍ୟତାକୁ ଦେଖି ଯେତେବେଳେ ବେସରକାରୀ ବିଦ୍ୟାଳୟକୁ ଯାଉଛନ୍ତି ସେଠାରେ ମଧ୍ୟ ସେମାନେ ନିରାଶ ହେଉଛନ୍ତି । ପ୍ରସିଦ୍ଧ ହିନ୍ଦୀ କବି କେଦାରନାଥ ଅଗ୍ରୱାଲଙ୍କର କବିତାର ଏକ ପଂକ୍ତି ଏଠାରେ ଉଦ୍ଧୃତ କରାଯାଇପାରେ ଯିଏ ଯଥାର୍ଥରେ କହିଛନ୍ତି-

କିତାବୋଁ କେ ବସ୍ତେ ମେଁ ଦବଗୟା ବଚପନ ସାରା/ ନିସର୍ଗ ସେ ଦୂର୍ ହୁଆ ଆଜ କା ୟହ ଲାଡଲା ଦୁଲାରା ।

ମାର୍କସ୍ ଔର ପ୍ରତିଶତ କୀ ଦୌଡ ମେଁ ୟହ କୈସି ଶିକ୍ଷା ହେ/ ଜହାଁ ଇନସାନିୟତ୍ ଆଜ ଖୁଦ୍ ଏକ ଭଟକତି ଶିକ୍ଷା ହେ ।

ଗୁରୁ ୟ ନହିଁ ଜୋ ସିର୍ଫ ସ୍କିନ ପର ପାଠ ପଢ଼ାଏ/ ଗୁରୁ ୟ ହେ ଜୋ ମନ କେ ଅଂଧେରେ କୋ ଦୂର ଭଗାଏ ।

ଆଜିର ଶିକ୍ଷକ କେବଳ ନିର୍ଦ୍ଧାରିତ ପାଠ୍ୟ ପୁସ୍ତକକୁ ପଢ଼େଇ ଜଣେ ସୁଯୋଗ୍ୟ ଛାତ୍ର ଗଢ଼ିପାରିବେ ନାହିଁ ବୋଲି ଡ. ସର୍ବପଲ୍ଲୀ ରାଧାକୃଷ୍ଣନ ଯଥାର୍ଥରେ କହିଛନ୍ତି । ଆଜିର ସମାଜରେ ଶିକ୍ଷା ଯେମିତି ଉଚିତ୍ ମାର୍ଗରୁ ଦୂରେଇ ଯାଇଛି । ଡ. ରାଧାକୃଷ୍ଣନ କହନ୍ତି- "କେବଳ ପୁସ୍ତକ ପଢ଼ିବା ଦ୍ୱାରା ଆମେ ଜ୍ଞାନୀ ହୋଇ ପାରିବା ନାହିଁ, ବରଂ ଜଣେ ସତ୍ୟ ପ୍ରକୃତିର ଶିକ୍ଷକହିଁ ଜୀବନର ମାର୍ଗ ଦେଖାଇ ପାରନ୍ତି । ତେବେ ଦୁଃଖର କଥା ଯେ ଆଜି ଶିକ୍ଷା ଯେମିତି ଏକ ବ୍ୟବସାୟ ପାଲଟି ଯାଇଛି। ଶିକ୍ଷକ କେବଳ ଜଣେ ପାଠ ପଢ଼ାଉଥିବା ବ୍ୟକ୍ତି ବା ଚାକିରୀ କରୁଥିବା ଜଣେ କର୍ମଚାରୀ ନୁହଁନ୍ତି ସେ ହେଲେ ଏକ ଅନନ୍ୟ ପ୍ରେରଣାର ଉତ୍ସ। ଜଣେ ଶିକ୍ଷକର ପ୍ରେରଣାରେ ଏ ସୁନ୍ଦର ପ୍ରକୃତି ମଧ୍ୟ ଅତ୍ୟନ୍ତ ଶୋଭାମୟ ହୋଇଥାଏ ।

ଆଜି ଶିକ୍ଷକ ସତେ ଯେମିତି ଛାତ୍ରଛାତ୍ରୀ ବା ସମାଜକୁ ଉଚିତ ମାର୍ଗ ଦେଖାଇବାକୁ ଅସମର୍ଥ ହେଉଛି। ଏହାର କାରଣ ହେଲା ଏ ସମାଜର ରାଜନୀତି ଓ ଦାୟିତ୍ୱହୀନ ଶାସନ ବ୍ୟବସ୍ଥା । ସମାଜର ଅନ୍ଧାରକୁ ଦୂର କରି ଆଲୋକ ଦେଖାନ୍ତି ଶିକ୍ଷକ । କିନ୍ତୁ ଆଜି ଯେମିତି ସବୁଠି ଅନ୍ଧାର। ତଥାପି ଆମକୁ ଏକ ନୂଆ ସକାଳର ଆହ୍ୱାନ କରିବାକୁ ପଡିବ । ମୁଁ ଏତିକି କହିବି ଯେ ସେହିଁ ଶିକ୍ଷକ ଯିଏ ସତ୍ୟ, ନ୍ୟାୟ, ନୀତି ଓ ଆଦର୍ଶର ଆଲୋକ ଛାତ୍ରଛାତ୍ରୀଙ୍କର ହୃଦୟରେ ଜାଳି ଦେଇପାରେ ସେ ହିଁ ପ୍ରକୃତ ଶିକ୍ଷକ। ତେଣୁ ପ୍ରତ୍ୟେକ ଶିକ୍ଷକ ଏ କଥା ହୃଦବୋଧ କରିବା ଉଚିତ୍ । ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର ଶିକ୍ଷକଙ୍କ ସମ୍ପର୍କରେ କହିଥିଲେ-

ଯେ ଶିକ୍ଷକ୍ ଅନ୍ତରେ ଜାଗାତେ ପାରେ ଆଲୋ/ ଚିନ୍‌ତେ ଶେଖାୟ କୋନ୍‌ଟା ମନ୍ଦ କୋନ୍‌ଟା ଭାଲୋ ।

ମନେ ରଖିବାକୁ ପଡିବ ଯେ ଶିକ୍ଷା ଏକ ସୁନ୍ଦର ଆୟୁଧ ଯାହାଦ୍ୱାରା ଏକ ସୁସ୍ଥ ସମାଜ ଗଠନ କରାଯାଏ । ଶିକ୍ଷାପ୍ରତି ଅବହେଳା ଏକ ଜାତୀୟ ବିପତ୍ତି କହିଲେ ଭୁଲ୍ ହେବନାହିଁ। ତେଣୁ ଗଣତାନ୍ତ୍ରିକ ଦେଶରେ ଏ କଥାକୁ ନିଶ୍ଚିତ କରିବା ଆବଶ୍ୟକ। ନିକଟରେ ଆମ ଦେଶରେ ଛାତ୍ରଛାତ୍ରୀ ମାନଙ୍କ ଉପରେ ଯେମିତି ଲାଠି ଚାର୍ଜ ବା ପେଲଟ୍‌ଗନ ପ୍ରୟୋଗ ହେଲା ତାହା ଏକ ଅଭୁଲା କଳଙ୍କିତ ଅଧ୍ୟାୟ ଯାହାପ୍ରତି ଭବିଷ୍ୟତରେ ଧ୍ୟାନ ଦେବା ଉଚିତ୍। ସମାଜରେ ଶିକ୍ଷକ ହେଲେ ବାସ୍ତବ ରୂପକାର । ତେଣୁ ସେମାନଙ୍କୁ ଯଥେଷ୍ଟ ସମ୍ମାନ ଓ ଶ୍ରଦ୍ଧା ପ୍ରଦର୍ଶନ କରିବା ଉଚିତ୍ । ଶେଷରେ ମୁଁ ଶିକ୍ଷକ କହୁଛି, ମାଟିକୁ ମୁଁ ଛୁଇଁ ଦେଇ ମୂରତି ଗଢୁଛି, ସେହି ମୂରତିରେ ପୁଣି ପ୍ରାଣ ସଂଚାରୁଛି – ତେବେ ମୋତେ ଲୋଡା ଏକ ସ୍ୱଚ୍ଛ ସୁନିର୍ମଳ ଯେ ଆକାଶ, ଯେଉଁ ଆକାଶର ତଳେ ଫୁଟେ ଫୁଲ ହୃଦର ଅନନ୍ତ ପ୍ରକାଶ ।

+ଯୋଗାଯୋଗ- ବିଶ୍ୱଶ୍ରୀ ପ୍ରେସ୍,
ଫକୀରମୋହନ କଲେଜ ରୋଡ,
ବାଲେଶ୍ୱର-୭୫୬୦୦୧,
ମୋ- ୮୨୪୯୨୧୬୦୬୭।

## କବିତା କୋଣାର୍କ

# ଗୁରୁ ହିଁ ଈଶ୍ୱର

**ଧ୍ରୁବ ଚରଣ ଘିବେଲା**

ଗୁରୁଶ୍ରେଷ୍ଠ ସଦଗୁରୁ
ଗୁରୁ ହିଁ ଈଶ୍ୱର
ଗୁରୁ ପାଦେ ଲୟ ଥିଲେ
କରୁଣା ଅପାର ।
ଗୁରୁ ବାକ୍ୟ ଶିଷ୍ୟ ପାଇଁ
ଯଥା ପାଳନୀୟ
ଯିଏ ମଣେ ଉଚିତ,ତା'
ପାଇଁ କରଣୀୟ ।
ଗୁରୁ ଆଜ୍ଞା -କୁ ଅବଜ୍ଞା
କିଏ ଅବା କରେ
ଯିଏ କରେ ଅବଜ୍ଞା ସେ
ଶିଷ୍ୟ ରହେ ଦୂରେ ।
ଗୁରୁ ପାଦ ପୂଜା ଯୋଗ୍ୟ
ସେ ପାଦ ପୟର



ପୂଜା କଲେ ଭକ୍ତି ଭରେ
ହୁଏ ମୁକ୍ତି ତାର ।
ଗୁରୁ ବାକ୍ୟ ମନ୍ତ୍ର ଭଳି
ତାକୁ ମାନି ଥିଲେ
ବିପଦ ଆପଦ ଟଳେ
ମାନି ଘେନି ଥିଲେ ।
ଗୁରୁକୃପା ଲଭେ ଯିଏ
ମୋକ୍ଷ ପାଏ ସିଏ
ଧ୍ୟାନେ ବଳେ ଗୁରୁ ମୂର୍ତ୍ତି
ମନେ ଶୋଭା ପାଏ ।
ଜ୍ଞାନଦାତା ମୁକ୍ତିଦାତା
ସଦା ସଦଗୁରୁ
ଗୁରୁ ବାକ୍ୟ ଅକାଟ୍ୟ ଯା'
ଗୁରୁ ମହାମେରୁ ।
ତ୍ରାଣକର୍ତ୍ତା ହର୍ତ୍ତାକର୍ତ୍ତା
ଗୁରୁ ରକ୍ଷାକର୍ତ୍ତା
ସେ ସ୍ଥପତି ନିର୍ମାତା ସେ
ସେ ଭାଗ୍ୟବିଧାତା ।
ସଦଗୁରୁ ପଦ୍ମପାଦେ
କରୁଛୁ ବିନତୀ
ଗୁରୁ ଆଶୀର୍ବାଦ ବଳେ ନିଶ୍ଚେ
ଲଭିବୁ ମୁକତି ।

+ବଉଦରାଜ -୭୬୨୦୧୪,
ଜି. ବୌଦ୍ଧ
ମୋ: ୯୪୩୭୪୭୮୪୬୬







# ଗୁରୁଙ୍କ ପାଇଁ ଦିନଟିଏ



## ପ୍ରଦ୍ୟୁମ୍ନ ପଟ୍ଟନାୟକ

ସବୁ ବର୍ଷ ସେପ୍ଟେମ୍ବର ମାସ ପାଞ୍ଚ ତାରିଖରେ ପାଳିତ ହୁଏ ଗୁରୁ ଦିବସ । ଏହି ଦିନଟି ସ୍ୱାଧୀନ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ଜନ୍ମଦିନ । ସେ ଜଣେ ଖ୍ୟାତନାମା ଶିକ୍ଷକ, ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଦାର୍ଶନିକ ଥିଲେ । ୧୯୬୨ ମସିହା ସେପଟ୍ଟେମ୍ବର ପାଞ୍ଚ ତାରିଖରେ ଯେବେ ତାଙ୍କ ଛାତ୍ରମାନେ ତାଙ୍କର ଜନ୍ମଦିନ ପାଳନ କରିବାକୁ ଇଚ୍ଛା କଲେ, ସେ ଚାହିଁଥିଲେ ସେହି ଦିନକୁ କେବଳ ତାଙ୍କର ନୁହଁ ସାରା ଶିକ୍ଷକମାନଙ୍କ ଲାଗି ପାଳନ କରାଯାଉ । ତେଣୁ ସେହି ବର୍ଷଠାରୁ ଗୁରୁ ଦିବସ ସେପ୍ଟେମ୍ବର ପାଞ୍ଚ ତାରିଖରେ ପାଳିତ ହୋଇ ଆସୁଛି ।




ପ୍ରତ୍ୟେକ ବିଦ୍ୟାଳୟରେ ଗୁରୁ ଦିବସ ଶ୍ରଦ୍ଧା ଏବଂ ଭକ୍ତିର ସହ ପାରମ୍ପରିକ ରୀତିରେ ପାଳିତ ହୋଇଥାଏ । ରାଜୁ ପଢୁଥିବା ବିଦ୍ୟାଳୟରେ ଗୁରୁ ଦିବସ ପାଳନ କରାଗଲା । ପିଲାମାନେ ଗୁରୁମାନଙ୍କ ପାଦ ପୂଜା କରି ତାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଶିକ୍ଷକମାନେ ପିଲାମାନଙ୍କୁ ଆଶିଷ ପ୍ରଦାନ କରି ଉଦବୋଧନ ଦେଇ କହିଲେ, 'ଛାତ୍ରମାନେ ଦେଶର ଭବିଷ୍ୟତ । ଶିକ୍ଷକମାନେ ତାଙ୍କ ମାର୍ଗ ଦର୍ଶକ । ଶିକ୍ଷକ ଛାତ୍ରମାନଙ୍କୁ କେବଳ ବହି ପାଠ ପଢ଼ାଇ ନଥାନ୍ତି, ତାଙ୍କୁ ଉତ୍ତମ ବ୍ୟବହାର ଶିଖାଇ ଥାଆନ୍ତି । ଭବିଷ୍ୟତରେ କିପରି ଜଣେ ଭଲ ମଣିଷ ହୋଇ ପାରିବେ ସେ ନେଇ ଉପଦେଶ ଦିଅନ୍ତି । ତାଙ୍କୁ ଉନ୍ନତିର ପଥ ପ୍ରଦର୍ଶନ କରିଥାଆନ୍ତି । ଛାତ୍ରମାନଙ୍କ ଜୀବନରେ ଶିକ୍ଷକମାନଙ୍କ ଅବଦାନ ଗୁରୁତ୍ୱ ପୂର୍ଣ୍ଣ । ସେଥିପାଇଁ ସମାଜରେ ଶିକ୍ଷକମାନଙ୍କୁ ସମ୍ମାନ ପ୍ରଦାନ କରା ଯାଇଥାଏ ।'

ଶିକ୍ଷକଙ୍କ କଥା ଶୁଣି ରାଜୁ ଠିଆ ହୋଇ କହିଲା, 'ଗୁରୁଜୀ, ମୁଁ ବଡ଼ ହେଲେ ଜଣେ ଶିକ୍ଷକ ହେବି । ପିଲାମାନଙ୍କୁ ପାଠ ପଢ଼ାଇବି ।' ତା କଥା ଶୁଣି ଶ୍ରେଣୀର ଆଉ କେତେଜଣ ପିଲା ବି ସେପରି ଶିକ୍ଷକ ହେବାର ଇଚ୍ଛା ପ୍ରକାଶ କଲେ । ଶିକ୍ଷକ ହେବା ପାଇଁ ପିଲାମାନଙ୍କର ଆଗ୍ରହ ଦେଖି ଗୁରୁଜୀ କହିଲେ, ଯଦି ଶିକ୍ଷକ ହେବା ପାଇଁ ତୁମର ଏତେ ଆଗ୍ରହ ତେବେ ଛୋଟବେଳୁ ମଧ ତୁମେମାନେ ସେ କାମ କରିପାରିବ । ଘରେ ତୁମମାନଙ୍କ ଛୋଟ ଛୋଟ ଭାଇ ଭଉଣୀ ଥିବେ । ନିଜ ଘରେ ନହେଲେ ସାହି ପଡ଼ିଶାରେ ତୁମେମାନେ ତୁମଠାରୁ ଛୋଟ ଛୋଟ ପିଲାଙ୍କୁ ଦେଖୁଥିବ । ତୁମେସବୁ ଯେତିକି ପାଠ ପଢ଼ିଛ ସେଥିରୁ କିଛି ସେମାନଙ୍କୁ ପଢ଼ାଇ ପାରିବ । ତୁମେ ଗାନ କରୁଥିବା ପ୍ରାର୍ଥନା, ଶିଶୁ ସଙ୍ଗୀତ ମଧ ସେମାନଙ୍କୁ ଶିଖାଇ ପାରିବ । କେବଳ ପାଠ ନୁହଁ ଆହୁରି ବହୁତ କଥା ଅଛି ଯାହା ତୁମେ ଖେଳରେ ଖେଳରେ ଅନ୍ୟମାନଙ୍କୁ ଶିଖାଇ ପାରିବ । ଭଲ ଅଭ୍ୟାସ, ଖେଳ କୁଦ, ବ୍ୟାୟାମ, ଚିତାଙ୍କନ ଆଦି ଯାହା ତୁମକୁ ଆସେ ସେସବୁ ତୁମଠୁ ଛୋଟ ପିଲାମାନଙ୍କୁ କିମ୍ବା ଭାଇ ଭଉଣୀଙ୍କୁ ଶିଖାଇବା ବେଳେ ତୁମକୁ ଲାଗିବ ତୁମେ ଜଣେ ଶିକ୍ଷକ । ସେଥିପାଇଁ ତୁମକୁ ବଡ଼ ହେବା ଯାଏ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଛୋଟ ବେଳୁ ତୁମେ ଜଣେ ଜଣେ ଗୁରୁ ହୋଇ ପାରିବ ।'

ରାଜୁକୁ ଶିକ୍ଷକ କହିବା କଥା ଭଲ ଲାଗିଲା । ସେ ସେହି ଦିନଠାରୁ ଘରେ, ବାହାରେ, ତା' ସାଙ୍ଗ ସାଥି ମେଳରେ ଅନ୍ୟମାନଙ୍କୁ ପାଠ ପଢ଼ାରେ ସାହାଯ୍ୟ କରୁଥିଲା । ସେ ଜାଣିଥିବା, ପଢ଼ିଥିବା ଭଲ ଭଲ ଶିକ୍ଷା ଦେଉଥିଲା ।

+ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର
ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## ମନେପକାଉଛି
### ପ୍ରକାଶ ଚନ୍ଦ୍ର ଦାଶ



ଜନମିଛି ଯାହାଙ୍କଠୁ ସିଏ ବାପା, ମାଆ,
ପଦେ ପଦେ ମୋତେ ଜଗି ହେଉଛନ୍ତି ସାହା ।
ସେ ଦୁହିଁଙ୍କଠାରୁ କେତେ କଥା ଶିଖିଅଛି,
'ଗୁରୁଦିବସ'ରେ ଆଜି ମନେପକାଉଛି ।

ପାଠପଢା ଆରମ୍ଭରୁ ହେଲି ଯେବେ ଚାଟ,
କେତେ କେତେ ଗୁରୁଙ୍କଠୁଁ ଶିଖିଅଛି ପାଠ ।
ସେମାନେ ମୋ ଶିକ୍ଷାଗୁରୁ ଭୁଲିନାହିଁ କିଛି,
'ଗୁରୁଦିବସ'ରେ ଆଜି ମନେପକାଉଛି ।

ବିରାଟ ଧରା ଆମକୁ କୋଳେ ଅଛି ଧରି,
ପାଳୁଅଛି ସିନିହରେ ମାଆଟିଏ ପରି ।
ଅସୁମାରୀ ଜୀବଜନ୍ତୁ, ନଦ,ନଦୀ, ବଣ,
ଜାତିଜାତି ପଶୁ, ପକ୍ଷୀ ଆଉ କେତେ କଣ ।

ନିଜ ବାଗେ କେତେ କଥା ଯାଉଛନ୍ତି କହି,
ସେଇଥିରୁ ନାନା କଥା ଶିଖିଅଛି ମୁହିଁ ।
ସେ ସଭିଙ୍କୁ ମନେ ମନେ ଗୁରୁ ଭାବିଅଛି,
'ଗୁରୁଦିବସ'ରେ ଆଜି ମନେପକାଉଛି ।

+ ଫ୍ଲାଟ୍ ନମ୍ବର -ସି/୩୦୪
ଗୌରୀଶଙ୍କର ରେସିଡେନ୍ସି
କେଶୁରା, ଭୁବନେଶ୍ୱର -୭୫୧୦୦୨
ମୋ: ୯୯୩୮୯୬୩୦୯୪

ବିଜ୍ଞାନ ଗବାକ୍ଷ-୧୫

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ଜାତୀୟ ମହାକାଶ ଦିବସ: ଉତ୍ସବ ନୁହେଁ ମହୋତ୍ସବ

ଭାରତରେ ମହାକାଶ ବିଜ୍ଞାନର ଜନକ ଡକ୍ଟର ବିକ୍ରମ ସାରାଭାଇ ମହାକାଶକୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲେ, ସେଥିରେ ତାଙ୍କର ଲକ୍ଷ୍ୟ ଥିଲା ସ୍ପଷ୍ଟ । ତାଙ୍କ ଲକ୍ଷ୍ୟ ଥିଲା ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ବିଜ୍ଞାନର ପ୍ରୟୋଗ କରି ମଣିଷ ସମାଜର ବାସ୍ତବ ସମସ୍ୟାର ସମାଧାନ ଆଣିବା ।

ଭାରତରେ ମହାକାଶ ଯୁଗର ଆରମ୍ଭରେ ସେ ଏ କଥା ସ୍ପଷ୍ଟ କରିଥିଲେ "ଆମର ଉନ୍ନତ ଦେଶମାନଙ୍କ ପରି ଚନ୍ଦ୍ର କିମ୍ବା ଗ୍ରହ ଅଭିଯାନ ବା ମହାକାଶ ଯାତ୍ରାର ସ୍ୱପ୍ନ ନାହିଁ ।" ପ୍ରଫେସର ସାରା ଭାଇଙ୍କ ଲକ୍ଷ୍ୟରେ ଥିଲା ତାଙ୍କ ଦେଶ । ଦେଶର ଉନ୍ନତି ଲାଗି ମହାକାଶ ବିଜ୍ଞାନର ପ୍ରୟୋଗ ହିଁ ତାଙ୍କୁ ଉତ୍ସାହିତ କରିଥିଲା ଭାରତ ପରି ଅନୁନ୍ନତ ଦେଶରେ ମହାକାଶ ବିଜ୍ଞାନର ମଂଜି ପୋତିବାକୁ ।

୧୯୬୩ ମସିହାରେ ଏକ ସାଉଣ୍ଡିଙ୍ଗ୍ ରକେଟ୍ ଭାରତରେ ପଶ୍ଚିମ ଉପକୂଳରୁ ଯାତ୍ରା ଆରମ୍ଭ କରି ମହାକାଶକୁ ଛୁଇଁ ଥିଲା ଏବଂ ଭାରତରେ ମହାକାଶ ଯୁଗର ସୂତ୍ରପାତ୍ର ହୋଇଥିଲା । ବିଂଶ ଶତାବ୍ଦୀର ଶେଷ ବେଳକୁ ଭାରତୀୟ ବୈଜ୍ଞାନିକ, ଇଂଜିନିୟର ଓ ଅନ୍ୟ କୁଶଳୀ କର୍ମୀ ସରାଭାଇଙ୍କ ସ୍ୱପ୍ନକୁ ବାସ୍ତବତାରେ ସଜ୍ଜିତ କରିଥିଲେ । ଦୂର ସଂଚାର, ଦୂର ସମ୍ବେଦନଶୀଳ ପ୍ରୟୋଗ, ପାଣିପାଗ ଓ ଅନ୍ୟ କ୍ଷେତ୍ରରେ ଅଦ୍‌ଭୂତ ପର୍ବ ସଫଳତା ହାସଲ କରି ଭାରତୀୟ ମହାକାଶ ବୈଜ୍ଞାନିକମାନେ ଏକ ଉନ୍ନତ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମହାକାଶରେ ଥିବା ଭାରତର ଆଖି ସୁରକ୍ଷିତ ଭାରତ ଲାଗି ଅନବରତ କାମ କରୁଛନ୍ତି । କୃଷି, ପରିବହନ, ଶିକ୍ଷା, ଚିକିତ୍ସା, ମନୋରଂଜନ, ସୁରକ୍ଷା- ସବୁ କ୍ଷେତ୍ରରେ ଆଜି ଭାରତ ଆତ୍ମନିର୍ଭର ଦେଶର ମାନ୍ୟତା ପାଏ । ଏ ସବୁ କ୍ଷେତ୍ରରେ ଭାରତୀୟ ଉପଗ୍ରହମାନଙ୍କ ପ୍ରମୁଖ ଭୂମିକା ରହିଛି । ଦୂର ସଂଚାର




ଉପଗ୍ରହମାନେ ସାରା ଦେଶକୁ ଯୋଡ଼ି କରି ରଖିଛନ୍ତି । ସରାଭାଇଙ୍କ ସ୍ୱପ୍ନକୁ ସଫଳତା ବିମଣ୍ଡିତ କଲାପରେ ଭାରତୀୟ ମହାକାଶ ବୈଜ୍ଞାନିକଙ୍କ ଦୃଷ୍ଟି ପ୍ରଲମ୍ବିତ ହୋଇଥିଲା ଚନ୍ଦ୍ର, ମଙ୍ଗଳ, ସୂର୍ଯ୍ୟ ଓ ସୌରମଣ୍ଡଳ ଦିଗରେ । ମହାକାଶ ବିଜ୍ଞାନ କ୍ଷେତ୍ରରେ ଆରମ୍ଭ ହୋଇଥିଲା ଆଉ ଏକ ଯୁଗ ଯାହାର ଉଦ୍‌ଘୋଷରା କରିଥିଲା ଚନ୍ଦ୍ରଯାନ-୧, ୨୦୦୮ ମସିହାରେ । କେବଳ ଚନ୍ଦ୍ରର କକ୍ଷରେ ରହି ଚନ୍ଦ୍ର ସମ୍ପର୍କରେ ତଥ୍ୟ ଗ୍ରହଣରେ ସନ୍ତୁଷ୍ଟ ହୋଇନଥିଲେ ଭାରତୀୟ ବୈଜ୍ଞାନିକ ସ୍ୱପ୍ନ ଦେଖିଥିଲେ ଭାରତୀୟ ଯାନକୁ ଚନ୍ଦ୍ରର ଏପରି ଏକ ଅଂଚଳରେ ପହଂଚାଇବାକୁ ଯେଉଁଠି ପୃଥିବୀର ଅନ୍ୟ କେଉଁ ଦେଶ କେବେ ବି ପହଂଚିନାହାଁନ୍ତି ।

ଅଗଷ୍ଟ ମାସ ୨୩ ତାରିଖ, ୨୦୨୩ । ଭାରତର ବିକ୍ରମ ଲ୍ୟାଣ୍ଡର ପ୍ରଜ୍ଞା ରୋଭରକୁ ନେଇ ଚନ୍ଦ୍ରର ଦକ୍ଷିଣମେରୁ ଅଂଚଳରେ ପହଂଚି ଇତିହାସ ରଚନା କରିଥିଲେ । ସାରା ଦେଶ ନାଚି ଉଠିଥିଲା, ଝୁମି ଉଠିଥିଲା ଏହି ଐତିହାସିକ ବିଜୟରେ । ୧୪୦ କୋଟି ଭାରତୀୟଙ୍କ ଆଶା, ବିଶ୍ୱାସ ଓ ସମର୍ଥନ ଏ ଅଭିଯାନକୁ ଗୌରବ ମଣ୍ଡିତ କରିଥିଲା । ଆମ ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ଐତିହାସିକ ଦିନକୁ 'ଜାତୀୟ ମହାକାଶ ଦିବସ' ରୂପେ ଘୋଷିତ କରିଥିଲେ ।

ଏ ବର୍ଷ ଆମେ ଅଗଷ୍ଟ ୨୩, ୨୦୨୬କୁ ତୃତୀୟ ଜାତୀୟ ମହାକାଶ ଦିବସ ରୂପେ ପାଳନ କରିଛୁ । ବିଭିନ୍ନ ସ୍ତରରେ ଆମେ ଏହି ଦିନକୁ ଏକ ଉତ୍ସବ ରୂପେ ପାଳନ କରିଛୁ । ଏ ଲେଖକ, ଯିଏ ମହାକାଶ ବିଜ୍ଞାନ କ୍ଷେତ୍ରରେ ଅନେକ ବର୍ଷ କାମ କରିଛି, ଅନୁଭବ କରେ ଯେ ଏହାକୁ ଏକ ମହୋତ୍ସବ ରୂପେ ପାଳନ କରି ଦେଶର ଛାତ୍ରଛାତ୍ରୀ, ଯୁବପିଢ଼ି ଓ ଦେଶବାସୀଙ୍କୁ ଏହି ମହାନ ସଫଳତାର ବାର୍ତ୍ତା ଦେବା କଥା ଏବଂ ଗର୍ବରେ କହିବା କଥା- "ହମ୍ କିସିସେ କମ୍ ନହିଁ" । ବିଜ୍ଞାନ ହିଁ ଆତ୍ମନିର୍ଭର ଓ ବିକଶିତ ଭାରତ ଗଢ଼ିବାରେ ପ୍ରମୁଖ ଭୂମିକା ନେବ । ଜୟ ବିଜ୍ଞାନ ।

(କ୍ରମଶଃ)

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮

# ମାମୁଁଘର ଗାଁରେ ସାଇକେଲ ରେସ୍

## ପ୍ରଣତି ଆଚାର୍ଯ୍ୟ ମିଶ୍ର



ଛୁଟି ଆରମ୍ଭ ହେଉ ହେଉ ଗୁଡୁ ଆଉ ମୁନ୍ନି ଉଭୟ ଖୁସିରେ ନାଚି ଉଠିଲେ । ଏଥର ମାଆ କହିଛନ୍ତି, ସମସ୍ତେ ମାମୁଁ ଘରକୁ ଯିବେ । ଦୁଇଜଣ ନିଜ ନିଜ ବ୍ୟାଗ୍ କୁ ପ୍ୟାକ୍ କଲେ ।

ଗାଁରେ ପହଞ୍ଚିବା ମାତ୍ରେ ସେମାନେ ପ୍ରଥମେ ଦେଖିଲେ, ଲମ୍ବା ଲମ୍ବା ଗୋରୁଗାଈ ଚାଲିବା ରାସ୍ତା ଆଉ ଦୌଡୁଥିବା ରଙ୍ଗବେରଙ୍ଗର ସାଇକେଲ୍ । ମୁନ୍ନି ଆଶ୍ଚର୍ଯ୍ୟ ହୋଇ କହିଲା, ମାମୁଁ ! ଏଠାରେ ତ ସବୁପିଲା ସାଇକେଲ ଚଲାଉଛନ୍ତି । ଏହା ଶୁଣି ମାମୁ ହସି ହସି ଆସିଲେ, କାହିଁକି, ସହରରେ ସମସ୍ତେ ସାଇକେଲ ଭୁଲିଗଲେଣି କି ? ପରଦିନ ସକାଳେ ମାମୁ ଦୁଇଟି ସାଇକେଲ ବାହାର କଲେ ଏବଂ ଘୋଷଣା କଲେ, ଆଜିଠାରୁ ଟ୍ରେନିଂ ଆରମ୍ଭ ।

ପ୍ରଥମ ନମ୍ବର ଆସିଲା ଗୁଡୁ ର । ସେ ଯେମିତି ପେଡାଲ ମାରିଛି—ଧଡ଼ାମ୍ ! ସିଧା ନଡ଼ା କୁଟା ଗଦାରେ ଯାଇ ପଡ଼ିଲା । ମୁନ୍ନି ଖିଲିଖିଲି ହୋଇ ହସି କହିଲା, ଭାଇ, ତୁମେ ତ ସାଇକେଲ ନୁହେଁ, ହେଲିକପ୍ଟର ଉଡ଼ାଉଥିଲ । ଗୁଡୁ ଉଠି କହିଲା, ହଁ, ଖାଲି ଯାହା ଲ୍ୟାଣ୍ଡିଂ ଟିକେ ଗଡ଼ବଡ଼ ହୋଇଗଲା । ଧୀରେ ଧୀରେ ସେମାନେ ସନ୍ତୁଳନ (ବ୍ୟାଲାନ୍ସ) ରଖିବା ଶିଖିଗଲେ । ମାମୁ ବାରମ୍ବାର କହୁଥିଲେ, ସାଇକେଲ ଜୀବନରେ ବ୍ୟାଲାନ୍ସ କରିବା ମଧ ଶିଖାଏ ।

ଗାଁ ବୁଲା ଆରମ୍ଭ ହେଲା । ସେମାନେ ଆମ୍ବ ତୋଟା ଦେଇ ଗଲେ, ଯେଉଁଠି ପବନରେ ଆମ୍ବର ମିଠା ବାସ୍ନା ଭାସି ଆସୁଥିଲା । ପୋଖରୀ ପାଖରେ ପହଞ୍ଚିଲେ ଥଣ୍ଡା ପବନ ସମସ୍ତଙ୍କୁ ତାଜା କରିଦେଲା । ମୁନ୍ନି କହିଲା, ଓ୍ୱାଃ ଏଠାରେ ତ ଏସିର ଦରକାର ନାହିଁ । ମାମୁ ହସି କହିଲେ, ସାଇକେଲ ଚଲାଅ, ପବନ ନିଜେ ପଛେ ପଛେ ଆସିବ । ରାସ୍ତାରେ ସେମାନଙ୍କୁ ମାମୁ କହିଲେ, ଜାଣିଛ, ସାଇକେଲ ପୃଥିବୀର ସବୁଠାରୁ ପରିବେଶ-ଅନୁକୂଳ ଯାନ । ନା ପେଟ୍ରୋଲ୍, ନା ଧୂଆଁ ।

ଗୁଡୁ କହିଲା, ତା'ମାନେ ଆମେ ଯେତେ ସାଇକେଲ ଚଲାଇବା, ପୃଥିବୀ ସେତେ ଖୁସି ହେବ । ଅପରାହ୍ନରେ ଆଈ ସମସ୍ତଙ୍କୁ ତାଜା ଖାଦ୍ୟ ଖୁଆଇଲେ । ଗରମ ଗରମ ଭାତ, ଡାଲମା , ବାଡ଼ି ର ତାଜା ପନିପରିବା, ଦହି ଆଉ ଆମ୍ବ ଆଚାର । ଗୁଡୁ କହିଲା, ଏତେ ସୁଆଦିଆ ଖାଦ୍ୟ ସହରରେ ମିଳେନାହିଁ । ଆଈ ହସି କହିଲେ, ସାଇକେଲ ଚଲାଇଲେ ଭୋକ ଦୁଇଗୁଣା ଲାଗେ ।

ଛୁଟି ରେ ଗୁଡୁ ଆଉ ମୁନ୍ନି ସାଇକେଲ ଚଲାଇବାରେ ପାରଙ୍ଗମ ହୋଇଗଲେ । ଗାଁ ପିଲାମାନେ ସେମାନଙ୍କୁ ସହରିଆ ଚାମ୍ପିଅନ୍ କହି ଚିଡ଼ାଉଥିଲେ । ସକାଳୁ ସକାଳୁ ଟ୍ରିନ୍-ଟ୍ରିନ୍' ଶବ୍ଦ ସହ ସେମାନଙ୍କ ଦଳ ପୂରା ଗାଁ ଚକ୍କର ଲଗାଉଥିଲେ । କେତେବେଳେ ଆମ୍ବ ତୋଟା, କେତେବେଳେ ପୋଖରୀ, ତ ଆଉ କେତେବେଳେ ବିଲ ମଝି ଦେଇ ।

ଗୋଟିଏ ଦିନ ମାମୁ ସମସ୍ତଙ୍କୁ ଏକାଠି କଲେ କହିଲେ, ଜାଣିଛ ଫ୍ରାନ୍ସରେ ଦୁନିଆର ସବୁଠାରୁ ପ୍ରସିଦ୍ଧ ସାଇକେଲ୍ ରେସ୍ ହୁଏ । ଏଥିରେ ୨୧ଟି ଷ୍ଟେଜ୍ ଥାଏ । କିଛି ସମତଳ ରାସ୍ତାରେ, କିଛି ପାହାଡ଼ିଆ ଅଞ୍ଚଳରେ, ଆଉ କିଛି ଅତି ଉଚ୍ଚ ପାହାଡ଼ ଉପରେ । ମାମୁଁ କହିଲେ ଜାଣିଛ, ଏହି ରେସ୍ ରେ ଖେଳାଳିମାନେ ବେଳେ ବେଳେ ଗୋଟିଏ ଧାଡ଼ିରେ ଚାଲନ୍ତି, ଯେମିତି ଟ୍ରେନ୍ । ଗୁଡୁ କହିଲା, ସାଇକେଲ୍ ଟ୍ରେନ୍ । ସେହି ସନ୍ଧ୍ୟାରେ ଆଈ କହିଲେ , ତୁମ ମାମୁଁ ପିଲାଦିନେ ସାଇକେଲକୁ ଗୋଟିଏ ମୁହୂର୍ତ୍ତ ପାଇଁ ବି ଛାଡୁନଥିଲେ । ଖାଇବା ବେଳେ ବି ସାଇକେଲ ପାଖରେ, ଆଉ ଶୋଇବା ବେଳେ ବି ପାଖରେ । ମୁନ୍ନି ଓ ଗୁଡୁ ଦୁହେଁ ହସି ହସି କହିଲେ , ଏତେ ଭଲପାଇବା ?

ଆଈ ହସି କହିଲେ, ଦିନେ ସେ ଶୋଇ ଶୋଇ ବି ପେଡାଲ ମାରୁଥିଲା ଯେମିତି ସ୍ୱପ୍ନରେ ରେସ୍ ଜିତୁଛି । ପିଲାଦିନେ ସେ ସବୁବେଳେ ସ୍କୁଲ ପ୍ରତିଯୋଗିତା ରେ ପ୍ରଥମ ହୁଏ । ଗୁଡୁ କହିଲା, ତା'ମାନେ ମାମୁ ସାଇକେଲ ଚାମ୍ପିଅନ୍ ଥିଲେ । ପିଲାମାନେ ପୁଣି ଜିଦ୍ କଲେ, ମାମୁଁ ସେ ସାଇକେଲ୍ ରେସ ବିଷୟରେ ଆଉ କିଛି କୁହନ୍ତୁ । ମାମୁଁ କହିଲେ, ପରବର୍ତ୍ତୀ ଥର ଯେତେବେଳେ ଆସିବ, ସେତେବେଳେ ଆମେ ଆହୁରି ଲମ୍ବା ସାଇକେଲ ଯାତ୍ରା କରିବା ଆଉ ତୁମେ ସମସ୍ତେ ମୋ ଟ୍ରେନିଂର ଅଂଶ ହେବ । ଆଈ ସ୍ନେହରେ କହିଲେ, ସାଧନା ଥିଲେ, ସ୍ୱପ୍ନ ସତ ହୁଏ । ଦୁଇ ପିଲା ଘଣ୍ଟି ବଜାଇଲେ, ଟ୍ରିନ୍-ଟ୍ରିନ୍ ।

+ ନୟାଗଡ଼
ମୋ: ୯୪୩୭୬୪୨୯୪୭

## ଶୁଭ ଆଶିଷ-ଝର
### ନଗେନ୍ଦ୍ର ନାଥ ପଟ୍ଟନାୟକ

ଆସରେ ଆସ ଗୁରୁ ପୂଜନ
କରିବା ହୋଇ ମେଳି
ଅରପି ଦେବା ଫୁଲ ଚନ୍ଦନ
ଶୁଭ ପ୍ରଦୀପ ଜାଳି ।

ଗଢନ୍ତି ପରା ଆମକୁ ଗୁରୁ
ଧରି ଆପଣା ହାତେ
ସ୍ନେହ ଆଦରେ ଶିଖାନ୍ତି ସେତ
ଯିବାକୁ ସତପଥେ ।

'ସଭିଙ୍କୁ କୁହ ମଧୁର କଥା
ଦିଅନି କା'କୁ ବ୍ୟଥା'
ଗୁରୁଙ୍କ ଏଇ ଉପଦେଶଟି
କେବେ ହୁଏନା ବୃଥା ।

ତାଙ୍କ ଆଶିଷ ନୀତି ଆଦର୍ଶ
ଜୀବନ-ପାଠ ଯେତେ
ଆମ ଜୀବନେ ସେସବୁ ଲୋଡା
ଯିବାକୁ ଭଲବାଟେ ।

ଚହଲିଯାଏ ତାଙ୍କ ପରଶେ
ଆମରି ଓଠେ ହସ
ଗୁରୁ ଆଶିଷ ବଳରେ ଆମେ
ଅରଜୁ କୀର୍ତ୍ତି-ଯଶ ।

ତୁମେ ତ ବ୍ରହ୍ମା ତୁମେ ହେ ବିଷ୍ଣୁ
ତୁମେ ହେ ମେହେଶ୍ୱର
ଆମରି ପରେ ଝରୁ ତୁମର
ଶୁଭ ଆଶିଷ-ଝର ।

+ ଓସ୍କାର ସିଟି, ଲକ୍ଷ୍ମୀ ସାଗର
କେନାଲ ରୋଡ, ଭୁବନେଶ୍ୱର ,
ମୋ - ୯୪୩୮୩୩୨୧୩୮

## ହେ ! ଗୁରୁ ନମସ୍ୟ
### ନୀଳମଣି ଚାନ୍ଦ

ଜ୍ଞାନର ଦୀପାଳି ପ୍ରଜ୍ୱଳିତ କରି
ଅଜ୍ଞାନ କରନ୍ତି ଦୂର
ସିଏ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସମ
କରୁ ଶତ ନମସ୍କାର ।
ମୂରୁଖଟି ସିନା ବିଦ୍ୱାନ ପାଲଟେ
ଗୁରୁଙ୍କ ଆଶିଷ ଲଭି
କିଏ କହୁଥାଏ ଜ୍ଞାନ ଆକାଶର
ସିଏରେ ଉଦୟ ରବି ।
ଗୁରୁ ଥିଲେ ବୃହସ୍ପତି, ଶୁକ୍ରାଚାର୍ଯ୍ୟ,
ଆଉ ସନ୍ଦୀପନୀ,ଦ୍ରୋଣ
କାଳେ କାଳେ ଗଢିଥାନ୍ତି ଭଲ ଛାତ୍ର
ଜାଣରେ ଏକଥା ଜାଣ ।
ଥିଲେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଯେ
ଏମିତି ଗୁରୁ ତ ଜଣେ
ଯାହାଙ୍କର ଜନ୍ମଦିନକୁ ଭାରତ
ଗୁରୁଦିବସ ଯେ ମଣେ ।
ସେପଟ୍ଟେମ୍ବର ପାଞ୍ଚ ଗୁରୁଦିବସଟି
କୁହରେ ନ ଜାଣେ କିଏ
ସର୍ବପଲ୍ଲୀ ସମ ଗୁରୁ ଯେ ବିରଳ
କହିଦିଏ ଜାଣେ ଯିଏ ।
ସେ ଆମ ଆଦର୍ଶ ସେ ଚିର ନମସ୍ୟ
ଗୁରୁଙ୍କୁ ଭୁଲିବା ନାହିଁ
ସିଏ ତ ଆଲୋକବର୍ତ୍ତିକା ସମାନ
ଯୁଗେ ଯୁଗେ ଧରାପାଇଁ ।

+ ମନ୍ତମାନୋର,
ଗୋଠପାଟଣା, ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ଗୁରୁ ଦେଖାନ୍ତି ପଥ
### ସୁଧାକର ରାଉତ



ଗୁରୁ ଦେଖାନ୍ତି ବାଟ
ଗଢନ୍ତି ଭଲ ଚାଟ ।
ବିଦ୍ୟା ଯେ ମହାଧନ
ଦିଅନ୍ତି ଏହି ଜ୍ଞାନ ।

ଶିଷ୍ୟଟି ବୀଜ ପରି
ଲଭି ସିନେହ ବାରି ।
ବିଶାଳ ତରୁ ହୋଇ
ସୁନାମ ଅର୍ଜି ଥାଇ ।
ସାନିଧ ଲଭି ତାଙ୍କ
ବଦଳେ ଜ୍ଞାନ ଅଙ୍କ ।
ଅଜ୍ଞାନର ଅନ୍ଧାର
କରିଥାନ୍ତି ସେ ଦୂର ।

ତାଙ୍କର ନୀତି ଶିକ୍ଷା
ହୁଏ ଜୀବନେ ଦୀକ୍ଷା ।
ତାକୁ ପାଥେୟ କରି
ହୁଏ ଜୀବନ ପାରି ।

ଜଳି ସେ ଦୀପ ସମ
ଦୂର କରନ୍ତି ତମ ।
ତାଙ୍କ ଆଖିରେ ଲୁହ
ଦେଖିଛ କିଏ କୁହ ।
ସଦା ସେ ହସ ହସ
ସହି ଅସହ୍ୟ କ୍ଲେଶ ।

ଅସମ୍ଭବ ଏ ଶବ୍ଦ
ଜୀବନୁ ଦେଇ ବାଦ ।
ସଫଳତାର ସିଡି
କହନ୍ତି ଯାଆ ଚଢ଼ି ।

ନିଜ ସନ୍ତାନ ଭଳି
ଶିଷ୍ୟେ ଥାଆନ୍ତି ପାଳି ।
କରି ମଣିଷଟିଏ
ସୁଖ ପାଆନ୍ତି ସିଏ ।

ତାଙ୍କର ତ୍ୟାଗ ବୁଝି
ପାରେ କେ ଋଣ ଶୁଝି ।
ତାଙ୍କ ଆଶିଷ ବଳେ
ବାଧା ଏଡିବା ହେଲେ ।

ତାଙ୍କ ପୂଜାରେ ମନ
ଢାଳିବା ଶିଶୁ ଗଣ ।

+ ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ଗୁରୁ ଦିବସର ଅନୁଚିନ୍ତା



## ସୁଷମା ପରିଜା

ଗୁରୁ ଶବ୍ଦର ଅର୍ଥ ଭାରି ବା ଓଜନିଆଁ। ଅର୍ଥାତ୍ ଗୁରୁ ହିଁ ଶ୍ରେଷ୍ଠ। ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ଆଲୋକ ଆଡ଼କୁ ବାଟ ଦେଖାଇ ଦିଅନ୍ତି। ସେ ଏକାଧାରରେ ମାର୍ଗଦର୍ଶକ ଏବଂ ତତ୍ତ୍ୱାବଧାରକ। ଛତ୍ରପତି ମହାରାଜ ଶିବାଜୀଙ୍କ ଗୁରୁ ସମର୍ଥ ରାମଦାସ ହୁଅନ୍ତୁ ବା ସ୍ୱାମୀ ବିବେକାନନ୍ଦଙ୍କ ଗୁରୁ ରାମକୃଷ୍ଣ ପରମହଂସ ହୁଅନ୍ତୁ ଶିଷ୍ୟ ମାନଙ୍କୁ ମତ ମାର୍ଗରେ ପରିଚାଳିତ କରି ଜୀବନର ଶ୍ରେଷ୍ଠ ସ୍ଥାନରେ ପହଞ୍ଚିବା ପାଇଁ ପ୍ରେରିତ କରିଛନ୍ତି। ସ୍ୱାଧୀନତୋତ୍ତର ଭାରତରେ ଏହି ଗୁରୁ ଶିଷ୍ୟ ପରମ୍ପରାକୁ ସମ୍ମାନ ଦେଇ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ତଥା ଜଣେ ଶ୍ରେଷ୍ଠ ଗୁରୁ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ସେପ୍ଟେମ୍ବର ମାସ ପାଞ୍ଚ ତାରିଖ ରେ ୧୯୬୨ ମସିହାରୁ ଆମେ ପାଳନ କରିଆସୁଛନ୍ତି ଗୁରୁଦିବସ।

ଆମ ସମୟର ସେ ଗୁରୁ ଶିଷ୍ୟର ସମ୍ପର୍କ ଆଜିକାଲି ଆଉ ଦେଖିବାକୁ ମିଳୁନାହିଁ। ସହଜେ ତ ଆମ ତୃତୀୟ ପିଢ଼ି ଅବୋଲକରା, ତହିଁରେ ସରକାର ବିଦ୍ୟାଳୟକୁ କରିଛନ୍ତି ଦଣ୍ଡମୁକ୍ତ ଅଞ୍ଚଳ। ଆମ ସମୟରେ ଶିକ୍ଷକଙ୍କ ହାତର ବେତ ବାଡ଼ି ଥିଲା ତାଙ୍କର ପ୍ରମୁଖ ଆୟୁଧ। ଯେତେ ଅମାନିଆଁ ପିଲା ହେଲେ ମଧ ସେଇ ବେତ ବାଡ଼ି କୁ ଦେଖି ସଳଖ ହୋଇଯାଉଥିଲା, ହେଲେ ଆଜି ବେତ ବାଡ଼ି ତ' ନୁହେଁ ହକି ଷ୍ଟିକ୍ ରହିଛି ପିଲାଙ୍କ ହାତରେ ଯାହାକୁ ଦେଖି ଶିକ୍ଷକ ଛାନିଆଁ ହେଉଛନ୍ତି। ଶିକ୍ଷକ ପାଟି ଖୋଲିଲେ ପିଲାଙ୍କ ହାତ ଖେଳୁଛି।

ବିଦେଶରେ ତ' ପରିସ୍ଥିତି ଆହୁରି ସଙ୍ଗୀନ୍ । କେଉଁ ଏକ ସହରରେ ସ୍କୁଲ୍ ଚାଲିଥିବା ବେଳେ କ୍ଲାସ୍ ରୁମ୍‌ରେ ପିଲାଟିଏ ଶିକ୍ଷକଙ୍କୁ ଗୁଳି କରିଦେବାର ସମ୍ବାଦ ଟିଭି ଚ୍ୟାନେଲ ରେ ଦେଖିବାକୁ ମିଳିଥିଲା। କି ଦୁର୍ବିସହ ଦୃଶ୍ୟ ଥିଲା ସେ !!!

ଏ ସବୁ ଦେଖିବା ପରେ ଖୁବ୍ ମନେ ପଡୁଛି ମୋ' ପିଲାଦିନ ଏବଂ ମୋ' ସ୍କୁଲ୍‌ର କଥା । ଶିକ୍ଷକ ଆମ ମାନଙ୍କ ପାଇଁ ସାକ୍ଷାତ ଈଶ୍ୱର ଥିଲେ, ଶିକ୍ଷୟତ୍ରୀ ମାତୃସମା। ଆମେ ସେତେବେଳେ କଟକର ମଙ୍ଗଳାବାଗରେ ମୋ' ମାଉସୀ ଘରେ ରହୁଥାଉ। ସେତେବେଳେ ଘରେ ମୁଁ ଏକୁଟିଆ ଛୁଆ। ସମସ୍ତଙ୍କର ଗେହ୍ଲା। ମାଉସୀର ଶଶୁରଙ୍କର ଶିଙ୍ଗ କାମର ଦୋକାନ "ମଧୁସୂଦନ ସମବାୟ ହର୍ଣ୍ଣ ସପ୍ "। ଦୋକାନ ଘରଟି ମୁଖ୍ୟ ରାସ୍ତା କଡ଼ରେ। ଦୋକାନ ଘରର ଠିକ୍ ପଛପଟେ କାରଖାନା, ସେଠାରେ ମଉସା କାରିଗର ମାନଙ୍କୁ ଧରି କାମ କରନ୍ତି। ମାଉସୀଘର ଦୋକାନ ପଛପଟେ ଅନେକ ଜାଗା। ଭିତର ପଟକୁ ଠାକୁର ବାଡ଼ି, କୂଅ,ଗାଈ ଗୁହାଳ ଏବଂ ତା' ପଛକୁ ରହିବା ଘର ଖଞ୍ଜା। ମୋ' ବାବା ସବୁବେଳେ ତାଙ୍କ ଅଫିସ୍ କାମରେ ବାହାରେ। ବୋଉ, ମାଉସୀ ଏବଂ ତାଙ୍କ ପରିବାର ଲୋକେ ଘରକାମ, ଠାକୁର ବାଡ଼ି କାମ କରନ୍ତି। ଅଧିକାଂଶ ସମୟରେ ମୁଁ ଜେଜେ ( ମାଉସୀର ଶଶୁର)ଙ୍କ ପାଖରେ ଯାଇଁ ବସେ, ସେଇଠି ଖେଳେ। ପ୍ରାୟ ଦୁଇ ବର୍ଷ ର ହୋଇଥିଲି ଶ୍ରୀପଞ୍ଚମୀ ଦିନରେ ମୋର ଖଡ଼ି ଛୁଆଁ କରିଦେବାପାଇଁ ବୋଉ ମଉସାଙ୍କୁ କହିଲା।

ଶ୍ରୀପଞ୍ଚମୀ ଦିନ ସକାଳୁ ଉଠି ଗାଧୁଆ ପାଧୁଆ ସାରି ନୂଆ ଜାମାପଟା ପିନ୍ଧେଇ ସଜ କରିଦେଲେ ବୋଉ ଆଉ ମାଉସୀ। ମଉସା ତାଙ୍କର ନିତ୍ୟକର୍ମ ସାରି, ଧୂଆ ପୋଷାକ ପତ୍ର ପିନ୍ଧି ଗୋଟାଏ ହାତରେ ବଡ଼ ପିତ୍ତଳ ଥାଳିରେ ମାଟି ସିଲଟ,ଦୁଧଖଡି, ଅରୁଆ ଚାଉଳ, ହଳଦୀଗୁଣ୍ଡ, ଗୋଟା ଗୁଆ, ଗୋଟାପାନ, ନଡିଆ କଦଳୀ ଧରି ଆର ହାତରେ ମୋତେ କାଖେଇ ନେଇଗଲେ ମଙ୍ଗଳାବାଗ ଅଞ୍ଚଳ ରେ ଥିବା ଏକମାତ୍ର ଚାଟଶାଳୀକୁ। ମଉସାଙ୍କ ଦୋକାନ ପାଖ ରାସ୍ତାର ଆରପଟରେ ବାଘ ମଙ୍ଗଳା ମନ୍ଦିର। ମନ୍ଦିରକୁ ଲାଗି ଚାଟଶାଳୀ ଟିଏ। ସେଇ ଚାଟଶାଳୀର ଅବଧାନ ହେଲେ ରତ୍ନାକର ମାଷ୍ଟ୍ରେ, ଲୋକଙ୍କ ମୁହଁରେ ରତନା ଅବଧାନ। ତାଙ୍କରି ଆଗରେ ମତେ ବସାଇ ଦେଇ କହିଲେ ମୁଣ୍ଡିଆ ମାରିବାକୁ। ମୁଁ ଅବଧାନଙ୍କୁ ମୁଣ୍ଡିଆ ମାରିଲି। ମଉସା ମାଷ୍ଟ୍ରଙ୍କୁ କହିଲେ.." ଆଜି ଆମ ଝିଅର ଖଡି ଛୁଆଁ ହେବ ଅବଧାନେ ! ଭଲକି ଟିକିଏ ପୂଜା କରିବେ ! "ଅବଧାନେ ପଚାରିଲେ" ଯୋଗୀ ! ଇଏ ତୁମ ଝିଅ ?" ମଉସା କହିଲେ " ହଁ , ସେ ମୋ' ଝିଅ"। ପ୍ରାୟ ଷାଠିଏ ବର୍ଷ ବୟସର ପାଞ୍ଚ ଫୁଟ୍ ଛଅ ଇଞ୍ଚ୍ ଦୀର୍ଘ ସାଧାରଣ ସ୍ୱାସ୍ଥ୍ୟର ଧୋବ ଫରଫର ଚେହେରାକୁ ମଥାରେ ତିନି ଆଙ୍ଗୁଠିର ଚନ୍ଦନ ଗାର, ଭ୍ରୁଲତା ମଝିରେ ବଡ଼ ସିନ୍ଦୂର ଟୋପା। ବଗପକ୍ଷୀ ଭଳି ସଫା ଧୋତି ଉପରେ ସଫା ଫତେଇ, କାନ୍ଧରେ ମାଣିଆ ବନ୍ଧି କୁମ୍ଭ ପକା ଗାମୁଛା ପକେଇ, ଆସନ ଉପରେ ଚକା ମାଡ଼ି ବସିଥିବେ ଚାଟଶାଳୀର ଦୁଆର ମୁହଁରୁ ଅଳ୍ପ ଦୂରରେ। ବାଆଁ ପାଖରେ ଥୁଆ ହୋଇଥିଲା ତାଙ୍କ ମଳିଚିଆ ଡୋରିବନ୍ଧା ପାନବଟୁଆ ଆଉ ଡାହାଣ ପଟେ ଥୁଆ ହୋଇଥିଲା ତାଙ୍କର ତିନି ଫୁଟ ଲମ୍ବର ଚିକ୍କଣତେଲିଆ ବେତ ବାଡ଼ି। ଦୁର୍ଭାଗ୍ୟକୁ ମୋ' ନଜର ସେ ବେତ ବାଡ଼ି ଟି ଉପରେ ଆଗ ପଡିଲା। ତାଳୁରୁ ତଳିପା ଯାଏଁ ଥରିଗଲା ମୋ'ର। ମୁଁ ଚିରଚିରେଇ କାନ୍ଦି ଉଠିଲି। ମଉସା ମୋତେ ବୁଝାଶୁଝା କରି କୌଣସିମତେ ଖଡ଼ି ଛୁଆଁ ପୂଜା ପାଇଁ ବସେଇଲେ।

ହଳଦୀଗୁଣ୍ଡରେ ମଣ୍ଡଳ କାଟି ପିତ୍ତଳ ଥାଳିରେ ଅରୁଆ ଚାଉଳ ନଡ଼ିଆ ଗୁଆ, କଦଳୀ ସହିତ ପଇତା, ନୂଆ ଗାମୁଛା ଆଉ କିଛି ରେଜା ଟଙ୍କା ରଖିଲେ। ଅବଧାନେ ରୂପ ଦୀପ ଲଗାଇ" ଓଁ ନୀଳ ସରସ୍ୱତେ ନମଃ "ମନ୍ତ୍ର ଉଚ୍ଚାରଣ କରି ନଡ଼ିଆକୁ ମୋ' ମୁଣ୍ଡରେ ଛୁଆଁଇଲେ ଏବଂ ଖଡ଼ି ଧରି ଶୂନ୍ୟ ମଣ୍ଡଳ କାଟି ଗୁରୁର୍ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର. କହି ମୋର ହାତରେ ଖଡ଼ି ଧରେଇ ସେହି ମଣ୍ଡଳ ମାନଙ୍କରେ ଆଉ ଥରେ ମଡ଼େଇ ଦେଲେ। ମୋ'ର ମଥାରେ ହାତ ରଖି ଆଶୀର୍ବାଦ କଲେ। "ବିଦୁଷୀ ଭବଃ"। ସେଇ ସମୟରୁ ମୋର ଭୟ ଛାଡ଼ିଗଲା। ମୋର ମନେହେଲା ଜଣେ କେହି ଦେବତା ମୋତେ ଆଶୀର୍ବାଦ କରୁଛନ୍ତି। ସେହି




ଦୁଇ ବର୍ଷର ଝିଅଟି ସେଇ ଦିନରୁ ଗୁରୁଙ୍କୁ ସାକ୍ଷାତ ଈଶ୍ୱର ମନେକରିଆସିଛି। ଆଜି ଯାଏଁ ସେଇ ଭକ୍ତିଭାବ ଅତୁଟ ରହିଛି। ସେଇ ଅବଧାନଙ୍କ ପାଖରେ ମୁଁ ପ୍ରାୟ ଛଅ ମାସ ପାଠ ପଢ଼ିଲି। ବର୍ଣ୍ଣମାଳା ଠାରୁ ବର୍ଣ୍ଣବୋଧ ଯାଏଁ ସେଇଠି ଶିଖିଲି। ଗୁରୁ ଶିଷ୍ୟ ର ସମ୍ପର୍କ ସେଇଠି ଅନୁଭୂତିଲି। ପ୍ରତିଦିନ ସକାଳୁ ବସ୍ତାନୀରେ ସିଲଟ ଖଡ଼ି ଭରି କାନ୍ଧରେ ଗଳେଇ ଚାଟଶାଳୀ ରେ ପହଞ୍ଚି ପ୍ରଥମେ ଗୁରୁଜୀଙ୍କ ପାଦ ତଳେ ମୁଣ୍ଡିଆ ମାରି ତାଙ୍କର ଆଶୀର୍ବାଦ ନେଇ ଚାଟଶାଳୀ ଭିତରେ ପଶିବୁ। ସେଠାରେ ପାଠ ପଢ଼ି ଘଣ୍ଟାକ ପରେ ବାହାରିବା ବେଳକୁ ଗୁରୁଜୀଙ୍କ ପାଦତଳେ ଆଉଥରେ ମୁଣ୍ଡିଆ ମାରି ଆସିବା ବେଳେ ହାତ ପାପୁଲିରେ ଗୁରୁଜୀ ତାଙ୍କର ତେବେ ବାଡ଼ି ଛୁଆଁଇ ଅନୁମତି ଦେବେ। ତା'କୁ "ଶୂନ ଦେବା " କହନ୍ତି। ଯେଉଁ ପିଲାଟି ଦୁଷ୍ଟାମୀ କରିଥିବ ତା' ହାତରେ ଜୋର୍‌ରେ ବାଜିବ" ଶୂନ" ଆଉ ଗୁରୁଜୀଙ୍କ ଧମକ ପଡ଼ିବ .... " ଆଉ ଦୁଷ୍ଟ ହେବୁ ?" ଆଖି ଛଳଛଳ କରି ପିଲାଟି ନାସ୍ତିସୂଚକ ମୁଣ୍ଡ ହଲେଇବ ସିନା ପାଟିରୁ କଥା ବାହାରୁ ନଥିବ। ସେପଟେ ଅଭିଭାବକ କହୁଥିଲେ " ଆଉ ଟିକିଏ ଭଲ କରି ଶାସନ କରିବ ଅବଧାନେ ! ମାଠିଆ ର ମୁହଁ ମୂଳରୁ ନ'ସଳଖିଲେ ଆଗକୁ ବଙ୍କା !!"

ସେ ସମୟରେ ସେଇ ଆଖପାଖରେ ସ୍କୁଲ୍ ନଥାଏ। କଚେରୀ ପାଖରେ ରେଭେନ୍ସା କଲେଜିଏଟ୍ ସ୍କୁଲ୍ ଏବଂ ଦରଘାବଜାର ( ଗୌରୀ ଶଙ୍କର ପାର୍କ) ପାଖରେ ରେଭେନ୍ସା ଗାର୍ଲ୍ସ ହାଇସ୍କୁଲ ଥାଏ। କାଜି ବଜାର ରେ ଥିବା ଇଂରେଜ ସାହେବଙ୍କର କୋଠିନୂଆ କରି ଖୋଲିଲା "ମହିଳା ଟ୍ରେନିଂ ସ୍କୁଲ୍"। ସେଠାରେ ଗୋଟିଏ ପଟରେ କେବଳ ବାଳିକା ମାନଙ୍କ ପାଇଁ ଶିଶୁ ଶ୍ରେଣୀ ଏବଂ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଖୋଲା ଯାଇଥିଲା । ସେଇଠାରେ କଟକର "ସିଟି ଟ୍ରେନିଂ ସ୍କୁଲ୍"ରେ ପଢୁଥିବା ମହିଳା ଛାତ୍ରୀଙ୍କୁ ପ୍ରାକ୍ଟିକାଲ୍ କ୍ଲାସ୍ ନେବା ପାଇଁ କୁହାଗଲା। କଟକର ବିଭିନ୍ନ ଅଞ୍ଚଳରୁ ପିଲାମାନଙ୍କୁ ଆଣି ପଢ଼ିବାର ସୁଯୋଗ ଦେବାପାଇଁ ସ୍କୁଲ୍ ତରଫରୁ ନିୟୋଜିତ ହୋଇଥାନ୍ତି ଦୁଇଟି ଘୋଡାଗାଡି (ଟାଙ୍ଗା)। ସେଇ ଘୋଡ଼ା ଗାଡ଼ି ଗୁଡ଼ିକରେ ଜଣେ ଜଣେ ଚାଳକ ସହ ଆଉ ଜଣେ ଜଣେ ସହାୟିକା ଥାଆନ୍ତି ସହରର ସମସ୍ତ ଅଞ୍ଚଳରେ ବୁଲିବୁଲି ପିଲାମାନଙ୍କୁ ଯତ୍ନର ସହିତ ନେବା ଆଣିବା କରିବାକୁ, ସେଥିରେ ସହରର ବିଭିନ୍ନ ଅଞ୍ଚଳରେ ରହୁଥିବା ଶିକ୍ଷୟିତ୍ରୀ ମାନଙ୍କୁ ମଧ ନିଆଯାଉଥିଲା। ମୋ' ବାବାଙ୍କୁ ସେଇ ବ୍ୟବସ୍ଥାଟି ଖୁବ୍ ପସନ୍ଦ ହେଲା ଏବଂ ସେ ମୋତେ ସାଥିରେ ନେଇ ସେହି ସ୍କଲ୍‌ରେ ମୋ'ର ନାଆଁ ଲେଖାଇଦେଲେ ଶିଶୁ ଶ୍ରେଣୀରେ। ସେତେବେଳକୁ ମୁଁ ତିନି ବର୍ଷର ଝିଅ। ସ୍କୁଲ୍ ଡ୍ରେସ୍ ସହ ଜୋତା ମୋଜା ପିନ୍ଧି ଘୋଡ଼ା ଗାଡ଼ି ରେ ବସି ଯିବା ମୋ' ପାଇଁ ରାଜସୁଖ ଥିଲା। ସକାଳ ଆଠଟାରୁ ନଅଟା ଭିତରେ ଆମ ଘର ପାଖରେ ଆସି ପହଞ୍ଚୁଥିଲା ସ୍କୁଲ୍‌ର ଘୋଡ଼ା ଗାଡ଼ି। ସେଇ ସମୟ ପୂର୍ବରୁ ମୁଁ ସଜବାଜ ହୋଇ ମଉସାଙ୍କ ଦୋକାନରେ ବସୁଥିଲି। ଦୋକାନ ସାମ୍ନାରେ ଦୋଳିଆ ଭାଇ ର ଗାଡ଼ି ଅଟକିଲେ ସେଥିରୁ ଶୈଳ ମାଉସୀ ଓହ୍ଲାଇ ଆସି ମୋତେ କାଖେଇ ନେଇ ଗାଡ଼ି ରେ ବସାଉଥିଲେ। ସେତେବେଳେ ମଙ୍ଗଳବାଗର ଆଉ କିଛି ଝିଅ ମଧ ବଡ଼ ଶ୍ରେଣୀରେ ପଢୁଥିଲେ ସେହି ସ୍କୁଲ୍‌ରେ। ମୋର ଗୋଲମଟୋଲ୍ ଚେହେରା ଦେଖି ଖୁବ୍ ଆଦର କରୁଥିଲେ ମୋତେ। ମୁଁ ଘୋଡ଼ା ଗାଡ଼ି ରେ ବସିବାକୁ ପ୍ରଥମେ ପ୍ରଥମେ ଖୁବ୍ ଭୟ କରୁଥିଲେ ମଧ ସେମାନଙ୍କ ସ୍ନେହ ଆଦରରେ ମୋର ଭୟ ଛାଡ଼ିଗଲା। ସେମାନଙ୍କ ହସଖୁସି ଗପରେ ମୁଁ ମଧ ସାମିଲ୍ ହେଲି।

ଆମର ଘୋଡ଼ା ଗାଡ଼ିଟି ମଙ୍ଗଳାବାଗ, ରାଣୀହାଟ, କଲେଜଛକରୁ ପିଲାଙ୍କୁ ଉଠେଇ ପୁଣିଥରେ ରାଣୀହାଟ ଦୋଳ ମୁଣ୍ଡେଇ ରାସ୍ତାରେ ଫେରୁଥିଲା, ବୋର୍ଡ଼ ହାଇସ୍କୁଲ ପାଖରୁ ସେଥିରେ ଉଠୁଥିଲେ ରୁକ୍ମିଣୀ ଗୁରୁମା ଏବଂ ସରସ୍ୱତୀ ଗୁରୁମା , ଦୁଇଜଣ ଯାକ ଥିଲେ ଗୋଟିଏ ପରିବାରର। ବଡ ଅପା ମାନଙ୍କ କୋଳାହଳ ଗୁରୁମା' ମାନଙ୍କୁ ଦେଖି ବନ୍ଦ ହୋଇଯାଉଥିଲା। ସ୍କୁଲ୍ ରେ ପହଞ୍ଚିବା ପରେ ଶୈଳ ମାଉସୀ ମୋତେ ହାତଧରି ଓହ୍ଲାଇ ନେଇ ସ୍କୁଲ୍ ଗେଟ୍ ଭିତରେ ଛାଡି ଆସୁଥିଲେ। ଗେଟ୍ ପାଖରୁ ବେଶ୍ କିଛି ଦୂରରେ ଶ୍ରେଣୀ ଗୃହ। ପୁରୁଣା କାଳିଆ ସାହେବଙ୍କ କୋଠି। ସାମ୍ନାରେ ବଡ଼ ପୋର୍ଟିକୋ ଟିଏ, ସେଇଠି ଆମର ପ୍ରାର୍ଥନା କ୍ଲାସ୍ ହୁଏ। ସେଇଠୁ ଲମ୍ବିଛି ପାହଚ ବାରଣ୍ଡା ଯାଏଁ। ବାରଣ୍ଡା ଟପିଲେ ଧାଡ଼ି ହୋଇ ଶ୍ରେଣୀ ଗୃହ। ଗୋଟିଏ କଡ଼କୁ ପାହାଚ ପଡିଛି ଦୁଇ ମହଲା ଉପରକୁ। ସେଠାରେ ରୁହନ୍ତି ସ୍କୁଲ୍‌ର ପ୍ରଧାନ ଶିକ୍ଷୟତ୍ରୀ ମିସେସ୍ ଇଷ୍ଟର। ଗୋରା ତକ୍ ତକ୍ ଲହୁଣୀ ପରି ଚେହେରା ରେ ଦେବୀ ଟିଏ ଭଳି ଦିଶନ୍ତି ସେ। ପ୍ରାର୍ଥନା କ୍ଲାସ୍‌ରେ ଆମ ଆଗରେ ଆସି ଠିଆ ହେଲାବେଳେ ମୋତେ ମୋ' ବୋଉ ଭଳି ଲାଗନ୍ତି। ମୁଁ ସେଠାରେ ପଢ଼ିବା ବେଳେ କସ୍ମିନ୍ କାଳେ ତାଙ୍କୁ ରାଗିବାର ଦେଖିନାହିଁ ତଥାପି ତାଙ୍କ ଆଗରେ ମଥା ନୁଆଁଇ ସମସ୍ତେ ଠିଆ ହୁଅନ୍ତି। ଶ୍ରେଣୀ ଶିକ୍ଷୟତ୍ରୀ ମାତ୍ର ଜଣେ ଶ୍ରୀମତୀ କିରଣବାଳା ମହାପାତ୍ର। ସେ ପ୍ରଥମରୁ ତୃତୀୟ ଶ୍ରେଣୀର ଦାୟିତ୍ୱରେ। ସିଟି ଟ୍ରେନିଂ ସ୍କୁଲ୍ ର ଛାତ୍ରୀମାନେ ଆସି ଶ୍ରେଣୀରେ ପାଠ ପଢ଼ାନ୍ତି। ସେଇ ସ୍କୁଲ୍ ରେ ପାଠପଢା ସହିତ ବଗିଚା କାମ, ମାଟି କାମ ଏବଂ ସିଲେଇ କଳା ମଧ ଶିକ୍ଷା ଦିଆଯାଏ। ସ୍କୁଲ୍ ପଛପଟେ ବିରାଟ ବଗିଚା। ପଟାଳି ଆଉ ଶିଆର ହୋଇ ଧାଡ଼ି ଧାଡ଼ି କରି ଭେଣ୍ଡି ,ବାଇଗଣ, କଞ୍ଚା ଲଙ୍କା, ଟମାଟୋ ସହିତ ବିଭିନ୍ନ ରକମର ଶାଗ ଧନିଆଁ ପତ୍ର ଇତ୍ୟାଦି ଲଗା ଯାଇଥାଏ। ସେଠାରେ ଶେଷ ଆଡ଼କୁ ପାଚେରୀକୁ ଲାଗି ବଡ଼ ଜାମୁକୋଳି ଗଛ ଟିଏ। ଆମ ପିଲାମାନଙ୍କୁ ମନା କରା ଯାଏ ସେ ଗଛ ଆଡକୁ ଯିବା ପାଇଁ।

ଠିକ୍ ଦଶଟାରେ କ୍ଲାସ୍ ଆରମ୍ଭ ହୁଏ। ଆମ ପାଇଁ ନିର୍ଦ୍ଦିଷ୍ଟ ପିରିୟଡ଼ ରେ ନିର୍ଦ୍ଦିଷ୍ଟ ପାଠ ପଢ଼ିବାର ରୁଟିନ୍ ପ୍ରତିଦିନ କଳାପଟା ରେ ଲେଖି ଦିଆଯାଏ। ଶ୍ରେଣୀ ଶିକ୍ଷୟତ୍ରୀ ଯାହା ପଢ଼ାନ୍ତି ଆମେ ତାହା ହିଁ ପଢୁ। ଦିନ ଦୁଇଟାରେ ରିସେସ୍। ପ୍ରତ୍ୟେକ ପିଲାକୁ ସ୍କୁଲ୍ ତରଫରୁ ଟିଫିନ୍ ଖାଇବାକୁ ଦିଆଯାଏ। କେଉଁ ଦିନ ବିସ୍କୁଟ କଦଳୀ ତ' ଆଉ କେଉଁ ଦିନ ସେଉବୁନ୍ଦି, କେବେ ସିଙ୍ଗଡା ମିଠା, ପୁରୀ ରସଗୋଲା। ଆମେ ସମସ୍ତେ ସାଙ୍ଗ ହୋଇ ଖାଉ। ଶିଶୁ ଶ୍ରେଣୀରେ ବିଭିନ୍ନ ପ୍ରକାରର ହାତ ତିଆରି କଣ୍ଢେଇ ଥାଏ ପିଲାଙ୍କ ଖେଳିବା ପାଇଁ। ବଡ଼ ପିଲାଙ୍କ ପାଇଁ ବଗିଚା ପଟକୁ ଲୁହା ଖସଡ଼ା ଓ ଦୋଳି । ସେଇଠି ଶିଖିଲି ଶୃଙ୍ଖଳା,ସମୟାନବର୍ତ୍ତିତା, ସମସ୍ତଙ୍କ ସହିତ ମିଶି ଚଳିବାରେ କଳା। ମହିଳା ଟ୍ରେନିଂ ସ୍କୁଲ୍ ରେ ଛାତ୍ରୀ ମାନଙ୍କୁ ପାଠ ପଢ଼ା ସହିତ ସମସ୍ତ ବୈଷୟିକ ଶିକ୍ଷା ଦିଆଯାଏ। ଶିକ୍ଷୟତ୍ରୀ ମାନେ ନିଜର ପିଲା ଭଳି ଆମକୁ ପଢ଼ାନ୍ତି, କାମ ଶିଖାନ୍ତି, ଦୁଷ୍ଟାମୀ କଲେ ଆକଟ କରନ୍ତି। ବଡଦିନରେ ପ୍ରଧାନ ଶିକ୍ଷୟତ୍ରୀ ମିସେସ୍ ଇଷ୍ଟର୍ ପ୍ରତ୍ୟେକ ପିଲା ପାଇଁ କେକ୍, ମହମବତୀ ଏବଂ ଚକୋଲେଟ୍‌ର ପ୍ୟାକେଟ୍ ଟିଏ ଦିଅନ୍ତି।

ସ୍କୁଲ୍ ଗେଟ୍‌ରୁ କିଛି ବାଟ ଗଲାପରେ ଡାହାଣ ପଟରେ ଗୋଟିଏ ଅଶୋକ ଗଛ ଥିଲା। ସେଇଠି ଗୋଟିଏ ଟିଣଛାତ ଥିବା ଛୋଟ ଘର ଥିଲା। ସେଇଠି ରହୁଥିଲେ ଆମ ଗୀତ ସାର୍ ଗଣେଶ ଚନ୍ଦ୍ର ମିଶ୍ର। ସ୍କୁଲ୍‌ର ସବୁ ଶ୍ରେଣୀର ପିଲା ମାନଙ୍କୁ ସେ ସଂଗୀତ ଶିଖାନ୍ତି। ମଳିନ ରଙ୍ଗର ସାଧାରଣ ସ୍ୱାସ୍ଥ୍ୟ ଥିବା ଚନ୍ଦା,ଗେଡା ହୋଇ ମଣିଷ। ରୋଗ ଫରଫର ଧୋତି କୁର୍ତ୍ତା ପରିହିତ ସାର୍‌ଙ୍କ ଆଙ୍ଗୁଳି ଗୁଡ଼ିକ ହାରମୋନିୟମ୍ ଉପରେ ତୀବ୍ର ବେଗରେ ଚାଲେ। ମୁଁ ପ୍ରଥମେ କିଛି ଦିନ ତାଙ୍କର କ୍ଲାସ୍ ରେ ଖାଲି ବସି ବସି ଶୁଣିବା ପରେ ମୋ'ର ସଙ୍ଗୀତ ଶିକ୍ଷା ଆରମ୍ଭ ହେଲା। ସୁର୍ ଲଗେଇବାଠାରୁ ଆରମ୍ଭ କରି ଅଳଙ୍କାର ସାଧନା ଯାଏଁ ସେଇଠି ଶିଖିଲି। ଗଣେଶ ଗୁରୁଜୀଙ୍କ ନାଲି ଆଖିକୁ ଆମ ସମସ୍ତଙ୍କର ପ୍ରବଳ ଭୟ ଥିଲା। ତେଣୁ ସାର୍ ଯାହା ଶିଖାଉଥିଲେ, ପରବର୍ତ୍ତୀ କ୍ଲାସ୍‌କୁ ଯିବା ପୂର୍ବରୁ ଆସେ ତା'କୁ ଭଲ ଭାବରେ ଅଭ୍ୟାସ କରି ଯାଇଥିଲୁ।

ମୋ' ସ୍କୁଲ୍‌କୁ ଯିବାର ଦୁଇ ବର୍ଷ ପରେ ସେ ସ୍କୁଲ୍‌ରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲିବାରୁ ପିଲା ସଂଖ୍ୟା ବଢିଲା। ଘୋଡ଼ା ଗାଡ଼ି ଗୁଡ଼ିକ ବନ୍ଦ ହୋଇ ଦୁଇଟି ନୂଆ ସ୍କୁଲ୍ ବସ୍‌ର ବ୍ୟବସ୍ଥା କରାଯାଇଥିଲା। ମୁଁ ଏବେ ବସ୍‌ରେ ଘରୁ ସ୍କୁଲ୍ କୁ ଯିବା ଆସିବା କରୁଥିଲି। ଆମ ବେଳେ ପଞ୍ଚମ ଶ୍ରେଣୀ ରେ ବୋର୍ଡ ପରୀକ୍ଷା ହେଉଥିଲା। ଆମେ ରେଭେନ୍ସା ଗାର୍ଲ୍ସ ହାଇସ୍କୁଲ୍ ରେ ବୋର୍ଡ୍ ପରୀକ୍ଷା ଦେଲୁ। ସେଠାରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ସେ ସ୍କୁଲ୍ ଛାଡ଼ିବାକୁ ବାଧ ହୋଇଥିଲି କାରଣ ସେଠାରେ ମାତ୍ର ସେଇ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ଷାଠିଏ ବର୍ଷ ତଳେ ସେ ସ୍କୁଲ୍ ଛାଡିଥିଲେ ମଧ ତାହାର ମଧୁର ସ୍ମୃତି ଏଯାବତ୍ ମୋ' ହୃଦୟରେ ସାଇତି ହୋଇ ରହିଛି। ମୋ' ଜନ୍ମ ହେବାର ଛ' ବର୍ଷ ପରେ ମୋ' ତଳଭାଇ ଜନ୍ମ ହେଲା। ତା'ର ଦୁଇ ବର୍ଷ ପରେ ଆଉ ଗୋଟିଏ ସାନ ଭାଇ। ଘର ଖର୍ଚ୍ଚ ବଢୁଥିଲା । ଷଷ୍ଠ ଶ୍ରେଣୀରେ ରେଭେନ୍ସା ଗାର୍ଲ୍ସ ହାଇସ୍କୁଲରେ ନାମ ଲେଖାଇବାର ବହୁତ ଇଚ୍ଛା ଥିଲେ ମଧ ବାବଙ୍କର ଆର୍ଥିକ ପରିସ୍ଥିତି ଆଉ ମୋତେ ସେ ସୁଯୋଗ ଦେଇପାରିନଥିଲା। ମୁଁ ଆମ ଘର ପାଖରେ ଥିବା ମ୍ୟୁନିସିପାଲ୍ ଗାର୍ଲ୍ସ ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲି। ଘରୁ ପାଦରେ ଚାଲି ଚାଲି ଗଲେ ମାତ୍ର କୋଡିଏ ମିନିଟ୍‌ର ବାଟ। ବାଳିକା ବିଦ୍ୟାଳୟ ହୋଇଥିବାରୁ ମାସକୁ ଦରମା ମାତ୍ର ଏକ ଟଙ୍କା ପଚିଶି ପଇସା। ଦଶ ଏଗାର ବର୍ଷର ସ୍କୁଲ୍ ହୋଇଥିଲେ ମଧ ସେମିତି ଆଖିଦୃଶିଆ ଉନ୍ନତି ହୋଇନଥିଲା ସେଥିରେ କିନ୍ତୁ ତା'ର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ରାଇକିଶୋରୀ ଦାସ୍ ଥିଲେ ଜଣେ ସୁଦକ୍ଷ ପରିଚାଳିକା। ଥୋରିଆସାହିର ଗୋଟିଏ ସଂକୀର୍ଣ୍ଣ ସ୍ଥାନରେ ଥିବା ଏହି ସ୍କୁଲ୍‌ରେ ଗେଟ୍ ପାଖକୁ ଲାଗି ଏକ ପାଖରେ ଥିଲା ମାତ୍ର ଧାଡ଼ିଏ ଆଜବେଷ୍ଟସ୍ ଛାତର ଘର। ସେଥିରୁ ପ୍ରଥମଟି ପ୍ରଧାନ ଶିକ୍ଷୟତ୍ରୀଙ୍କ ଅଫିସ୍ ଗୃହ, ଦ୍ୱିତୀୟଟି ଷ୍ଟାଫ୍ କମନ୍ ରୁମ୍, ତା' ପରେ ଆଠଟି ଶ୍ରେଣୀ ଗୃହ ସହିତ ଶେଷରେ ଥିଲା ପ୍ରଧାନ ଶିକ୍ଷୟତ୍ରୀଙ୍କର କ୍ୱାଟର। ଗେଟ୍‌ର ଆରପଟକୁ ଥିଲା ଟିଣ ଛାତର ପାଞ୍ଚଟି ଘର, ଯେଉଁଥିରୁ ଗୋଟିଏ ସଂସ୍କୃତ ଏବଂ ବିଜ୍ଞାନ ସାର୍‌ଙ୍କ କମନ୍ ରୁମ୍, ଦୁଇଟି ଶ୍ରେଣୀ ଗୃହ, ଗୋଟିଏ ଏନ୍ ସି ସି ଅଫିସ୍ ଏବଂ ଏବଂ ସେଇଠିକି ଲାଗିକି ଥିଲା ପିଅନର କ୍ୱାଟର। ଭିତରେ ଥିଲା ଗୋଟିଏ ବଡ ଖେଳପଡିଆ ଏବଂ ଏକ ଛୋଟ ବିଜ୍ଞାନାଗାର। ଭିତର ପଟେ ସ୍କୁଲ୍ ଘରକୁ ଲାଗି ଥିଲା ଗୋଟିଏ ବଡ ବରଗଛ ଯାହାର ଛାଇ ସ୍କୁଲ୍‌କୁ ସର୍ବଦା ଶୀତଳ କରି ରଖୁଥିଲା।

ଆଗ ସ୍କୁଲ୍‌ରେ ପଢୁଥିବା ବେଳେ ଯେଉଁ ସଂସ୍କାର ର ମୂଳଦୁଆ ମୋ ଭିତରେ ପଡ଼ିଥିଲା ଏଇ ସ୍କୁଲରେ ତାହା ଆହୁରି ସୁନ୍ଦର ଭାବରେ ଗଢ଼ି ଉଠିଥିଲା। ମଉସା ମୋର ନାମ ଲେଖାଇବା ସମୟରେ ଆମ ପରିବାରର ଆର୍ଥିକ ଅବସ୍ଥା ବଡ଼ ଗୁରୁମା'ଙ୍କୁ ଜଣାଇ ଦେଇଥିଲେ। ଭଲ ଗୀତ ନାଚ କରୁଥିବାରୁ,ଭଲ ପାଠ ପଢୁଥିବାରୁ ସବୁ ଗୁରୁମା' ମାନଙ୍କର ଶୁଭ ଦୃଷ୍ଟି ଥିଲା ମୋ' ଉପରେ। ଟିଉସନ ପଢାଇବା ପାଇଁ ଘରେ ସମ୍ବଳ ନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛୋଟ ରିସେସ୍ ବଡ଼ ରିସେସ୍‌ରେ ମତେ ପାଖକୁ ଡାକି ପାଠ ବୁଝାଇ ଦେଉଥିଲେ। ଆମର ଇଂରାଜୀ ଶିକ୍ଷୟତ୍ରୀ ଥିଲେ ଶ୍ରୀମତୀ କଳ୍ପନା ବିଶ୍ୱାସ, ସେ କ୍ଲାସ୍ ରେ ଆମକୁ ଅନେକ ଇଂରାଜୀ ଗପ ଶୁଣାଇଥାନ୍ତି। ତାଙ୍କର ଗପ ଶୁଣି ଶୁଣି ମୁଁ ଲେଖିବା ଆରମ୍ଭ କରିଥିଲି। ଆମ ସ୍କୁଲ୍ ର ହିନ୍ଦୀ ଶିକ୍ଷୟତ୍ରୀ ଥିଲେ ସୁଶ୍ରୀ ବ୍ରଜେଶ୍ୱରୀ ଦଳବେହେରା, ତତ୍‌ସହିତ ସ୍କୁଲ୍‌ର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ତାଙ୍କ ଉପରେ ନ୍ୟସ୍ତ ଥିଲା। ମୋର ଗୀତ ଶୁଣି ସେ ମୋତେ ପ୍ରଥମେ ସମୂହ ସଙ୍ଗୀତ ଏବଂ ପରବର୍ତ୍ତୀ ସମୟରେ ନାଚ ଦେଖି ମୋତେ ଡ୍ରାମା ରେ ସୁଯୋଗ ଦେଇଥିଲେ। ମୋ'ର ପ୍ରଥମ କବିତା "ବୋଉ" ତାଙ୍କୁ ଏତେ ଭଲ ଲାଗିଥିଲା ଯେ ସେ ତା' କୁ ପ୍ରଜାତନ୍ତ୍ର ର ମୀନା ବଜାର କୁ ପଠାଇ ଦେଇଥିଲେ ଏବଂ ସେଥିପାଇଁ ମୋତେ ଜହ୍ନରୀଭାଇଙ୍କ ହାତରୁ ପୁରସ୍କାର ମିଳିଥିଲା। କାଜିବଜାର ମହିଳା ଟ୍ରେନିଂ ସ୍କୁଲ୍ ର ଛାତ୍ରୀ ମାଟି ପିଣ୍ଡୁଳା ଟିଏ ଥିଲା, ତା'କୁ ଦଳି ମନ୍ଥି ସରସ ସୁନ୍ଦର କଣ୍ଢେଇ ଟିଏ କରି ଗଢ଼ିବାରେ ମୁଖ୍ୟ ଭୂମିକା ନିଭାଇଥିଲେ ମ୍ୟୁନିସିପାଲ୍ ଗାର୍ଲ୍ସ ହାଇସ୍କୁଲ୍‌ର ଗୁରୁମା ' ମାନେ। ସ୍କୁଲ୍‌ରେ ଆମେ ସପ୍ତମ ଶ୍ରେଣୀରେ ପଢ଼ିବା ବେଳେ କଳ୍ପନା ଗୁରୁମା'ଙ୍କର ମାର୍ଗଦର୍ଶନ ରେ ଆମର ଦିବଙ୍ଗତା ଇଂରାଜୀ ଶିକ୍ଷୟତ୍ରୀ ଶ୍ରୀମତୀ ଅଳକା ଚଟ୍ଟୋପାଧ୍ୟାୟଙ୍କର " ଅଳକା" ଗୋଟିଏ ହାତଲେଖା ପତ୍ରିକା ଆରମ୍ଭ କରିଥିଲୁ । ସମସ୍ତେ ତାଙ୍କର ଲେଖା ଦେଉଥିଲେ, ସେଗୁଡିକ କଳ୍ପନା ଗୁରୁମା' ବଛାବଛି କରି ଚୟନ କରିବା ପରେ ଆମେ କିଛି ଭଲ ହସ୍ତାକ୍ଷର ଥିବା ପିଲା ଲେଖା ଗୁଡିକ ଗୋଟିଏ ଅକ୍ସଫୋର୍ଡ ବାଇଣ୍ଡିଙ୍ଗ୍ ଖାତାରେ ଉତାରି ଦେଉଥିଲୁ। ସେ ଖାତା ଯାଉଥିଲା ବଡ଼ ଗୁରୁମା'ଙ୍କ ପାଖକୁ। ପରେ ପରେ ସବୁ ଗୁରୁମା' ମାନେ ପଢୁଥିଲେ ତା'କୁ। ଶ୍ରେଷ୍ଠ ବିବେଚିତ ଲେଖାକୁ ବଡ଼ ଗୁରୁମା'ଙ୍କ ହାତରୁ କଲମ ଟିଏ ମିଳୁଥିଲା। ସେ କେବଳ ପ୍ରୋତ୍ସାହନ ନଥିଲା, ସେ ଥିଲା ଆମ ମାନଙ୍କ ଭବିଷ୍ୟତ ପାଇଁ ନିଶୁଣି ଟିଏ। ଆଜି ସାହିତ୍ୟ ଜଗତରେ ମୁଁ ଯେଉଁ କ୍ଷୁଦ୍ରାଦପିକ୍ଷୁଦ୍ର ସ୍ଥାନଟିଏ ପାଇଛି ତାହା କେବଳ ସେହି ଗୁରୁ ମାନଙ୍କର ମାର୍ଗଦର୍ଶନ ଏବଂ ଆଶୀର୍ବାଦ ହେତୁ। ମୋ' ପାଇଁ ଏହା ପରମ ସୌଭାଗ୍ୟ। ଆଜି ସେମାନଙ୍କ ମଧ୍ୟରୁ ଅନେକ ସ୍ୱର୍ଗବାସୀ ହେଲେଣି, ଯେଉଁ କେଇଜଣ ବର୍ତ୍ତମାନ ଜୀବିତ ଅଛନ୍ତି ମୁଁ ଆଜି ମଧ ସେମାନଙ୍କ ସମ୍ପର୍କରେ ରହିଛି ଏବଂ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରୁଛି।

ଆଜି ପବିତ୍ର ଗୁରୁଦିବସ ଅବସରରେର ଭୂମିଷ୍ଠ ପ୍ରଣାମ ଜଣାଉଛି ମୋର ସମସ୍ତ ଗୁରୁ ମାନଙ୍କୁ। ତସ୍ମୈଶ୍ରୀ ଗୁରବେ ନମଃ !!


+ ଶାରଳା ଭବନ, ପୋତା ପୋଖରୀ, କଟକ-୪
ମୋ: ୯୩୩୭୨୭୨୬୪୭


# ଗୁରୁ ଦିବସ ଓ ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

## ବିଶ୍ୱବିଜୟୀ ଦାଶ

ଭାରତବର୍ଷରେ ଗୁରୁଙ୍କର ସ୍ଥାନ ଯଥେଷ୍ଟ ଉଚ୍ଚରେ। ଗୁରୁଙ୍କର ସଂଜ୍ଞା ନିରୂପଣ କରାଯାଇ ଯଥାର୍ଥରେ କୁହାଯାଇଛି ଯେ-

"ଗୁକାରୋନ୍ଧକାରସ୍ତୁ ଗୁକାରସ୍ତନ୍ନବର୍ତ୍ତକଃ
ଅନ୍ଧକାର ନିବୃତ୍ୟାକୁ ଚାରୁରିତ୍ୟଭିଧୀୟତେ।"

ଅର୍ଥାତ୍ 'ଗୁ' ଅର୍ଥ ଅନ୍ଧକାର, 'ରୁ' ଅର୍ଥ ଅଜ୍ଞାନ। ଛାତ୍ରଛାତ୍ରୀମାନଙ୍କର ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରକରି ଜ୍ଞାନରୂପକ ଆଲୋକକୁ ପ୍ରଦାନ କରିବାରେ ଶିକ୍ଷକମାନେ ସମର୍ଥ ହୋଇଥିବାରୁ ତାଙ୍କୁ 'ଗୁରୁ' ଆଖ୍ୟା ପ୍ରଦାନ କରାଯାଇଛି।

ପୁନଶ୍ଚ :-

"ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରୁବେ ନମଃ।"

ଅର୍ଥାତ୍ ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର।ସେ ମଧ ପରଂବ୍ରହ୍ମ ସଦୃଶ ପ୍ରତୀୟମାନ ହୋଇଥା'ନ୍ତି। ଏଣୁ ଗୁରୁଙ୍କୁ କୋଟି ନମସ୍କାର ସର୍ବାଦୌ କରଣୀୟ। ମୁଖ୍ୟତଃ ଗୁରୁ ହେଉଛନ୍ତି ଦେବତା ସମାନ। ତାଙ୍କରି ଶୁଭାଶିଷ ଲାଭ କରି ଶିଷ୍ୟ ପ୍ରକୃତ ମନୁଷ୍ୟତା ଲାଭ କରିଥାଏ।ଗୁରୁକୃପା ହିଁ ଛାତ୍ର-ଛାତ୍ରୀଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ଦେଇଥାଏ।ଏଣୁ ଗୁରୁଭକ୍ତି ଛାତ୍ରଛାତ୍ରୀଙ୍କର ଭୂଷଣ ହେବା ଦରକାର। ଅପରପକ୍ଷରେ ଗୁରୁଙ୍କର ଶୁଭଦୃଷ୍ଟି ଛାତ୍ରଙ୍କ ଉପରେ ପଡ଼ିବା ଆବଶ୍ୟକ।ଏ ପରିପ୍ରେକ୍ଷୀରେ ପ୍ରତିବର୍ଷ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିକୁ ଗୁରୁଦିବସ ରୂପେ ପାଳନ କରାଯାଉଛି।ଶିକ୍ଷା ପ୍ରତି ଡକ୍ଟର ରାଧାକ୍ରିଷ୍ଣନଙ୍କର ଅବଦାନକୁ ମନେ ରଖିବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି।

ଡକ୍ଟର ରାଧାକ୍ରିଷ୍ଣନ ଏକାଧାରରେ ଜଣେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ, ଭାରତ ବର୍ଷର ପ୍ରଥମ ଉପରାଷ୍ଟ୍ରପତି ଓ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ। ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟ୍ଟନୀଠାରେ ଜନ୍ମଗ୍ରହଣ କରିଥିଲେ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ । ରାଧାକ୍ରିଷ୍ଣନଙ୍କ ଶୈଶବ ତିରୁଟ୍ଟନୀ ଓ ତିରୁପତିରେ କଟିଥିଲା।ଖ୍ରୀଷ୍ଟିଆନ୍ ମିସନାରୀ ସ୍କୁଲରୁ ତାଙ୍କର ପାଠପଢା ଆରମ୍ଭ ହୋଇଥିଲା । ଉଚ୍ଚ ଶିକ୍ଷା ପରେ, ୧୯୦୯ରେ ରାଧାକ୍ରିଷ୍ଣନଙ୍କୁ ମାଡ୍ରାସ ପ୍ରେସିଡେନ୍ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ରାଧାକ୍ରିଷ୍ଣନ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧୟନରେ ନିଜକୁ ନିୟୋଜିତ ରଖିଥିଲେ। ୧୯୧୮ରେ ରାଧାକ୍ରିଷ୍ଣନ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ। ତାହାପରେ କଲିକତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାଡ୍ ବିଶ୍ୱବିଦ୍ୟାଳୟ, ମାଂଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ନିୟୋଜିତ ହୋଇଥିଲେ। ୧୯୪୯ରେ ସୋଭିଏତ ଋଷିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ ଏବଂ ୧୯୫୪ରେ ତାଙ୍କୁ ମିଳିଥିଲା ସମ୍ମାନଜନକ ଭାରତ ରତ୍ନ ।ତାଙ୍କର ଜୀବନ ଶିକ୍ଷାର ବିକାଶରେ ସମର୍ପିତ ଥିଲା।ଶିକ୍ଷା ଗ୍ରହଣ ପାଇଁ ବୟସ କେବେ ବାଧକ ସାଜି ନ ଥାଏ।ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି।ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ ' ନିଜକୁ ଯେ ନିରନ୍ତର ଶିକ୍ଷା ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ ଜଣେ'। ଗୁରୁ ଓ ରାସ୍ତା ଏକାପରି। ସେମାନେ ଗୋଟିଏ ଜାଗାରେ ଥିବେ, କିନ୍ତୁ



ଆଗକୁ ବଢିବାକୁ ପ୍ରୋତ୍ସାହିତ କରିବେ। ଏହା ହିଁ ତ ଗୁରୁଙ୍କ ମହାନତା। ଛାତ୍ର-ଛାତ୍ରୀଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ।କଞ୍ଚାମାଟିର ପିତୁଳାକୁ ସେ ଦେବତା ରୂପେ ଗଢିବାକୁ ନିରନ୍ତର ପ୍ରୟାସ ଜାରି ରଖିଥାଆନ୍ତି । ବିନା ଗୁରୁରେ କେହି ବି ଜ୍ଞାନୀ ପଦବାଚ୍ୟ ହୋଇପାରି ନଥାଏ । ଗୁରୁ ହିଁ ପ୍ରେରଣାର ଉତ୍ସ । ଯେତେବେଳେ ଆମେ ଜନ୍ମ ନେଉ, ସର୍ବପ୍ରଥମେ ଆମେ ନିଜ ପିତାମାତାଙ୍କଠାରୁ ଜୀବନର ପ୍ରାରମ୍ଭିକ ଶିକ୍ଷା ମିଳେ । ପିତା-ମାତା ହେଉଛନ୍ତି ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ । ଶିଶୁଟି ଧରା ଛୁଇଁବା ପରେ ତାକୁ ତା ମାଆ କୋଳେଇ ନିଏ, ତାର ଅଳି-ଅର୍ଦ୍ଦଳି ସବୁ ସହେ । କେମିତି ଚାଲିବ, କେମିତି ଖାଇବ, କେମିତି କଥା କହିବ, କେମିତି ବସିବ ପରି ଅନେକ ଶିଷ୍ଟାଚାର କଥା, ସମାଜରେ ଅନୁରୂପ ବଞ୍ଚିବାର କଳା ଶିଖେଇଥାଆନ୍ତି ପିତା-ମାତା । ବ୍ୟବହାର, ଶୈଳୀ, ଶିଷ୍ଟାଚାର, ଭଦ୍ରାମୀ କ'ଣ ତାହା ଉଭୟ ବାପା-ମାଆ ହିଁ ଶିଶୁଟିକୁ ଜଣାଇଥାଆନ୍ତି। ତେଣୁ ଉଭୟ ତାର ପ୍ରଥମ ଗୁରୁ । ଜଣେ ଶିକ୍ଷକଙ୍କୁ ଯେମିତି ସମ୍ମାନ ଦିଆଯାଏ, ଠିକ୍ ସେହିଭଳି ନିଜ ବାପା-ମାଆଙ୍କୁ ମଧ ସମ୍ମାନ ଦେବା ଉଚିତ୍ । ଯିଏ ନିଜ ବାପା-ମାଆଙ୍କୁ ସମ୍ମାନ ଦେଇ ଜାଣେନା, ସେ କାହାକୁ ସମ୍ମାନ କରିବା ଶିଖି ପାରେନା । କାରଣ ଉଭୟ ନଥିଲେ ଜଣେ ଶିଶୁର ଭବିଷ୍ୟତ କେବେ ବି ଉତ୍ତମ ରୂପେ ଗଢା ହୋଇପାରିବ ନାହିଁ । ପିତାମାତାଙ୍କ ପରେ ଯିଏ ଦୁନିଆ ସହ ପିଲାଟିର ପରିଚୟ କରାନ୍ତି, ସେ ହେଉଛନ୍ତି ଶିକ୍ଷା ଗୁରୁ । ଯିଏ ଆମକୁ ଶିକ୍ଷା ଦାନ କରନ୍ତି ତାଙ୍କ ସ୍ଥାନ ବି ଅପୂରଣୀୟ । ପିଲାର ସମ୍ପୂର୍ଣ୍ଣ ଭବିଷ୍ୟତ ନ୍ୟସ୍ତ ଥାଏ ଜଣେ ଶିକ୍ଷକଙ୍କ ଉପରେ । ପିଲାଟି ଯେବେ ଖଡି ଧରିବା ଆରମ୍ଭ କରିଥାଏ, ଶିକ୍ଷା ଗୁରୁର ଶିକ୍ଷକତା ସେହିଠାରୁ ହିଁ ଆରମ୍ଭ ହୋଇଥାଏ । ବିନା ଗୁରୁରେ ଛାତ୍ରର ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଥାଏ । ତେଣୁ ତାଙ୍କୁ କେବେ ବି ଅବମାନନା କରିବା ଉଚିତ୍ ନୁହେଁ । ଶିକ୍ଷା ହେଉଛି ପ୍ରଗତିର ମାପକାଠି । ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ । ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଆଦର୍ଶ ଶିକ୍ଷକ ହେବା । ମୋ ଜୀବନର ପ୍ରତ୍ୟେକଟି ପାହାଚରେ ଶିକ୍ଷା ଦେଇ ଆସିଥିବା ସମସ୍ତ ଗୁରୁଙ୍କୁ ପବିତ୍ର ଗୁରୁ ଦିବସ ଉପଲକ୍ଷେ ମୋର ପ୍ରଣାମ ।


ବାଲୁଗାଁ ମହାବିଦ୍ୟାଳୟ
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮

# ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଟାଇମ୍ସ ଥିଙ୍କ ଚମ୍ପିୟାନଙ୍କୁ ସମ୍ବର୍ଦ୍ଧନା




ପାରାଦୀପ, ୪/୯ (ନି.ପ୍ର): ପାରାଦୀପଠାରେ ଥିବା ଆର୍ସେଲର ମିତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ), ଟାଇମ୍ସ ଫାଉଣ୍ଡେସନ୍ ସହଭାଗିତାରେ ଅନୁଷ୍ଠିତ କ୍ରିଟିକାଲ୍ ଥିଙ୍କ ଚମ୍ପିୟାନ୍‌ର କୃତୀ ପ୍ରତିଯୋଗୀମାନଙ୍କୁ ଶୁକ୍ରବାର ଦିନ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ପାରାଦୀପସ୍ଥିତ ଜୟଦେବ ସଦନ ପରିସରରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା । ଜାତୀୟ ଶିକ୍ଷା ନିତୀ-୨୦୨୦ ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରା, ବିଶ୍ଳେଷଣାତ୍ମକ ଯୁକ୍ତି, ସମସ୍ୟା ସମାଧାନ ଏବଂ ନିଷ୍ପତ୍ତି ଗ୍ରହଣ ଭଳି ଦକ୍ଷତା ବିକଶିତ କରିବା ଏହି ଚମ୍ପିୟାନସିପ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଶୁକ୍ରବାର ଦିନ ପୂର୍ବାହ୍ଣରେ ଅନୁଷ୍ଠିତ ଏହି ସମାରୋହରେ ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇଥିଲେ । ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ମାନବ ସମ୍ବଳ ଓ ପ୍ରଶାସନିକ ବିଭାଗ ମୁଖ୍ୟ ଡ. ଦେବବ୍ରତ ଦାଶ, ପାରାଦୀପ ପିଲେଟ୍ ପ୍ଲାଣ୍ଟ ମୁଖ୍ୟ ଭାବେଶ ଝା, ସିଏସଆର ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ, ଟାଇମ୍ସ ଫାଉଣ୍ଡେସନ୍ ବିଭାଗ ମୁଖ୍ୟ ଆରୁଷି ମାଥୁର, ନୂଆଗଡ ସରପଂଚ ଦେବେନ୍ଦ୍ର ରାଉତ, ପାରାଦୀପଗଡ ସରପଂଚ ସସ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏଆଇ, ପ୍ରଯୁକ୍ତି ବିଦ୍ୟା ଓ ନବସୃଜନ ଦ୍ୱାରା ଦ୍ରୁତଗିତରେ ପରିବର୍ତ୍ତନ ହେଉଥିବା ଏହି ବିଶ୍ୱରେ ପିଲାମାନଙ୍କ ମଧ୍ୟରେ ଜିଜ୍ଞାସା, ସମାଲୋଚନା ଚିନ୍ତାଧାରା, ତାର୍କିକ ଚିନ୍ତାଧାରା, ସମସ୍ୟା ସମାଧାନ ଦିଗରେ ଦକ୍ଷତା ଏବଂ ଶିଖିବାର ମାନସିକତା ବିକାଶ ବିକଶିତ ହେବା ଆବଶ୍ୟକ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ପାରାଦୀପ ଅଂଚଳରୁ ୪ହଜାର ଓ ଓଡିଶାର ୫୪ଟି ବିଦ୍ୟାଳୟରୁ ୧୧ହଜାର ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରଣ କରିଥିଲେ । ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନୀତ କରାଯାଇଥିଲା । ଚଳିତ ମାସ ୧୯ ତାରିଖରେ ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ ଗ୍ରାଣ୍ଡ ଫିନାଲେ ସହିତ ଏହି ଚମ୍ପିୟାନସିପ୍ ସମାପନ ହେବ ବୋଲି ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ସୂଚନା ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନେପାଳ ବନ୍ୟା ପରେ ...

ଏପଟେ ବାହାରେ ଉଦ୍ଧାରକାରୀ ଦଳ ଦିନରାତି ଏକ କରି ମାଟି ପଥରକୁ ଖୋଳି ହଟାଉଥିଲେ। ହଠାତ୍ ସେମାନଙ୍କ ଶବ୍ଦ ଗ୍ରହଣକାରୀ ଯନ୍ତ୍ରରେ ଭିତରୁ ଏକ ଅତି କ୍ଷୀଣ ସ୍ୱର ଶୁଣାଗଲା। ନେପାଳୀ ଭାଷାରେ ଭିତରୁ ଜଣେ କହିଲେ- 'ହୁଞ୍ଚା'। ଏହାର ଅର୍ଥ ହେଉଛି, 'ହଁ... ଆମେ ଅଛୁ' । ଉଦ୍ଧାରକାରୀ ଦଳ ଭରସା ଦେଇଥିଲେ, 'ତୁମେ ଆଦୌ ବ୍ୟସ୍ତ ହୁଅନି, ଆମେ ତୁମ ପାଖରେ ପହଞ୍ଚୁଛୁ'। ସେନା ବାହିନୀର ଯବାନମାନେ ଯେତେବେଳେ ସୁଡ଼ଙ୍ଗ ଭିତରକୁ ପଶି ସେମାନଙ୍କୁ ଷ୍ଟ୍ରେଚରରେ ବାହାରକୁ ଆଣିଲେ, ସେତେବେଳେ ସେଠାରେ ଉପସ୍ଥିତ ପ୍ରତ୍ୟେକ ଆଖି ଲୁହରେ ଓଦା ହୋଇଯାଇଥିଲା। ସେହି ଦୃଶ୍ୟ ଭଗବାନଙ୍କ ଆଶୀର୍ବାଦଠୁ କିଛି କମ୍ ନଥିଲା। ଟନେଲରୁ ଦୁଇ ଜଣ ଜୀବନ ନେଇ ଫେରିବା ପରେ, ଅନ୍ୟମାନେ ବି ଜୀବିତ ଥିବା ନେଇ ଆଶା ବଢ଼ିଛି। ୨୪ ଘଣ୍ଟିଆ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି ନେପାଳ, ଭାରତ, ଚୀନ ଓ ଦକ୍ଷିଣ କୋରିଆର ଉଦ୍ଧାରକାରୀ।

### ଜନ୍ମାଷ୍ଟମୀରେ ଚାଷୀଙ୍କ ...

୪୧ ଲକ୍ଷ ୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସହ ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଖାତାକୁ ଡିବିଟି ମାଧ୍ୟମରେ ଯାଇଛି ୮୩୩ କୋଟିରୁ ଅଧିକ ଟଙ୍କା। ରବି ଚାଷ ଆରମ୍ଭ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ ଏହି ଅର୍ଥ ଚାଷୀଙ୍କୁ ସହାୟତା କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସିଏମ୍ କିଷାନ କେବଳ ସହାୟତା ନୁହେଁ, ଏହା ଚାଷୀଙ୍କ ପରିଶ୍ରମକୁ ସମ୍ମାନ। ଚାଷୀଙ୍କ ଆୟ ବଢ଼ାଇବାକୁ କେବଳ ପାରମ୍ପରିକ ଚାଷ ନୁହେଁ, ଚାଷରେ ବିବିଧିକରଣ ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ପୂର୍ବ ସରକାରଙ୍କ ଶାସନକୁ ଟାର୍ଗେଟ କରି କହିଛନ୍ତି, ୨୦୨୨ରେ ଓଡ଼ିଶାର କୃଷି ପରିବାରର ମାସିକ ଆୟ ଥିଲା ମାତ୍ର ୫ ହଜାର ୧୧୨ ଟଙ୍କା। ଯାହା ଦେଶରେ ଦ୍ୱିତୀୟ ସର୍ବନିମ୍ନ। କିନ୍ତୁ ନୂଆ ସରକାର ଆସିବା ପରେ ଧାନ କିଣାରେ କ୍ୱିଣ୍ଟାଲ ପିଛା ଦିଆଯାଉଛି ୩ ହଜାର ୧ ଶହ ଟଙ୍କା। ଏହାଦ୍ୱାରା ଚାଷୀଙ୍କ ଆୟରେ ସିଧାସଳଖ ବୃଦ୍ଧି ଘଟିଛି ବୋଲି ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ। ନୂଆଖାଇ ପୂର୍ବରୁ ଚାଷୀଙ୍କୁ ସହାୟତା ଦେବା ଉଦ୍ଦେଶ୍ୟରେ ଜନ୍ମାଷ୍ଟମୀରେ ସିଏମ୍ କିଷାନ ଟଙ୍କା ପ୍ରଦାନ କରାଯାଇଛି। କୃଷିମନ୍ତ୍ରୀ କହିଛନ୍ତି, ନୂଆଖାଇ ପୂର୍ବରୁ କିସ୍ତି ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ବନ୍ୟା ଓ ବିପର୍ଯ୍ୟୟ ପରିସ୍ଥିତି ସହ ବ୍ୟାଙ୍କ ଛୁଟିକୁ ଦୃଷ୍ଟିରେ ରଖି ଆଜି ଟଙ୍କା ପ୍ରଦାନ କରାଯାଇଛି। ଅକ୍ଷୟ ତୃତୀୟା ଓ ନୂଆଖାଇରେ ଦିଆଯାଉଥିବା ଏହି ଟଙ୍କା, ଚଳିତବର୍ଷ ବନ୍ୟା ଓ ବ୍ୟାଙ୍କ ଛୁଟିକୁ ଦୃଷ୍ଟିରେ ରଖି ଆଜି ଦିଆଯାଇଛି। ତେବେ ସରକାରଙ୍କ ଏହି ସହାୟତା ଚାଷୀଙ୍କ ଆର୍ଥିକ ସ୍ଥିତିରେ କେତେ ବଡ଼ ପରିବର୍ତ୍ତନ ଆଣୁଛି, ତାହା ଉପରେ ରହିବ ନଜର।

### ଘର ସାଜିଥିଲା ନିଶା ସାମ୍ରାଜ୍ୟର...

ଗଞ୍ଜେଇ, ଅନ୍ୟପଟେ ବିଡ଼ା ବିଡ଼ା ନୋଟ୍। କେହି ଭାବି ନଥିଲେ ଘର ଭିତରେ ଲୁଚି ରହିଥିଲା ନିଶା କାରବାରର ଏତେ ବଡ଼ ଭଣ୍ଡାର। ଘର ଭିତରୁ ଗୋଟିଏ କି ଦୁଇଟି ନୁହେଁ, ଜବତ ହୋଇଛି ୧୭୬ ପ୍ୟାକେଟ୍ ଗଞ୍ଜେଇ। ଯାହାର ଓଜନ ପ୍ରାୟ ଏକ କ୍ୱିଣ୍ଟାଲ। ଅର୍ଥାତ୍ ଏଠି ଛୋଟମୋଟ ନୁହେଁ, ଚାଲିଥିଲା ନିଶାର ବଡ଼ ଡିଲ୍। ପୁରୀ ଗୋପାଳପୁର ଫାର୍ମାସୀ କଲେଜ ନିକଟରେ ଥିବା ଭଡ଼ା ଘର ଉପରେ ପେଣ୍ଠକଟା ଥାନା ପୋଲିସ ରେଡ୍ କରିବା ପରେ ଗଞ୍ଜେଇ ନେଟୱର୍କର ଗୁମର ଫିଟିଛି। ଅଭିଯୁକ୍ତ ମାନେ ହେଲେ ଗଞ୍ଜେଇ କାର୍ତ୍ତିକେଶ୍ୱର ସାମନ୍ତରାୟ ଓ ଦେବେନ୍ଦ୍ର ସାହୁ। ଉଭୟଙ୍କୁ ଗିରଫ କରିଛି। ଗଞ୍ଜେଇ ମିଳିବା ପରେ ବି ପୋଲିସର ଚଢ଼ାଉ ସରି ନଥିଲା। ଘରେ ଖାନତଲାସୀ ପରେ ନଜର ପଡ଼ିଥିଲା ଟଙ୍କା ଖଣି ଉପରେ। ବିଡ଼ା ବିଡ଼ା ନୋଟ୍। ପାଞ୍ଚ ଶହ, ଦୁଇ ଶହ ଓ ଶହେ ଟଙ୍କିଆ ନୋଟରେ ଭର୍ତ୍ତି ହୋଇଥିଲା ଘର। ଗଞ୍ଜେଇ ଯେତିକି, ନୋଟ୍ ବିଡ଼ା ବି ସେଭଳି ଥିଲା। ଏତେ ଟଙ୍କା ମିଳିଥିଲା ଯେ ମେସିନ ବି ଗଣି ଗଣି ହାଲିଆ ହୋଇଥିଲା। ଗଞ୍ଜେଇ କାରବାରରୁ ଏହି ଟଙ୍କା ଆସିଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି ପୋଲିସ। ଦୁହେଁ ଘରକୁ ଭଡ଼ା ନେଇ ଗଞ୍ଜେଇ କାରବାର ଚଳାଇଥିଲେ।

### ବିମାନବନ୍ଦରରେ ଅଘଟଣ...

ପ୍ରାୟ ୯:୦୨ ମିନିଟରେ ଇଣ୍ଡିଗୋ ଫ୍ଲାଇଟ୍ '୬ଇ୨୨୫' ଶ୍ରୀନଗର ବିମାନବନ୍ଦରର ବେ'' ନମ୍ବର ୦୬ରେ ପାର୍କିଂ ପାଇଁ ଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ଦୁର୍ଘଟଣା ପରେ ତୁରନ୍ତ ମାନୁଆଲ୍ ସିଡ଼ି ବ୍ୟବହାର କରି ସମସ୍ତ ଯାତ୍ରୀଙ୍କୁ ବିମାନରୁ ସୁରକ୍ଷିତ ଭାବେ ଓହ୍ଲାଯାଇଥିଲା। ଏହି ଅଘଟଣରେ କାହାରିକୁ କୌଣସି ଆଘାତ ଲାଗିନାହିଁ। ଏହି ଘଟଣାର କାରଣ ସମ୍ପର୍କରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁଧ୍ୟାନ ଓ ତଦନ୍ତ କରାଯିବ। ସମ୍ପୂର୍ଣ୍ଣ ତଦନ୍ତ ଶେଷ ହେବା ପରେ ହିଁ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସଂସ୍ଥା କହିଛି।

### ଉତ୍ତରପ୍ରଦେଶରେ...

୨ ହଜାରରୁ ଅଧିକ ମେଣ୍ଢାଙ୍କୁ ପୁଲିସ ଓ ପ୍ରଶାସନ ଉଦ୍ଧାର କରିଛନ୍ତି। ବିଳମ୍ବିତ ରାତିରେ ସୂଚନା ମିଳିବା ପରେ ଡାଦରି ଘାଟରୁ ଉଦ୍ଧାରକାରୀ ଦଳ ଅଭିଯାନ ଆରମ୍ଭ କରିଥିଲା। ରାତ୍ରି ଦୃଷ୍ଟି କ୍ଷମତାସମ୍ପନ୍ନ ଡ୍ରୋନ୍ ସାହାଯ୍ୟରେ ସେମାନଙ୍କ ଅବସ୍ଥାନ ଚିହ୍ନଟ କରାଯାଇଥିଲା। ପ୍ରାୟ ୬ ଘଣ୍ଟା ଧରି ଚାଲିଥିବା ଏହି ଅଭିଯାନରେ କୌଣସି ଜୀବନହାନି ହୋଇନାହିଁ।

# ସୁବର୍ଣ୍ଣରେଖାରେ କମୁଛି ଜଳସ୍ତର, ବଢୁଛି ଲୋକଙ୍କ ଦୁର୍ଦ୍ଦଶା: ୫ଟି ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଗାଁ ଏବେ ମଧ୍ୟ ପାଣିଘେରରେ



ବାଲିଆପାଳ , ୪/୯ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଆସିଥିବା ତୃତୀୟ ବନ୍ୟା ଚତୁର୍ଥ ଦିନରେ ଜଳ ସ୍ତର ହ୍ରାସ ପାଇଥିବା ବେଳେ ଏବେ ମଧ୍ୟ ୨୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ରହିଛି। ଗୁରୁବାର ମଧ୍ୟରାତ୍ରି ଠାରୁ ରାଜଘାଟ ଠାରେ ସୁବର୍ଣ୍ଣରେଖା ବିପଦ ସଂକେତ ତଳକୁ ଆସି ଦ୍ରୁତ ବେଗରେ କମିବାରେ ଲାଗିଛି। ବାଲିଆପାଳ ବ୍ଲକର ୫ଟି ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ଏବେ ମଧ ରହିଛି। ବାଲିଆପାଳ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଏବେ ମଧ ଜଳମଗ୍ନ ହୋଇ ରହିଛି। ବାଲିଆପାଳ ବ୍ଲକର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ପ୍ରଭୃତି ପଂଚାୟତର ବଢାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର,ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ,ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି । ପାରୁଳିଆ-ପାଳ ଚମ୍ପେଇ, ପଂଚୁରୁଖି-ଚଉଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ ଆଜି ମଧ ବନ୍ୟାଜଳ ପ୍ରବାହିତ ହେଉଛି ।ତେବେ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସି ଲୋକଙ୍କ ଧନ ଜୀବନ କ୍ଷତି ହେଉଥିବା ବେଳେ ଚାଷବାସ ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ବାରମ୍ବାର ଆସୁଥିବା ବନ୍ୟା ଦାଉରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ହେଲେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଏକ ମାତ୍ର ବିକଳ୍ପ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱର ଉଠିଲାଣି ।ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ସଂସ୍କାର ଯୋଜନା ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଛି। ଜୀବନ ଜୀବିକା ହରାଇ ବନ୍ୟା ପ୍ରଭାବିତ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପୂର୍ବ ସରକାର ମାନେ ଆଗ୍ରହ ପ୍ରକାଶ କରିନଥିଲେ। ବର୍ତ୍ତମାନ କେନ୍ଦ୍ର ଏବଂ ରାଜ୍ୟ ଉଭୟ ସ୍ଥାନରେ ବିଜେପି ସରକାର ଅଛନ୍ତି। ତେଣୁ ସରକାରଙ୍କ ଆଗ୍ରହ ଏବଂ ଇଛାଶକ୍ତି ରହିଲେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ବନ୍ୟା ପ୍ରଭାବିତ ଅଞ୍ଚଳର ଜନସାଧାରଣ କହିଛନ୍ତି। ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବାଘାଯତିନ ସ୍ମୃତି ପରିଷଦ ଓ ଯୁବ ବିକାଶ ସଂଗଠନ ଆସନ୍ତା ସେପଟ୍ଟେମ୍ବର ୧୦ ତାରିଖରେ ସାଇକେଲ ଶୋଭାଯାତ୍ରାରେ ଭୁବନେଶ୍ୱର ପର୍ଯ୍ୟନ୍ତ ଯାଇ ସ୍ଥାୟୀ ନଦୀବନ୍ଧ ପାଇଁ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ସାମିଲ ହେବାକୁ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।

# ଜିଲ୍ଲା ଉପସଭାପତି ହେଲେ ଗିରିଜା ଶଙ୍କର ନାୟକ



ବାସୁଦେବପୁର, ୪/୯ (ନି.ପ୍ର): ନିକଟରେ ଭରତୀୟ ଜନତା ପାର୍ଟିର ଭଦ୍ରକ ଜିଲ୍ଲା ଉପ ସଭାପତି ଭାବେ ମନୋନୀତ ହୋଇଛନ୍ତି ବିଶିଷ୍ଟ ରାଜନୈତିକ ନେତା ଗିରିଜା ଶଙ୍କର ନାୟକ। ବାଲି ମୁଣ୍ଡା ପଞ୍ଚାୟତରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ନାୟକ ଦୀର୍ଘ ବର୍ଷ ଧରି ଜନ ସାଧାରଣଙ୍କ ବିଭିନ୍ନ ସମସ୍ୟା ବୁଝିବା ସହିତ ଲୋକଙ୍କ ସେବା କରି ଆସୁଛନ୍ତି। ଏହି ଅବସରରେ ଶ୍ରୀ ଗିରିଜା ଶଙ୍କର ନାୟକ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା ଓ ରାଜ୍ୟ ନେତୃତ୍ୱ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଆମ ସମାଜ ପାଇଁ ଭରତୀୟ ଜନତା ପାର୍ଟି ନିଶ୍ଚିତ ଲୋକଙ୍କ ମାନଙ୍କ ସହିତ ଯୋଡ଼ି ହୋଇ ରହିବ ଏବଂ ଉନ୍ନତି ମୂଳକ କାର୍ଯ୍ୟ କରିବ ତଥା ଆମ ସରକାର ବିଭିନ୍ନ ଯୋଜନା ଆଣି ଯୁବ ପୀଢ଼ି ମାନଙ୍କୁ ନିଯୁକ୍ତି ସୁଯୋଗ ଦେବ ବୋଲି ଜିଲ୍ଲା ଉପ ସଭାପତି ଶ୍ରୀ ନାୟକ ତାଙ୍କର ମତ ପ୍ରକାଶ କରିଥିଲେ। ଜିଲ୍ଲା ଉପ ସଭାପତି ପଦ ପାଇବା ପରେ ବାସୁଦେବପୁର ବ୍ଲକ ତଥା ଭଦ୍ରକ ଜିଲ୍ଲାର ବିଭିନ୍ନ ସଂଗଠନ ଶ୍ରୀ ନାୟକଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ମୁମ୍ବାଇରେ ଓଡ଼ିଶାର ଜୟଗାନ: ଅଜୟ ଦେବଗନ୍‌ଙ୍କ ହାତରୁ 'ଇଣ୍ଟରନାସନାଲ ଗ୍ଲୋରୀ ଆୱାର୍ଡସ୍-୨୦୨୬' ଗ୍ରହଣ କଲା 'ଗ୍ରୀନ୍ ଚିଲିଜ୍'



ଭୁବନେଶ୍ୱର, ୪/୯ (ନି.ପ୍ର): ମୁମ୍ବାଇର ନୋଭୋଟେଲ୍ ଜୁହୁ ଠାରେ ଅନୁଷ୍ଠିତ ଅତି ମର୍ଯ୍ୟାଦାଜନକ ଜାତୀୟ ସମାରୋହ 'ଇଣ୍ଟରନାସନାଲ ଗ୍ଲୋରୀ ଆୱାର୍ଡସ୍ (ଓଏଇ) ୨୦୨୬' ରେ ଓଡ଼ିଶାର ପ୍ରମୁଖ ଖାଦ୍ୟ ପ୍ରସ୍ତୁତକାରୀ ତଥା କ୍ୟୁଏସଆର୍ ବ୍ରାଣ୍ଡ 'ଗ୍ରୀନ୍ ଚିଲିଜ୍'କୁ ଜାତୀୟ ସ୍ତରରେ ଗୌରବାନ୍ୱିତ କରାଯାଇଛି। ଖାଦ୍ୟ, ଆତିଥ୍ୟ ଏବଂ କ୍ୟାଟରିଂ ସେକ୍ଟରରେ ଅନନ୍ୟ ଅବଦାନ ପାଇଁ ସଂସ୍ଥାକୁ ରାଜ୍ୟର 'ମୋଷ୍ଟ ପ୍ରମିଜିଂ କ୍ୟାଟରିଂ ସର୍ଭିସେସ୍ କ୍ୟୁଏସଆର୍ ରେଷ୍ଟୁରାଣ୍ଟ ଚେନ୍ ଅଫ୍ ଦି ଇୟର୍- ୨୦୨୬' ପ୍ରତିଷ୍ଠିତ ଆୱାର୍ଡ ପ୍ରଦାନ କରାଯାଇଛି। ବଲିଉଡ୍ ସୁପରଷ୍ଟାର୍ ତଥା ପଦ୍ମଶ୍ରୀ ଅଜୟ ଦେବଗନ୍ ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଗ୍ରୀନ୍ ଚିଲିଜ୍'ର ପ୍ରତିଷ୍ଠାତା ଶ୍ରୀ ଏମ୍. କେଶବ ରାଓ ଏବଂ ନିର୍ଦ୍ଦେଶକ ଦ୍ୱୟ ଶ୍ରୀ ଏମ୍. ଜୟପ୍ରସାଦ ରାଓ ଓ ଶ୍ରୀ ଏମ୍. ତେଜେଶ୍ୱର ରାଓଙ୍କୁ ନିଜ ହାତରେ ଏହି ସମ୍ମାନଜନକ ଆୱାର୍ଡ ପ୍ରଦାନ କରିଥିଲେ। ଏହି ସ୍ୱତନ୍ତ୍ର ମୁହୂର୍ତ୍ତରେ 'ଗ୍ରୀନ୍ ଚିଲିଜ୍' ଟିମ୍ ପକ୍ଷରୁ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରତୀକ ସ୍ୱରୂପ ପାରମ୍ପରିକ ଉତ୍ତରୀୟ ପିନ୍ଧାଇ ଶ୍ରୀ ଦେବଗନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏକ ଆକର୍ଷଣୀୟ ସ୍ୱର୍ଣ୍ଣ-ଆଚ୍ଛାଦିତ ପ୍ରତିମା ତାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଓଡ଼ିଶାର ଏହି ଭାବପୂର୍ଣ୍ଣ ଉପହାର ପାଇ ଅଜୟ ଦେବଗନ୍ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ଏବଂ ଓଡ଼ିଶା ପ୍ରତି ନିଜର ଶ୍ରଦ୍ଧା ବ୍ୟକ୍ତ କରି ଖୁବ୍‌ଶୀଘ୍ର ରାଜ୍ୟକୁ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଜାତୀୟ ସଫଳତା ପରିପ୍ରେକ୍ଷୀରେ ପ୍ରତିଷ୍ଠାତା ଶ୍ରୀ ଏମ୍. କେଶବ ରାଓ ନିଜର ପ୍ରତିକ୍ରିୟା ରଖି କହିଛନ୍ତି ଯେ, 'ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣା ଏବଂ ଓଡ଼ିଶାବାସୀଙ୍କ ଅକୁଣ୍ଠ ଭଲପାଇବା ଯୋଗୁଁ ଆଜି ଆମକୁ ଏହି ଗୌରବ ମିଳିପାରିଛି। ଜାତୀୟ ମଞ୍ଚରେ ଇଣ୍ଟରନାସନାଲ ଗ୍ଲୋରୀ ଆୱାର୍ଡ-୨୦୨୬ ହାସଲ କରିବା ସାଙ୍ଗେ ସାଙ୍ଗେ ଆମ ରାଜ୍ୟର ସଂସ୍କୃତି ଏବଂ ମହାପ୍ରଭୁଙ୍କ ପ୍ରତିମା ଦେଖି ଅଜୟ ଦେବଗନ୍ ଜୀ ବହୁତ ଖୁସି ହେବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ।'

# ରାଇପୁର ଭୋଗ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବସ୍ତା ବିଧାୟିକା



ବାଲିଆପାଳ, ୪/୯ (ନି.ପ୍ର): ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତ ଅଧିନସ୍ଥ ରାଇପୁର ଗ୍ରାମରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ମାଧ୍ୟମରେତିନି ଲକ୍ଷ ଅନୁଦାନରେ ନିର୍ମିତ ହେବାକୁ ଥିବା ସିଦ୍ଧେଶ୍ୱର ମହାଦେବ ମନ୍ଦିର ଭୋଗ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଭୋଗ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେବଣିଆଡ଼ିହା ସରପଞ୍ଚ କାଳି ଚରଣ ଜେନା, ସମିତି ସଦସ୍ୟ କଟି ମାରାଣ୍ଡି, ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ,୨୨ନମ୍ବର ଜୋନ ର ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ବରିଷ୍ଠ ନେତା ଅଜୟ କୁମାର ସାମଲ,ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ଜେନା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତିଙ୍କ ସମେତ ରାଇପୁର ଗ୍ରାମବାସୀ ଉପସ୍ଥିତ ଥିଲେ ।

# କବି ଓ ଅନୁବାଦକ ଅଭିମନ୍ୟୁ ବେହେରା ସମ୍ବର୍ଦ୍ଧିତ



ବାସୁଦେବପୁର, ୪/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର ଭାଗପୁର ଗ୍ରାମରେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ଓ ପାଲା ଗାୟକ ରବୀନ୍ଦ୍ର ପ୍ରସାଦ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ଓଡ଼ିଶାର ବିଶିଷ୍ଟ କବି ତଥା ଅନୁବାଦକ ଅଭିମନ୍ୟୁ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ,ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ,ସାହିତ୍ୟିକ ପଣ୍ଡିତ ଦୈତାରୀ ମହାପାତ୍ର, କବି ଡକ୍ଟର ବସନ୍ତ କୁମାର ଦାସ, କବି ସୁଦର୍ଶନ ଅଗସ୍ତି, କବି ରତ୍ନାକର ପଣ୍ଡା,ପ୍ରଫେସର ମାଗୁଣି ବେହେରା,ରଜନୀକାନ୍ତ ପାଣି ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ କବି ଅଭିମନ୍ୟୁ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ, ଭାତଚୋର, ସମାଧି ପଥର ପ୍ରଭୃତି ବିଭିନ୍ନ ପୁସ୍ତକ ଲେଖି କବି ଓ ଅନୁବାଦକ ଶ୍ରୀ ବେହେରା ଓଡ଼ିଶାର ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ବର୍ତ୍ତମାନ କବି ଶ୍ରୀ ବେହେରା ବାସୁଦେବପୁର ସହରର ଆଦର୍ଶ ଶିକ୍ଷା ଅନୁଷ୍ଠାନ ଫିନିକ୍ସ ଏକାଡ଼େମୀ ଆବାସିକ ଉଚ୍ଚ ବିଦ୍ୟାଳୟର ଚେୟାରମେନ ଭାବେ କାର୍ଯ୍ୟ କରୁଛନ୍ତି। ସାହିତ୍ୟ କ୍ଷେତ୍ରରେ ରଙ୍ଗ ରାଗ ସାହିତ୍ୟ ସଂସ୍କୃତି ପରିଷଦ,ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ସ୍ମୃତି ପରିଷଦ, ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ବଙ୍କିମ ଚନ୍ଦ୍ର ମହାରଣାଙ୍କ ଉଦ୍ୟମରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ସ୍ମୃତି ପରିଷଦ ସହିତ ଶ୍ରୀ ବେହେରା ଜଡିତ ଏବଂ ଏହି ଅନୁଷ୍ଠାନରୁ ଶ୍ରୀ ବେହେରା ସମ୍ବର୍ଦ୍ଧିତ ହୋଇଛନ୍ତି। ରବୀନ୍ଦ୍ର ପ୍ରସାଦ ସାହୁ ସ୍ମୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ ହେବା ପରେ କବି ଶ୍ରୀ ବେହେରାଙ୍କୁ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, କବି ରତ୍ନାକର ପଣ୍ଡା, ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ,ସମ୍ପାଦକ ତଥା ଅଧ୍ୟାପକ ଚନ୍ଦ୍ର ଶେଖର ବେହେରା, କବି ନରେଶ ଚନ୍ଦ୍ର ସାହୁ, ଡକ୍ଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭବ୍ୟ ଜନ୍ମାଷ୍ଟମୀ ପାଳିତ

ନୀଳଗିରି, ୪/୯ (ନି.ପ୍ର): ପବିତ୍ର ଜନ୍ମାଷ୍ଟମୀ ଅବସରରେ ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଭକ୍ତିମୟ ପରିବେଶ ମଧ୍ୟରେ ଭବ୍ୟ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଶ୍ରୀକୃଷ୍ଣ, ରାଧା, ଯଶୋଦା ମା' ଆଦିଙ୍କ ବେଶଭୂଷାରେ ସଜ୍ଜିତ ହୋଇ ଉତ୍ସବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ତଥା ସମାଜସେବୀ ଶ୍ରୀ ଚନ୍ଦ୍ରବିନ୍ଦୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନ, ଆଦର୍ଶ, ରାଧା-କୃଷ୍ଣଙ୍କ ଦିବ୍ୟ ପ୍ରେମ ଏବଂ ଶ୍ରୀକୃଷ୍ଣଙ୍କ ଶିକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବୌଦ୍ଧିକ ଚିନ୍ତନ ପ୍ରଦାନ କରିଥିଲେ। ଶ୍ରୀକୃଷ୍ଣଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରି ସତ୍ୟ, ଧର୍ମ ଓ ନୀତିର ପଥରେ ଆଗକୁ ବଢ଼ିବାକୁ ସେ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରୁ ଏକ ଆକର୍ଷଣୀୟ ଶୋଭାଯାତ୍ରା ବାହାରି ନୀଳଗିରି ବଜାର ପରିକ୍ରମା କରିଥିଲା। ଶ୍ରୀକୃଷ୍ଣ, ରାଧା ଓ ଯଶୋଦାଙ୍କ ବେଶରେ ସଜ୍ଜିତ କୁନି କୁନି ପିଲାମାନଙ୍କ ଉପସ୍ଥିତି ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା। ନଗର ପରିକ୍ରମା ସମୟରେ 'ଜୟ ଶ୍ରୀକୃଷ୍ଣ' ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଜୟକୃଷ୍ଣ ବାରିକଙ୍କ ସମେତ ସମସ୍ତ ଆଚାର୍ଯ୍ୟ-ଆଚାର୍ଯ୍ୟା, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉତ୍ସବରେ ଉପସ୍ଥିତ ରହି ଏହାକୁ ସଫଳ କରିଥିଲେ।

# ଯୌତୁକ ନିଷେଧ ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବାରିପଦା , ୪/୯ (ନି.ପ୍ର): ଯୌତୁକ ପ୍ରଥାର ନିରାକରଣ, ଯୌତୁକ ନିଷେଧ ଆଇନ, ୧୯୬୧ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ ଏ ସମ୍ପର୍କରେ ଆଇନଗତ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣରେ ଯୌତୁକ ପ୍ରଥାର ନିରାକରଣ ଓ ଆଇନର ପ୍ରଭାବଶାଳୀ ପ୍ରୟୋଗ ବାବଦରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ବିଷୟ ବିଶାରଦ ଭାବରେ ବିଭୁ ପ୍ରସାଦ ଦାସ ପିପିଟି ପ୍ରେଜେଣ୍ଟେସନ ମାଧ୍ୟମରେ ଯୌତୁକ ନିଷେଧ ଆଇନ, ୧୯୬୧ର ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ବିସ୍ତୃତ ଓ ସୂଚନାପୂର୍ଣ୍ଣ ଆଲୋଚନା କରିଥିଲେ। ଯୌତୁକ ପ୍ରଥା ନାରୀଙ୍କ ସମ୍ମାନ, ସମାନତା ଓ ଅଧିକାରକୁ ପ୍ରଭାବିତ କରୁଥିବାରୁ ଏହାର ନିରାକରଣ ପାଇଁ ଆଇନର କଡ଼ା କାର୍ଯ୍ୟାନ୍ୱୟନ ସହିତ ସାମାଜିକ ସଚେତନତା, ସମନ୍ୱିତ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଶିକ୍ଷଣରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୌତମ କିଷାନ, ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ମହାରଣା, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ଉପସ୍ଥିତ ରହି ଯୌତୁକ ପ୍ରଥାର ନିରାକରଣ, ମହିଳାଙ୍କ ସୁରକ୍ଷା ଓ ଆଇନର କାର୍ଯ୍ୟାନ୍ୱୟନ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ ଓ ଏଫ.ସି.ସି. ସହ ଜଡ଼ିତ କର୍ମଚାରୀ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଏବଂ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ପ୍ରଶିକ୍ଷଣରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବନ୍ୟା ପୀଡ଼ିତଙ୍କ ପାଖରେ 'ଆଶାର ଆଲୋକ'

## ବିପଦରେ ସାଥୀ ହେଲା ଆଶା ସ୍ୱେଚ୍ଛାସେବୀ ସଂଗଠନ



ବସ୍ତା , ୪/୯ (ନି.ପ୍ର): ବନ୍ୟାରେ ଅସହାୟ ହୋଇପଡ଼ିଥିବା ପରିବାରଙ୍କ ପାଖରେ ଠିଆ ହୋଇ ମାନବିକତାର ଏକ ନୂଆ ଉଦାହରଣ ସୃଷ୍ଟି କରିଛି ଆଶା ସ୍ୱେଚ୍ଛାସେବୀ ସଂଗଠନ। ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ ଅନ୍ତର୍ଗତ ପାଉଁଶକୁଳି ଗ୍ରାମ ପଞ୍ଚାୟତର ଗିଲାଜୁଡ଼ି ଗ୍ରାମ ଏବଂ ନବରା ଗ୍ରାମପଞ୍ଚାୟତର ଜମାଲପୁର ଗ୍ରାମର ପ୍ରାୟ ୧୨୦ରୁ ୧୩୦ଟି ବନ୍ୟା ପ୍ରଭାବିତ ପରିବାରଙ୍କୁ 'ଆଶାର ଆଲୋକ' ପକ୍ଷରୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଆଶା ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ଡକ୍ଟର ଅମର କୁମାର ପାଲଙ୍କ ନେତୃତ୍ୱରେ ଏହି ସେବା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସଂଗଠନର ଶିକ୍ଷା, ଦିବ୍ୟାଙ୍ଗ ପୁନର୍ବାସନ, ଥେରାପି ଓ ଚିକିତ୍ସା ସହାୟତା, ବୃଦ୍ଧ ସେବା, ଦକ୍ଷତା ବିକାଶ, ସଚେତନତା କାର୍ଯ୍ୟକ୍ରମ ଓ ବିଭିନ୍ନ ସାମାଜିକ ସେବା ସହିତ 'ଆଶାର ଆଲୋକ' ମାଧ୍ୟମରେ ଅସହାୟ ଲୋକଙ୍କ ଜୀବନରେ ଆଶା ଓ ସାହସ ଜଗାଇବାର ପ୍ରୟାସ ଜାରି ରହିଛି।ଏହି ପ୍ରୟାସ କେବଳ ଖାଦ୍ୟ ବଣ୍ଟନରେ ସୀମିତ ନୁହେଁ। ବିପଦ ସମୟରେ ଲୋକଙ୍କ ଦୁଃଖକୁ ଅନୁଭବ କରିବା, ଆବଶ୍ୟକତା ଚିହ୍ନଟ କରିବା ଏବଂ ଅସହାୟ ପରିବାରଙ୍କ ମନରେ ପୁଣିଥରେ ଆଶାର ଆଲୋକ ଜଳାଇବା ହେଉଛି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ।ଏହି ସେବା କାର୍ଯ୍ୟକୁ ସଫଳ କରିବାରେ ଆଶା ପରିବାରର ସଦସ୍ୟମାନଙ୍କର ଏକତା, ସମର୍ପଣ ଓ ନିଷ୍ଠା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଡକ୍ଟର ଅମର କୁମାର ପାଲ, ମଞ୍ଜୁବତୀ ବିଶ୍ୱାଳ, ସନ୍ଧ୍ୟାରାଣୀ ବିଶ୍ୱାଳ, ରାଜେଶ ସାହୁ, ବିପ୍ଳବ ଭୂୟାଁ, ଅମର ମହାରଣା, ଶମ୍ଭୁନାଥ ଜେନା, ସୁମନା ପରିଡ଼ା,ପଞ୍ଚାନନ ବେହେରା, ଅଜୟ କୁମାର ଦଳାଇ, ଏ.ଏମ. ପ୍ରଜ୍ଞା ପ୍ରକାଶ ପାଲ, ବିକାଶ ଜେନା, ଅଶୋକ କୁମାର ବେହେରା ଓ ଅଶୋକ କୁମାର ସେନାପତିଙ୍କ ସମର୍ପିତ ସହଯୋଗରେ ଏହି ମାନବିକ ପ୍ରୟାସ ସଫଳ ହୋଇଛି। ଏହି ସଫଳତା କେବଳ ଜଣଙ୍କର ନୁହେଁ,ଏହା ସମଗ୍ର ଆଶା ପରିବାରର ସମର୍ପଣ ର ଫଳ। ଏକାଠି ହୋଇ ଆମେ କେବଳ ଏକ ସେବା କାର୍ଯ୍ୟ କରିନାହୁଁ, ଆମେ ମିଶିକରି ଅନେକ ଜୀବନରେ ଆଶାର ଆଲୋକ ଜଳାଇଛୁ। 'ଆଶାର ଆଲୋକ' ଆଗାମୀ ଦିନରେ ମଧ୍ୟ ଅସହାୟ, ନିରାଶ୍ରୟ ଓ ବିପଦଗ୍ରସ୍ତ ଲୋକଙ୍କ ପାଖରେ ଠିଆ ହେବାର ସଂକଳ୍ପ ସହିତ ଆଗେଇ ଚାଲିବ।ଦାନ ନୁହେଁ, ଏକ ନୂଆ ଆଶା । ବିପଦରେ ସାଥୀ, ସେବାରେ ଆଶା — ଏହା ହିଁ ଆମର ପ୍ରତିବଦ୍ଧତା ବୋଲି ଶ୍ରୀ ପାଲ କହିଛନ୍ତି।

# ପ୍ରବାଦପୁରୁଷ ବନମାଳୀ ବାବୁଙ୍କ ୧୦୮ତମ ଜନ୍ମଜୟନ୍ତୀ ପାଳିତ




ନୀଳଗିରି , ୪/୯ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଞ୍ଚଳ କମିଟି ତରଫରୁ ଭାରତବର୍ଷର ପ୍ରଥମ ଗଡଜାତ ମିଶ୍ରଣ ରାଜ୍ୟ ନୀଳଗିରି ମାଟିରେ ଜନ୍ମିତ ପ୍ରବାଦ ପୁରୁଷ ସ୍ୱର୍ଗତ ବନମାଳୀ ଦାସଙ୍କର ୧୦୮ତମ ଜନ୍ମଜୟନ୍ତୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠନେତା କୈଳାଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ବନମାଳୀଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ନୀଳଗିରି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ କମିଟି ସଦସ୍ୟ ନିରଞ୍ଜନ ବାରିକ, ବିଧାନସଭା ପ୍ରାର୍ଥୀ ଆଇନଜୀବୀ ଅଜୟ ପଟ୍ଟନାୟକ, ଜୋନସମ୍ପାଦକ ବିଜୟ ସ ସମେତ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲାକମିଟି ସଦସ୍ୟ ଅନିରୁଦ୍ଧ ନାୟକ, ଗାୟତ୍ରୀ ପଣ୍ଡା, ହରେକୃଷ୍ଣ ପଣ୍ଡିତ, ପ୍ରଭାକର ମହାପାତ୍ର, ଜୋନ କମିଟି ସଦସ୍ୟ ରବୀନ୍ଦ୍ର ନାୟକ, ବିକ୍ରମ ମିଶ୍ର, ଦେବେନ୍ଦ୍ର ବେହେରା, ସୀତାରାମ ଦାସ, ସମେତ ବହୁ ସଭ୍ୟସଭ୍ୟା ଯୋଗଦାନ କରିଥିଲେ ଜପ୍ରଥମେ ବନମାଳୀ ଦାସଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନକରି ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଜନ୍ମଜୟନ୍ତୀ ଉତ୍ସବ ଉଦ୍ଘାଟନ କରିଥିଲେ।ସ୍ୱର୍ଗତ ବନମାଳୀ ଦାସ ନୀଳଗିରିର ନୁହଁ ଓଡିଶା ମାଟିପାଇଁ ଏକ ଗୌରବର ପ୍ରତୀକ ବୋଲି ଚିତ୍ତ ଷଡ଼ଙ୍ଗୀ ମତବ୍ୟକ୍ତ କରିଥିବା ବେଳେ ୧୯୩୦ମସିହା ଇଞ୍ଚୁଡ଼ି ଠାରେ ଲବଣ ସତ୍ୟାଗ୍ରହରେ ଛାତ୍ର ଅବସ୍ଥାରେ ସ୍କୁଲ ଛାଡି ଯୋଗଦାନ କରିଥିବା ନିରଞ୍ଜନ ବାରିକ ପ୍ରକାଶ କରିଥିଲେ। ଅଜୟ ପଟ୍ଟନାୟକ ଧନ୍ୟବାଦ୍ ଜଣାଇଥିଲେ।

# ନୂଆ ଥାନାଧିକାରୀଙ୍କୁ ବୈଶିଙ୍ଗା ମିଡିଆ ସେଣ୍ଟର ତରଫରୁ ସୌଜନ୍ୟମୂଳକ ସାକ୍ଷାତ



ବୈଶିଙ୍ଗା , ୪/୯ (ନି.ପ୍ର): ବୈଶିଙ୍ଗା ଥାନାର ନୂଆ ଥାନାଧିକାରୀ ଭାବେ ଇନିସପେକଟର ବାବାଶଙ୍କର ସରାଫ୍ ଗତ ୩ ତାରିଖରେ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଶୁକ୍ରବାର ସନ୍ଧ୍ୟାରେ ବୈଶିଙ୍ଗା ମିଡିଆ ସେଣ୍ଟର ତରଫରୁ ସୌଜନ୍ୟମୂଳକ ସାକ୍ଷାତ କରାଯାଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଆଇନ୍ ଶୃଙ୍ଖଳା ରକ୍ଷା ନିମନ୍ତେ ବୈଶିଙ୍ଗା ପୋଲିସର ସହଯୋଗ ପାଇଁ ଗୁରୁତ୍ ଦିଆଯାଇଥିଲା । ବୈଶିଙ୍ଗା ମିଡିଆ ସେଣ୍ଟର ତରଫରୁ ସମ୍ପୂର୍ଣ୍ଣ ସହଯୋଗ ଦିଆଯିବ ବୋଲି ସଭାପତି ସଞ୍ଜୟ କୁମାର ମିଶ୍ର ପ୍ରକାଶ କରିଥିବା ବେଳେ ଆଇ ଆଇ ସି ମଧ୍ୟ ସମସ୍ତଙ୍କର ସହଯୋଗ ଲେଡି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୀତାନାଥ ବେହେରା , ସ୍ୱରୂପ ପଟ୍ଟନାୟକ, ମଧୁସୂଦନ ମହାନ୍ତି, ନରହରି ବିଶ୍ୱାଳ, ଭାଗବତ ମହାନ୍ତ, ବିମଳେନ୍ଦୁ ମହାପାତ୍ର, ଦେବବ୍ରତ ପରିଡା, ଜୟନ୍ତ ମହାପାତ୍ର ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ ।

# ଶାନ୍ତି କମିଟି ପକ୍ଷରୁ ଖଦାଳପୋଖରୀ ଗ୍ରାମରେ ଶାନ୍ତି ଓ ସଦ୍‌ଭାବନା ସଭା




ଭଦ୍ରକ , ୪/୯ (ନି.ପ୍ର): ଚାନ୍ଦବାଲି ଗତ ବିଧାନସଭା ନିର୍ବାଚନ ଠାରୁ ଖଦାଳପୋଖରୀ ଗ୍ରାମରେ ବିଭିନ୍ନ ଗୁଣ୍ଡା ଶ୍ରେଣୀର ଅସାମାଜିକ ଯୁବକଙ୍କ ପକ୍ଷରୁ ଯେଉଁ ଅରାଜକତା ସୃଷ୍ଟି ହୋଇଥିଲା ତାର ସ୍ଥାୟୀ ସମାଧାନ ପାଇଁ ଗଠିତ ଶାନ୍ତି କମିଟି ପକ୍ଷରୁ ଖଦାଳପୋଖରୀ ଗ୍ରାମର ବରିଷ୍ଠ ଆଇନଜୀବି ଗିରିଧାରୀ ନାଥ ଙ୍କ ସଭାପତିତ୍ୱରେ ଏକ ଶାନ୍ତି ଓ ସଦଭାବନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବରିଷ୍ଠ ଆଇନଜୀବି ତଥା ସିପିଆଇଏମ ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ, ଘଣ୍ଟେଶ୍ୱର ସୁରକ୍ଷା ମଞ୍ଚ ସଭାପତି ଆଇନଜୀବି ବିକାଶ ନାଥ, ଘଣ୍ଟେଶ୍ୱର ସୁରକ୍ଷା ମଞ୍ଚ ସମ୍ପାଦକ ଅଞ୍ଜନ ଦାସ ,ବରିଷ୍ଠ ଆଇନଜୀବି ରଞ୍ଜନ ନାୟକ, ଚାନ୍ଦବାଲି ଏସଡିପିଓ ପ୍ରଭାସ କୁମାର ସାହୁ, ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତି, ବାଉଁଶଗଡା ଥାନାଧୀକାରିଣୀ ପ୍ରିୟଦର୍ଶିନୀ ଖଟୁଆ, ପିରହାଟ ଥାନାଧିକାରିଣୀ ରୋଜାଲିନୀ ବେହେରା, ଘଣ୍ଟେଶ୍ୱର ଫାଣ୍ଡିଧିକାରୀ ଇନ୍ସପେକ୍ଟର ଅରୂପ ସାମଲ ,ଶାନ୍ତି କମିଟି ସଭାପତି ଚନ୍ଦ୍ରମଣି ଦାସ, ସମ୍ପାଦକ ଚକ୍ରଧର ଦାସ, ଦଳିତ ନେତା ହାକିମ ଦାସ, ଘଣ୍ଟେଶ୍ୱର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ନାଥ ପ୍ରମୁଖ ଉପସ୍ଥିତ ରହି ଖଦାଳ ପୋଖରୀ ଗ୍ରାମରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ବିଭିନ୍ନ ଯୋଜନା ଗ୍ରହଣ କରିଥିଲେ। ଏହି ସଭାରେ ପ୍ରାୟ ୩୦୦ ଖଦାଳପୋଖରୀ ଗ୍ରାମବାସୀ ଓ ଶତାଧିକ ପୋଲିସ ଉପସ୍ଥିତ ଥିଲେ।

# ୯୦ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିବା ବ୍ୟକ୍ତିଙ୍କୁ ମିଳୁଛି ୧ହଜାର ଟଙ୍କା ଭତ୍ତା



ଉଦଳା , ୪/୯ (ନି.ପ୍ର): ଖୁଂଟା ବ୍ଲକର ଗଡ଼ିଗାଁ ପଂଚାୟତ ଅନ୍ତର୍ଗତ କାହ୍ନୁପୁର ଗ୍ରାମର ବାସିନ୍ଦା ସୁଶାନ୍ତ ପାତ୍ରଙ୍କର ଭିନ୍ନକ୍ଷମ ପୁତ୍ର ନିତେଶ କୁମାର ପାତ୍ର ମାସିକ ୧ହଜାର ଟଙ୍କା ଭତା ପାଉଥିବାର ଖବର ଆମର ହସ୍ତଗତ ହୋଇଛି। ନିତେଶ କୁମାରଙ୍କୁ ଡ଼ାକ୍ତର ୯୦ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ୮୦ପ୍ରତିଶତରୁ ଉର୍ଦ୍ଧ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିବା ବ୍ୟକ୍ତି ବିଶେଷଙ୍କୁ ମାସିକ ୩୫୦୦ଟଙ୍କା ଭତା ପ୍ରଦାନ କରାଯାଉଛି ବୋଲି ସରକାର ଘୋଷଣା କରିଛନ୍ତି । ତେବେ ନିତେଶ ୯୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ସତ୍ୱେ ୩୫୦୦ଟଙ୍କା ଭତା କାହିଁକି ପାଇପାରୁ ନାହାଁନ୍ତି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି । ଏ ବାବଦରେ ପିତା ସୁଶାନ୍ତ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କଲେ ନାହିଁ ବୋଲି ଅଭିଯୋଗ କରିଛନ୍ତି । ଶେଷରେ ଉଦଳା ଆସି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଏ ବାବଦରେ ଲିଖିତ ଜଣାଇଥିଲେ । ଜିଲ୍ଲାପାଳ ଏହି ଦରଖାସ୍ତକୁ ଗ୍ରହଣ କରି ଖୁଂଟା ବ୍ଲକରେ କାର୍ଯ୍ୟରତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଇତି ମଧ୍ୟରେ ଦିର୍ଘ ୮ ମାସ ସମୟ ବିତି ଯାଇଥିଲେ ମଧ୍ୟ ତାଙ୍କର ଭିନ୍ନକ୍ଷମ ପୁତ୍ର ନିତେଶ କୁମାର ବର୍ଦ୍ଧିତ ଭତା ପାଇପାରି ନଥିବାର କଥା କହିଛନ୍ତି । ଉକ୍ତ ଘଟଣାରୁ ମୟୁରଭଂଜ ଜିଲ୍ଲାପଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଏକ ପ୍ରହସନ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅଧିକାରୀ ମାନେ ମାନୁ ନାହାଁନ୍ତି, ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲାରେ ପୂର୍ବରୁ ଚାଲି ଆସୁଥିବା ଅଫିସର ରାଜର ଠାଣି ଆଜିବି ହଟି ନାହିଁ ବୋଲି କେତେକ ମତ ଦେଇଛନ୍ତି । ଏ ହେଉଛି ତାର ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି କହିଛନ୍ତି । ରାଜ୍ୟ ସରକାର ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ କିଷାନ' ରବି ୨୦୨୬-୨୭ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର, ୪/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ କିଷାନ' ରବି ୨୦୨୬-୨୭ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ କଲେକ୍ଟରେଟ୍ ଅଡିଟୋରିୟମ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ଟଙ୍କା ଓଡ଼ିଶାର ଚାଷୀମାନଙ୍କୁ ଡିବିଟି ମାଧ୍ୟମରେ ଆର୍ଥିକ ସହାୟତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ସହିତ ରାଜ୍ୟର ସମସ୍ତ ଜିଲ୍ଲା ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ି ହୋଇଥିଲେ। ବାଲେଶ୍ୱରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବସ୍ତାର ମାନ୍ୟବର ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କ ସହିତ ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱଜିତ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ଜେନା କହିଥିଲେ ଯେ, ରାଜ୍ୟ ସରକାର ଚାଷୀମାନଙ୍କ ଆର୍ଥିକ ସଶକ୍ତିକରଣ ଓ କୃଷି କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ କୃଷକକଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। 'ମୁଖ୍ୟମନ୍ତ୍ରୀ କିଷାନ' ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ସିଧାସଳଖ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବାରୁ ଏହା କୃଷକମାନଙ୍କ ପାଇଁ ଉପଯୋଗୀ ହୋଇପାରିଛି। ବାଲେଶ୍ୱର ଜିଲ୍ଲାରେ ଚଳିତ 'ମୁଖ୍ୟମନ୍ତ୍ରୀ କିଷାନ' ରବି ୨୦୨୬-୨୭ ପର୍ଯ୍ୟାୟରେ ମୋଟ ୩,୦୫,୦୨୫ ଜଣ ହିତାଧିକାରୀ ଆର୍ଥିକ ସହାୟତା ପାଇଲେ। ସେମାନଙ୍କ ଖାତାକୁ ଡିବିଟି ମାଧ୍ୟମରେ ମୋଟ ୬୧,୦୦,୫୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥରାଶି ଚାଷୀମାନଙ୍କୁ ରବି ଚାଷ ପାଇଁ ଆବଶ୍ୟକ କୃଷି ସାମଗ୍ରୀ ଓ ଅନ୍ୟାନ୍ୟ କୃଷି କାର୍ଯ୍ୟରେ ସହାୟକ ହେବ। କାର୍ଯ୍ୟକ୍ରମରେ କୃଷି ବିଭାଗର ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ସାମ୍ବାଦିକ ଗଣ, କୃଷକ ଓ ହିତାଧିକାରୀମାନେ ଯୋଗଦେଇଥିଲେ।

# ଦିଲ୍ଲୀର ଇସ୍କନ ମନ୍ଦିରରେ ପୂଜାର୍ଚ୍ଚନା କଲେ ନୀତିନ ନବୀନ

ନୂଆଦିଲ୍ଲୀ, ୪/୯ (ନି.ପ୍ର): ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ପୂର୍ବ କୈଳାସ ସ୍ଥିତ ଇସ୍କନ ମନ୍ଦିରରେ ପହଂଚି ଭଗବାନ କୃଷ୍ଣଙ୍କ ଦର୍ଶନ କରିଥିଲେ ଏବଂ ସେଠାରେ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ସେ ଦେଶବାସୀଙ୍କ ସୁଖ, ଶାନ୍ତି ଏବଂ ସମୃଦ୍ଧି କାମନା କରିଥିଲେ । ମନ୍ଦିରରେ ପୂଜା କରିବା ପରେ ଗଣମାଧ୍ୟମ ସହ କଥାବାର୍ତ୍ତା କରି ନୀତିନ ନବୀନ କହିଛନ୍ତି, 'ଭଗବାନ କୃଷ୍ଣ ଆମ ସମସ୍ତଙ୍କର ଆରାଧ୍ୟ ଅଟନ୍ତି । ସେ ସର୍ବଦା ଏହି ରାଷ୍ଟ୍ରର, ଏହାର ସନାତନ ପରମ୍ପରା ଏବଂ ସଂସ୍କୃତିର ଧ୍ୱଜାବାହକ ହୋଇ ରହିଛନ୍ତି। ସେ ତାଙ୍କର ସମଗ୍ର ଜୀବନ ଅଧର୍ମର ବିନାଶ ଏବଂ ଧର୍ମ ପ୍ରତିଷ୍ଠା ପାଇଁ ଉତ୍ସର୍ଗ କରିଥିଲେ।






# ଖପରାପଦା କ୍ଷୀରୋଦା ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ

ବାଲିଆପାଳ , ୪/୯ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା ସ୍ଥିତ କ୍ଷୀରୋଦା ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶୁକ୍ରବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଓ ରାଧା ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଛାତ୍ର ଛାତ୍ରୀ ମାନେ ଶିଶୁ ବିଦ୍ୟା ମନ୍ଦିର ରୁ ଖପରାପଦା ବଜାର, ବିଲକୁମ୍ଭାରୀ ରାଧାମାଧବ ଜୀଉ ମଠ ପର୍ଯ୍ୟନ୍ତ ନଗର ପରିକ୍ରମା କରିଥିଲେ ଅତିଥି ଭାବେ ଶିଶୁ ବିଦ୍ୟା ମନ୍ଦିର ର ପ୍ରାଣ ପ୍ରତିଷ୍ଠାତା ଅବସରପ୍ରାପ୍ତ ସେନା ଅଧିକାରୀ ମାନସ କୁମାର ବେହେରା, ସିଆରସିସି ପାର୍ଥ ସାରଥୀ ବେହେରା, ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ କୁମାର ସେଠୀ, ସହ ସମ୍ପାଦକ ଶୟନ କୁମାର ମହାନ୍ତି ,ସଦସ୍ୟା ଶୁଚିସ୍ମିତା ଗିରି, ହରେକୃଷ୍ଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଶିଶୁ ବିଦ୍ୟାମନ୍ଦିର ର କୁନି କୁନି ପୁଅ ଝିଅମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା କ୍ଷଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁମା ଅଞ୍ଜନା ମିଶ୍ର,ଗୁରୁଜୀ ଜଳଧର ଦେ, ନିର୍ମଳ କୁମାର ଧଳ, ରାଜେଶ କୁମାର ଦେ, ସୁକାନ୍ତ ପ୍ରଧାନ, ଗୋପାଳ କୃଷ୍ଣ ବିଶ୍ୱାଳ, ଗୁରୁମା କୃଷ୍ଣା କୁମାରୀ ସୁର, ଝୁନା ରାଣୀ ଦାସ,ଚିନ୍ମୟୀ କର, ବିଦ୍ୟୁତ ପ୍ରଭା ଦେ, ବିଷ୍ଣୁପ୍ରିୟା କୁହ୍ଲାରୀ, ସ୍ନେହଲତା ଦେ (ଅପା) ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida